# ନିତିଦିନ NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
7 MAY 2026
ଗୁରୁବାର
୭ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 ● ISSUE 348 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ ● ସଂଖ୍ୟା ୩୪୮ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର





# ମୁମ୍ବାଇ ଏୟାର୍‌ପୋର୍ଟରେ ଅଗ୍ନିକାଣ୍ଡ

**ମୁମ୍ବାଇ, ୬।୫/ଏଜେନ୍ସି:** ମୁମ୍ବାଇର ପୂର୍ବ ଅନ୍ଧେରୀସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରର ଟି-୨ ଅଣ୍ଡରଗ୍ରାଉଣ୍ଡ୍ ମେଟ୍ରୋ ଷ୍ଟେସନ୍‌ର ଟେକ୍ନିକାଲ୍ ରୁମ୍‌ରେ ବୁଧବାର ଅପରାହ୍ନରେ ୪:୧୦ ସମୟରେ ଅଗ୍ନିକାଣ୍ଡ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ଯଦିଓ ଅଗ୍ନିକାଣ୍ଡର ଭୟାବହତା ତଥା ଏଥିରେ ମୃତାହତଙ୍କ ବାସ୍ତବିକ ତଥ୍ୟ ହସ୍ତଗତ ହୋଇପାରିନାହିଁ, ତଥାପି ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁ ଲିଭାଇବା ପ୍ରକ୍ରିୟା ଜାରି ରହିଥିଲା ବୋଲି ଜଣାପଡିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଯାତ୍ରୀମାନଙ୍କୁ ବାହାରକୁ ବାହାର କରାଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡି ଯାଇଥିଲେ ମଧ୍ୟ ପ୍ରାଥମିକ ସୂଚନା ଅନୁଯାୟୀ, କେହି ମୃତାହତ



ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିନାହିଁ। ତେବେ ଇଲେକ୍ଟ୍ରିକାଲ୍ ଇନଷ୍ଟଲେସନ୍ କିମ୍ବା ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ପ୍ରବଳ ଧୂଆଁ ଯୋଗୁଁ 'ମେଟ୍ରୋ ଆକ୍ୱା ଲାଇନ୍ ୩'କୁ ଅନେକ ସମୟ ପାଇଁ ବନ୍ଦ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନ ମେଟ୍ରୋ ସେବା ପୁଣି ଥରେ ଆରମ୍ଭ ହୋଇଯାଇଛି। ପ୍ରକାଶ, ଏହା ପୂର୍ବରୁ ଗତ ଏପ୍ରିଲ ୯ ତାରିଖ ଗୁରୁବାର ସନ୍ଧ୍ୟାରେ ମୁମ୍ବାଇ ବିମାନବନ୍ଦରର ଟର୍ମିନାଲ୍-୧ରେ ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀ ଏବଂ ଜରୁରୀକାଳୀନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଳ୍ପ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ସେହି ଘଟଣାରେ ମଧ୍ୟ କେହି ଆହତ ହୋଇନଥିଲେ। ସେତେବେଳେ ମଧ୍ୟ ପ୍ରାଥମିକ ଯାଞ୍ଚରୁ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଇଥିଲା।

# ୨ ଭାରତୀୟ ସାମ୍ବାଦିକଙ୍କୁ ପୁଲିଜର ପୁରସ୍କାର

**ନ୍ୟୁୟର୍କ,୬।୫/ଏଜେନ୍ସି:** ସମ୍ପ୍ରତି ଡିଜିଟାଲ ସ୍କାମ୍ ବା ସାଇବର ଠକେଇ ବହୁ ମାତ୍ରାରେ ବଢ଼ିଚାଲିଛି। ଉଚ୍ଚ ଶିକ୍ଷିତ ଲୋକମାନେ ମଧ୍ୟ ଏହି ଠକେଇର ଶିକାର ହେଉଛନ୍ତି। ଏହା ସମାଜ ପାଇଁ ଏକ ବଡ଼ ବିପଦ ସାଜିଛି। ଏଭଳି ଠକେଇରୁ ବର୍ତ୍ତିବା ପାଇଁ ଡିଜିଟାଲ ନିରୀକ୍ଷଣ ଏବଂ ସାଇବର ଠକେଇକୁ ଗ୍ରାଫିକ୍ସ ମାଧ୍ୟମରେ ଦର୍ଶାଇ ଲୋକମାନଙ୍କୁ ସଚେତନ କରିଥିବା ୨ ଭାରତୀୟ ବଂଶୋଦ୍ଭବ ସାମ୍ବାଦିକ ଆନନ୍ଦ ଆର୍‌କେ ଏବଂ ସୁପର୍ଣ୍ଣା ଶର୍ମାଙ୍କୁ ସମ୍ମାନଜନକ ପୁଲିଜର୍ ପୁରସ୍କାର-୨୦୨୬ ମିଳିଛି। ଆନନ୍ଦ ଏବଂ ସୁପର୍ଣ୍ଣା ଇଲୁଷ୍ଟ୍ରେଟେଡ ରିପୋର୍ଟିଂ ଏବଂ କମେଣ୍ଟ୍ରି ବର୍ଗରେ ଏହି ପୁରସ୍କାର ଲାଭ କରିଛନ୍ତି। ଉଭୟ ବ୍ଲୁମ୍‌ବର୍ଗର ନାଟାଲି ଓବିକୋ ପିଅର୍ସନଙ୍କ ସହିତ ଏହି ପୁରସ୍କାର ବାଣ୍ଟିଛନ୍ତି। ଏହା ସହିତ, ହାନୋଇ ସ୍ଥିତ ଜଣେ ସାମ୍ବାଦିକ ଅନିରୁଦ୍ଧ ଘୋଷାଲ ମଧ୍ୟ ଅନ୍ତର୍ଜାତୀୟ ରିପୋର୍ଟିଂ' ବିଭାଗରେ ପୁଲିଜର୍



ବିଜୟୀ ହୋଇଛନ୍ତି। ସୋମବାର ଘୋଷିତ ପୁଲିଜର୍ ପୁରସ୍କାରର ୱେବ୍‌ସାଇଟ ତଥ୍ୟ ଅନୁଯାୟୀ, ବ୍ଲୁମ୍‌ବର୍ଗ ପାଇଁ ପ୍ରସ୍ତୁତ 'ଟ୍ରାପ୍‌ଡ' ଶୀର୍ଷକ ଉପରେ ଆନନ୍ଦ ଏବଂ ସୁପର୍ଣ୍ଣା କାର୍ଯ୍ୟ କରିଥିଲେ। ଏଥିରେ ସେମାନେ ଭାରତର ଜଣେ ସ୍ନାୟୁରୋଗ ବିଶେଷଜ୍ଞଙ୍କ ଏକ କାହାଣୀକୁ ବର୍ଣ୍ଣନା କରିଛନ୍ତି, ଯିଏ ତାଙ୍କ ଫୋନ ମାଧ୍ୟମରେ 'ଡିଜିଟାଲ ଆରେଷ୍ଟ'ର ଶିକାର ହୋଇଥିଲେ। ପୁଲିଜର ବିଚାରକମଣ୍ଡଳୀ ଏହି ରିପୋର୍ଟକୁ ଆକର୍ଷଣୀୟ କାହାଣୀ କହିବା ସହିତ ଏହା ବର୍ଦ୍ଧିତ ଡିଜିଟାଲ ବିପଦ ବିଷୟରେ ସଚେତନତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍ ସ୍କୁଲ୍ ଅଫ୍ ଜର୍ଣ୍ଣାଲିଜମ୍ ଦ୍ୱାରା ପରିଚାଳିତ ପୁଲିଜର୍ ପୁରସ୍କାରକୁ ଆମେରିକାର ସାମ୍ବାଦିକତା, ସାହିତ୍ୟ ଏବଂ ସଙ୍ଗୀତ ରଚନା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ମଧ୍ୟରେ ବିବେଚନା କରାଯାଏ।

# ପେଟ୍ରୋଲ୍, ଡିଜେଲ୍ ଦର ବଢ଼ିବା ନିଶ୍ଚିତ: ଆଇଏମ୍ଏଫ୍

**ନୂଆଦିଲ୍ଲୀ, ୬।୫/ଏଜେନ୍ସି:** ଭାରତରେ ବିଧାନସଭା ନିର୍ବାଚନ ଶେଷ ହୋଇଥିବାରୁ ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିକୁ ନେଇ ପୁଣିଥରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ନିର୍ବାଚନ ଫଳ ପ୍ରକାଶ ପରେ ତେଲ ଦର ବଢ଼ିବ ବୋଲି ବିଭିନ୍ନ ରେଟିଂ ଏଜେନ୍ସି ଓ ବ୍ରୋକରେଜ୍ ସଂସ୍ଥା ପୂର୍ବାନୁମାନ କରିଥିଲେ। କିନ୍ତୁ କେନ୍ଦ୍ର ସରକାର ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ ଏବଂ ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ, ଡିଜେଲ୍ ତଥା ଗ୍ୟାସ୍ ମହଜୁଦ୍ ଥିବା କହିଆସୁଛନ୍ତି। ତେବେ ଏବେ ଏହି ବିତର୍କରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଧ୍ୟ ସାମିଲ ହୋଇଛି। ସରକାରଙ୍କୁ ପେଟ୍ରୋଲ୍ ଦର ନିଶ୍ଚିତ ବଢ଼ାଇବାକୁ ପଡ଼ିବ ବୋଲି ଆଇଏମ୍ଏଫ୍‌ର ବରିଷ୍ଠ ଅଧିକାରୀ ତଥା ଆଇଏମ୍ଏଫ୍‌ର ଏସିଆ



ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ନିର୍ଦ୍ଦେଶକ କ୍ରିଷ୍ଣା ଶ୍ରୀନିବାସନ କହିଛନ୍ତି। ଶ୍ରୀନିବାସନ୍‌ଙ୍କ କହିବାନୁସାରେ ମଧ୍ୟପ୍ରାଚ୍ୟ ସଂକଟ ଯୋଗୁ ବିଶ୍ୱର ପ୍ରାୟ ସବୁ ଦେଶର ସରକାରଙ୍କ ପାଇଁ ଏବେ ଆର୍ଥିକ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ସୁତରାଂ ଦରଦାମ ବୃଦ୍ଧି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। କିନ୍ତୁ ତାଙ୍କର ଏହି ଯୁକ୍ତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ଡେପୁଟି ଗଭର୍ଣ୍ଣର ପୁନମ ଗୁପ୍ତା ଖାରଜ କରିଛନ୍ତି। ସେ କହିଛନ୍ତି, ଯେ ଜିଡିପି ପ୍ରତି ଭାରତର ମୋଟ୍ ଋଣହାର ଯାହା ୨୦୨୬ରେ ୮୩.୪ ପ୍ରତିଶତ ରହିଛି ତାହା ୨୦୩୧ ସୁଦ୍ଧା ୭୭.୭ ପ୍ରତିଶତକୁ ହ୍ରାସ ପାଇବ। କିନ୍ତୁ ସେହି ସମୟ ଭିତରେ ଅନ୍ୟ ସବୁ ଧନୀ, ମଧ୍ୟମ ଧନୀ ଓ ଗରିବ ଦେଶଗୁଡ଼ିକରେ ଋଣ ହାର ବଢ଼ିବ। ତେବେ ଏହାର ଅର୍ଥ ଭାରତରେ ଦରଦାମ୍ ବଢ଼ିବାର ସମ୍ଭାବନା ଅପେକ୍ଷାକୃତ କମ୍ ରହିଛି।

# ୪୮ ଘଣ୍ଟାରେ ଶେଷ ହେବ ଇରାନ୍ ଯୁଦ୍ଧ !

## ୧୪ସୂତ୍ରୀ ବୁଝାମଣାପତ୍ର ପ୍ରସ୍ତୁତ

**ତେହରାନ୍, ୱାଶିଂଟନ୍, ୬।୫/ଏଜେନ୍ସି:** ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆମେରିକା-ଇରାନ-ଇସ୍ରାଏଲ୍ ଯୁଦ୍ଧ ହୁଏତ ଶେଷ ହୋଇପାରେ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ମଧ୍ୟରେ ଏପ୍ରକାର ଏକ ସମ୍ଭାବନାର ସଞ୍ଚାର ହୋଇଛି। ରିପୋର୍ଟ ଅନୁସାରେ ଆମେରିକା

### ଆମେରିକା ଫେରସ୍ତ କରିବ ଇରାନ୍‌ର ସମସ୍ତ ସମ୍ପତ୍ତି

### ଇରାନ୍ ହର୍ମୁଜ ପ୍ରଣାଳୀ ଖୋଲିବା ସହ ବନ୍ଦ କରିବ ଆଣବିକ କାର୍ଯ୍ୟକ୍ରମ !

ଏବଂ ଇରାନ ଯୁଦ୍ଧ ଶେଷ କରିବା ଏବଂ ଆଣବିକା ଆଲୋଚନା ପାଇଁ ରାସ୍ତା ପ୍ରଶସ୍ତ କରିବା ପ୍ରକ୍ରିୟାର ଅତି ନିକଟତର ହୋଇଛନ୍ତି। ଆମେରିକୀୟ ୱେବସାଇଟ୍ 'ଏକ୍ସିଓସ୍' ରିପୋର୍ଟ ଅନୁଯାୟୀ, ଇରାନ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆମେରିକା ସହ ଅସ୍ତ୍ରବିରତି ପାଇଁ ସମ୍ମତି ଦେଇପାରେ। ଉଭୟ ଦେଶ ମଧ୍ୟରେ ୧୪ ପଏଣ୍ଟ ବିଶିଷ୍ଟ ଏକ ବୁଝାମଣା ପତ୍ର ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଯଦିଓ ଏହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, କିନ୍ତୁ ଆଲୋଚନା ପୂର୍ବ ଅପେକ୍ଷା ବହୁତ ଆଗକୁ ବଢ଼ିଛି।

ତେବେ ବୁଝାମଣାରେ ସାମିଲ କରାଯାଇଥିବା ମୁଖ୍ୟ ସର୍ତ୍ତଗୁଡ଼ିକ ମଧ୍ୟରେ ସର୍ବପ୍ରଥମେ ଯୁଦ୍ଧ ଶେଷ କରିବା ପାଇଁ ଘୋଷଣା କରାଯିବା, ୩୦ ଦିନ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ବିସ୍ତୃତ ଆଲୋଚନା ହେବା ଏବଂ ଏଥିରେ ହର୍ମୁଜ, ଆଣବିକ କାର୍ଯ୍ୟକ୍ରମ ଏବଂ ଆମେରିକୀୟ ପ୍ରତିବନ୍ଧକ କୋହଳ କରିବା ଭଳି ପ୍ରସଙ୍ଗ ଆଦି ସାମିଲ ରହିବ। ଉଭୟ ଦେଶ ମଧ୍ୟରେ ଆଲୋଚନା ପାଇଁ ଇସଲାମାବାଦ୍ କିମ୍ବା ଜେନିଭା ଭଳି ସହରକୁ ଭେନ୍ୟୁ କରିବା ପାଇଁ ବିଚାର କରାଯାଉଛି। ଏସବୁ ମଧ୍ୟରେ ଯଦି ଆଲୋଚନା ସଫଳ ହୁଏ ଅର୍ଥାତ୍ ଏହି ୧୪ ପଏଣ୍ଟ ବିଶିଷ୍ଟ ବୁଝାମଣାପତ୍ରରେ ଉଭୟ ଦେଶ ସହମତ ହୁଅନ୍ତି ତେବେ ଇରାନ କିଛି ସମୟ ପାଇଁ ନିଜର ପରମାଣୁ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିପାରେ। ଏହାର ବଦଳରେ ଆମେରିକା ଧୀରେ ଧୀରେ ପ୍ରତିବନ୍ଧକ



ହଟାଇବ ଏବଂ ଇରାନର ଜବତ ହୋଇଥିବା ବିଲିୟନ ଡଲାର ରାଶି ମୁକ୍ତ କରିପାରେ। ଏହାସହିତ ହର୍ମୁଜ ପ୍ରଣାଳୀରେ ଉଭୟ ପକ୍ଷରୁ ଲଗାଯାଇଥିବା କଟକଣା ମଧ୍ୟ କୋହଳ କରାଯିବ।

କିନ୍ତୁ ଏହି ୧୪ ସୂତ୍ରୀ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଏତେ ସହଜ ପ୍ରତୀତ ହେଉନାହିଁ। କାରଣ ଇରାନ୍ ନିଜ ପରମାଣୁ କାର୍ଯ୍ୟକ୍ରମ ବନ୍ଦ ରଖିବାର ଅବଧିକୁ ନେଇ ସବୁଠାରୁ ବଡ଼ ବିବାଦ ରହିଛି। ଇରାନ ୫ ବର୍ଷର ପ୍ରସ୍ତାବ ଦେଇଥିବା ବେଳେ ଆମେରିକା ୨୦ ବର୍ଷ ଚାହୁଁଛି। ସୁତରାଂ ଏହାକୁ ଏକ ଆପୋଷ ବୁଝାମଣା ମାଧ୍ୟମରେ ବିକଳ୍ପ ମାର୍ଗ ବାହାର କରିବାକୁ ଚେଷ୍ଟା କରାଯାଉଛି, ଯେଉଁଥିରେ ୧୨ରୁ ୧୫ ବର୍ଷର ଅବଧି ଉପରେ ଆଲୋଚନା ଚାଲିଛି। ଯଦି ଇରାନ୍ ଏଥିରେ ରାଜି ହୋଇଯାଏ ତେବେ ଦୁଇ ଦେଶ ଯୁଦ୍ଧରୁ ବିମୁଖ ହୋଇପାରନ୍ତି। ପ୍ରକାଶ, ହର୍ମୁଜ୍‌ରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ପାଇଁ ଆମେରିକା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଏକ ନୂତନ ପ୍ରସ୍ତାବ ଆଣିଛି। ଏଥିରେ ଇରାନକୁ ହର୍ମୁଜ୍ ମାର୍ଗରେ ଆକ୍ରମଣ, ମାଇନ୍ସ ବିଛାଇବା ଏବଂ ଟୋଲ୍ ଆଦାୟ ତୁରନ୍ତ ବନ୍ଦ କରିବାକୁ କୁହାଯାଇଛି। ଅନ୍ୟପକ୍ଷେ ଇରାନ କିନ୍ତୁ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ୟୁଏଇ ଉପରେ ମିସାଇଲ ଏବଂ ଡ୍ରୋନ ମାଧ୍ୟମରେ ଆକ୍ରମଣ କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ଇରାନ ଯୁଦ୍ଧ ଶେଷ ହେବାର ଆଶା ସହିତ ଅଶୋଧିତ ତୈଳ ଦର ପ୍ରାୟ ୬% ପର୍ଯ୍ୟନ୍ତ ହ୍ରାସ ପାଇଛି। ଯାହାକି ବିଶ୍ୱ ବଜାରରେ ଏକ ଆଶ୍ୱସ୍ତିକର ପରିବେଶ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ବୁଧବାର ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍‌ର ମୂଲ୍ୟ ୬% ରୁ ଅଧିକ ହ୍ରାସ ପାଇ ବ୍ୟାରେଲ ପିଛା ପ୍ରାୟ ୧୦୩ ଡଲାରକୁ ଆସିଯାଇଛି। ସେହିପରି ଆମେରିକାର ଅଶୋଧିତ ତୈଳ ମଧ୍ୟ ପ୍ରାୟ ୭% ହ୍ରାସ ପାଇ ବ୍ୟାରେଲ ପିଛା ୯୫ ଡଲାରରେ ପହଞ୍ଚିଛି। ଏହା ପୂର୍ବରୁ ମଧ୍ୟ ମୂଲ୍ୟରେ ପ୍ରାୟ ୪% ହ୍ରାସ ଦେଖିବାକୁ ମିଳିଥିଲା। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଯଦି ଆମେରିକା ଏବଂ ଇରାନ ମଧ୍ୟରେ ବୁଝାମଣା ହୋଇଯାଏ, ତେବେ ତୈଳ ଯୋଗାଣ ବୃଦ୍ଧି ପାଇପାରେ। ଏଭଳି ପରିସ୍ଥିତିରେ ଦର ହ୍ରାସ ପାଇବା ସ୍ୱାଭାବିକ।

## ଇଣ୍ଡୋନେସିଆରେ ଭୟଙ୍କର ସଡ଼କ ଦୁର୍ଘଟଣା

# ବସ୍-ତୈଳ ଟ୍ୟାଙ୍କର୍ ଧକ୍କା, ୧୬ ଜୀବନ୍ତ ଦଗ୍ଧ

**ଜାକର୍ତ୍ତା, ୬।୫/ଏଜେନ୍ସି:** ଇଣ୍ଡୋନେସିଆରେ ଏକ ଅଏଲ୍ ଟ୍ୟାଙ୍କର ସହ ଯାତ୍ରୀ ବୋଝେଇ ବସ୍ ଧକ୍କା ହେବା ଏବଂ ଏଥିରେ ୧୬ ଜଣଙ୍କର ପୋଡ଼ି ହୋଇ ମୃତ୍ୟୁ ହେବା ଭଳି ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ସମ୍ବାଦ ହସ୍ତଗତ ହୋଇଛି। ରିପୋର୍ଟ ଅନୁସାରେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଏହି ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଟ୍ୟାଙ୍କର ସହ ଧକ୍କା ହେବା ପରେ ପରେ ବସ୍‌ଟିରେ ହଠାତ୍ ନିଆଁ ଲାଗିଯାଇଥିଲା। ଅନେକ ଲୋକ ଜୀବନ ବିକଳରେ ବସ୍‌ରୁ ବାହାରକୁ ବାହାରି ଆସିବାରେ ସମର୍ଥ ହୋଇଥିଲେ ମଧ୍ୟ ଦୁର୍ଭାଗ୍ୟଜନକ ଭାବେ ୧୬ ଜଣ ଭିତରେ ରହିଯାଇଥିଲେ। ଅନ୍ୟପକ୍ଷେ ନିଆଁ ଏତେ ତ୍ୱରିତ ବେଗରେ ପୁରା ବସ୍‌କୁ କବଳିତ କରିନେଇଥିଲା ଯେ, ଏମାନଙ୍କୁ ଉଦ୍ଧାର ମଧ୍ୟ କରାଯାଇପାରିନଥିଲା, ଯାହାଦ୍ୱାରା ବସ୍ ସହ ଏହି ୧୬ ଯାତ୍ରୀ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ବସ୍ ଡ୍ରାଇଭର, ୧୩ ଜଣ ଯାତ୍ରୀ ଏବଂ ଟ୍ୟାଙ୍କରର ଡ୍ରାଇଭର ଓ ହେଲପର ସାମିଲ



ଅଛନ୍ତି। ସୂଚନା ଅନୁଯାୟୀ, ବସ୍‌ରେ ପ୍ରାୟ ୪୦ରୁ ଅଧିକ ଯାତ୍ରୀ ଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଉଦ୍ଧାରକାରୀ ଦଳ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୧୬ ଯାତ୍ରୀଙ୍କ ଏପ୍ରକାର ବିଭତ୍ସ ମୃତ୍ୟୁକୁ ରୋକାଯାଇପାରିନାହିଁ। ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଆହତ ହୋଇ ଏବେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# 'ବନ୍ଦେ ମାତରମ୍' ଅପମାନ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୬।୫/ଏଜେନ୍ସି:** କେନ୍ଦ୍ର ସରକାର 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହିତ ସମାନ ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୁଧବାର ଏନେଇ ଗାଇଡ୍ ଲାଇନ୍ ଜାରି କରାଯାଇଛି। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍' ଉପରେ ଏବେ ସେହି ସମସ୍ତ ନିୟମ ଏବଂ କଟକଣା ଲାଗୁ ହେବ, ଯାହା ବର୍ତ୍ତମାନ ଜାତୀୟ ସଙ୍ଗୀତ ତଥା ରବୀନ୍ଦ୍ର ନାଥ ଟାଗୋରଙ୍କ ରଚିତ 'ଜନ ଗଣ ମନ' ପାଇଁ ପ୍ରଯୁଜ୍ୟ ରହିଛି। ବର୍ତ୍ତମାନ ଜାତୀୟ ପତାକା ତ୍ରିରଙ୍ଗା, ସମ୍ବିଧାନ ଏବଂ ଜାତୀୟ ସଙ୍ଗୀତର ଅପମାନ ପାଇଁ ଜେଲ୍, ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି। ଏବେ ଏଥିରେ 'ବନ୍ଦେ ମାତରମ୍'କୁ ମଧ୍ୟ ସାମିଲ କରାଯାଇଛି। 'ରାଷ୍ଟ୍ରୀୟ ଗୌରବ ଅପମାନ ପ୍ରତିରୋଧ ଅଧିନିୟମ'ରେ ସଂଶୋଧନ ଆଇନରେ ପରିବର୍ତ୍ତନ ଏବଂ ଦଣ୍ଡର ବ୍ୟବସ୍ଥା' ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସରକାର ଏହି ପରିବର୍ତ୍ତନ କରୁଛନ୍ତି। ଏଥିପାଇଁ ଆଇନର ଧାରା ୩ ରେ ସଂଶୋଧନ କରାଯିବ। ଏହି ଧାରା ଅନୁଯାୟୀ, ଯଦି କେହି ବ୍ୟକ୍ତି ଜାଣିଶୁଣି 'ବନ୍ଦେ ମାତରମ୍' ଗାନରେ ବାଧା ସୃଷ୍ଟି କରନ୍ତି, ତେବେ ତାଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡ ମିଳିପାରେ। ପ୍ରଥମେ 'ବନ୍ଦେ ମାତରମ୍' (ରାଷ୍ଟ୍ରଗୀତ) ଗାନ କରାଯିବ ଏବଂ ପରେ 'ଜାତୀୟ ସଙ୍ଗୀତ'।

# ଆଇ-ପ୍ୟାକ୍ ସହ ଚୁକ୍ତି କରିବେନି ଅଖିଳେଶ

**ଲକ୍ଷ୍ନୌ, ୬।୫/ଏଜେନ୍ସି:** ଆସନ୍ତାବର୍ଷ ପଞ୍ଜାବ, ଗୋଆ, ମଣିପୁର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସହ ଉତ୍ତରପ୍ରଦେଶରେ ମଧ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେବେ ଏବେ ଠାରୁ ରାଜନୈତିକ ଦଳଗୁଡ଼ିକ ଗୋଟି ଚାଳନା କରିବା ଆରମ୍ଭ କରିଦେଇଛନ୍ତି। ରିପୋର୍ଟ ଅନୁସାରେ ଉତ୍ତର ପ୍ରଦେଶରେ ସମ୍ପ୍ରତି ମୁଖ୍ୟ ବିରୋଧୀ ଦଳ ଭୂମିକା ନିର୍ବାହ କରୁଥିବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ଏବେ ଏକ ବଡ଼ ନିଷ୍ପତ୍ତି ନେଇଛି। ଦଳ ଏବେ ରାଜନୈତିକ ପରାମର୍ଶଦାତା ଫାର୍ମ ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପାକ୍) ସହିତ ଚୁକ୍ତି କରିବ ନାହିଁ ବୋଲି ସ୍ଥିର କରିଛି। ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷ ଧରି କ୍ଷମତାସୀନ ଥିବା ଟିଏମ୍‌ସି ଓ ତାମିଲନାଡୁରେ ଶାସନ କରୁଥିବା ଡିଏମ୍‌କେର ପରାଜୟ ପରେ ସମାଜବାଦୀ ପାର୍ଟି ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଛି। ପୂର୍ବରୁ ଅଖିଳେଶ ନିଜ ଦଳ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଆଇ-ପ୍ୟାକ୍ ସହ ଚୁକ୍ତି କରିବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ଦଳ ସବୁକିଛି ସ୍ପଷ୍ଟ କରିଦେଇଛି। ଆଇ-ପାକ୍ ତାମିଲନାଡୁରେ ଡିଏମ୍‌କେ ଓ ପଶ୍ଚିମବଙ୍ଗରେ ଟିଏମ୍‌ସି ସରକାର ପାଇଁ ରଣନୀତି ପ୍ରସ୍ତୁତ କରିଥିବାବେଳେ ଦୁଇ ରାଜ୍ୟରେ ଶାସକ ଦଳ ପରାଜିତ ହୋଇଥିଲେ। ଏହାକୁ ଦେଖି ଅଖିଳେଶ ହୁଏତ ଭୟଭୀତ ହୋଇପଡିଛନ୍ତି ବୋଲି କୁହାଯାଉଛି।

# ବଙ୍ଗଳାରେ ବିଜେପି ସରକାର, ବାଂଲାଦେଶର ଛାତି ଧଡ଼ଧଡ଼

**ଢ଼ାକା, ନୂଆଦିଲ୍ଲୀ, ୬।୫/ଏଜେନ୍ସି:** ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ଲାଭ କରିଥିବା ବିଜେପି ଏବେ ସରକାର ଗଠନ ପାଇଁ ପ୍ରସ୍ତୁତ ହେଉଛି। ବିଜେପି ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ଦଳ ଜଣେ ବରିଷ୍ଠ ତଥା ଅଭିଜ୍ଞ

## ତାରିକ୍‌ଙ୍କ ସରକାରକୁ ଘାରିଛି ଶରଣାର୍ଥୀ ଭୟ



ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଯୋଜନା କରୁଛି। ତେବେ ପଶ୍ଚିମବଙ୍ଗରେ ବିଜେପିର ଏପ୍ରକାର ଚଳଚଞ୍ଚଳକୁ ନେଇ ପଡୋଶୀ ବାଂଲାଦେଶ କିନ୍ତୁ ଅସ୍ତବ୍ୟସ୍ତ ହୋଇପଡିଛି। ବାସ୍ତବରେ ବାଂଲାଦେଶ ସରକାର ଏବେ ଭୟଭୀତ ହୋଇପଡିଛନ୍ତି।

ରିପୋର୍ଟ ଅନୁସାରେ ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ବିଜୟ ପରେ ବାଂଲାଦେଶ ସରକାର ଆଶଙ୍କା କରୁଛନ୍ତି ଯେ, ଭାରତକୁ ଅନୁପ୍ରବେଶ କରିଥିବା ଅନେକ ବାଂଲାଦେଶୀ ନାଗରିକଙ୍କୁ ବିଜେପି ଏବେ ଜୋରଜବରଦସ୍ତି ଭାରତରୁ ବାହାର କରିପାରେ। କାରଣ ବିଜେପି, ପଶ୍ଚିମବଙ୍ଗ ନିର୍ବାରେ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବ ନେଇ ପ୍ରତିଶ୍ରୁତି ଦେଇଥିଲା। ତେବେ ଏହାକୁ ନେଇ ବାଂଲାଦେଶର ଗୃହମନ୍ତ୍ରୀ ସଲାଉଦ୍ଦିନ ଅହମ୍ମଦ ଏକ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି ଯେ ଭାରତରୁ ଲୋକଙ୍କୁ ଜବରଦସ୍ତି ସୀମା ପାର୍ କରିବା ଅର୍ଥାତ୍ 'ପୁଶବ୍ୟାକ୍' ଘଟଣା ବୃଦ୍ଧି ପାଇବ ନାହିଁ ବୋଲି ସେ ଏବଂ ତାଙ୍କ ସରକାର ଆଶା କରୁଛନ୍ତି। ସଲାଉଦ୍ଦିନ ଅହମ୍ମଦ କହିଛନ୍ତି ଯେ ସେ ଚାହୁଁନାହାଁନ୍ତି କାହାକୁ ବେଆଇନ ପ୍ରବାସୀ ଦର୍ଶାଇ ଭାରତରୁ ବାଂଲାଦେଶ ଆଡକୁ ଠେଲି ଦିଆଯାଉ। ଏହାକୁ ଦୃଷ୍ଟିରେ ରଖି ବାଂଲାଦେଶର ସୀମା ସୁରକ୍ଷା ବାହିନୀକୁ ସତର୍କ ରହିବାକୁ ବାଂଲାଦେଶ ସରକାର ନିର୍ଦ୍ଦେଶ ଦେଇସାରିଛନ୍ତି। ତେବେ ସଲାଉଦ୍ଦିନ୍‌ଙ୍କ ପୂର୍ବରୁ ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଖଲିଲୁର ରହମାନ ମଧ୍ୟ କହିଥିଲେ ଯେ ଯଦି ଏଭଳି ଘଟଣା ଘଟେ, ତେବେ ବାଂଲାଦେଶ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। 'ପୁଶବ୍ୟାକ୍'ର ଅର୍ଥ ହେଉଛି କୌଣସି ବ୍ୟକ୍ତିଙ୍କୁ ଜବରଦସ୍ତି ସୀମା ପାର୍ କରାଇ ପଠାଇଦେବା। ଗତ କିଛି ବର୍ଷ ମଧ୍ୟରେ ଭାରତ ଏବଂ ବାଂଲାଦେଶ ସୀମାରେ ଏଭଳି ମାମଲା ସାମ୍ନାକୁ ଆସିଛି। ପ୍ରକୃତରେ ବଙ୍ଗଳା ନିର୍ବାଚନ ସମୟରେ ବିଜେପି, ମମତା ବାନାର୍ଜୀଙ୍କ ସରକାର ଉପରେ ଅଭିଯୋଗ ଆଣିଥିଲା ଯେ ସେ ବାଂଲାଦେଶରୁ ଆସିଥିବା ବେଆଇନ ପ୍ରବାସୀମାନଙ୍କୁ ଆଶ୍ରୟ ଦେଇଛନ୍ତି।

ଅନ୍ୟପକ୍ଷରେ, ବାଂଲାଦେଶର ଶାସକ ଦଳ ବିଏନ୍‌ପିର ସୂଚନା ସଚିବ ଅଜିଜୁଲ୍ ବାରୀ ହେଲାଲ୍, ପଶ୍ଚିମବଙ୍ଗ ବିଜୟ ପାଇଁ ବିଜେପିକୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ଏହାଦ୍ୱାରା ଭାରତ-ବାଂଲାଦେଶ ସମ୍ପର୍କ ମଜବୁତ୍ ହୋଇପାରିବ। ସେ ମମତା ବାନାର୍ଜୀ ସରକାରଙ୍କ ଉପରେ ତିସ୍ତା ଜଳ ବଣ୍ଟନ ଚୁକ୍ତିରେ ବିଳମ୍ବ କରିଥିବା ଅଭିଯୋଗ ଆଣିବା ସହ କହିଛନ୍ତି ଯେ ମମତା ଏଥିରେ ସବୁଠାରୁ ବଡ଼ ବାଧକ ଥିଲେ। ହେଲାଲ୍ ଦାବି କରିଛନ୍ତି ଯେ ଏହି ବୁଝାମଣା ବାଂଲାଦେଶ ସରକାର ଏବଂ ମୋଦୀ ସରକାର ଉଭୟ ଚାହୁଁଥିଲେ।

ହେଲାଲ୍ ଆଶା ପ୍ରକଟ କରିଛନ୍ତି ଯେ ବିଜେପି ନେତୃତ୍ୱରେ ଗଠିତ ସରକାର ଭାରତ ଏବଂ ବାଂଲାଦେଶର ସମ୍ପର୍କକୁ ଉନ୍ନତ କରିବ ଏବଂ ତିସ୍ତା ଚୁକ୍ତିକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ। ତାଙ୍କ କହିବାନୁସାରେ ଭାରତର ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗର ସୀମା ବାଂଲାଦେଶ ସହିତ ସବୁଠାରୁ ଲମ୍ବା। ତେଣୁ ସେଠାକାର ରାଜନୀତିର ପ୍ରଭାବ ସିଧାସଳଖ ଉଭୟଙ୍କ ସମ୍ପର୍କ ଉପରେ ପଡ଼ିଥାଏ। ସେଠାରେ କ୍ଷମତା ପରିବର୍ତ୍ତନ ଉଭୟ ଦେଶ ପାଇଁ ଭଲ। ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ସୀମା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକରେ ମଧ୍ୟ ସୁଧାର ଆସିପାରେ।

ତିସ୍ତା ନଦୀର ୫୦% ଜଳ ଚାହୁଁଛି ବାଂଲାଦେଶ। ତିସ୍ତା ନଦୀ ହିମାଳୟର ପାହୁନରୀ ଗ୍ଲାସିୟର୍ ବାହାରି ସିକିମରୁ ପଶ୍ଚିମବଙ୍ଗ ଦେଇ ବାଂଲାଦେଶକୁ ଯାଇଥାଏ ଏବଂ ପରେ ବ୍ରହ୍ମପୁତ୍ର ନଦୀରେ ମିଶିଥାଏ। ଏହି ନଦୀ ମୋଟ୍ ୪୧୪ କିଲୋମିଟର ପଥ ଅତିକ୍ରମ କରେ। ଏହି ନଦୀ ସହିତ ବାଂଲାଦେଶର ୨ କୋଟି ଏବଂ ଭାରତର ୧ କୋଟି ଲୋକଙ୍କ ଜୀବିକା ଜଡ଼ିତ। ଏହି ଦୀର୍ଘ ଯାତ୍ରା ସମୟରେ ତିସ୍ତା ନଦୀର ୮୩% ଅଂଶ ଭାରତରେ ଏବଂ ୧୭% ଅଂଶ ବାଂଲାଦେଶରେ ରହିଥାଏ। ଭାରତ ଏବଂ ବାଂଲାଦେଶ ମଧ୍ୟରେ ତିସ୍ତା ନଦୀର ଜଳ ବଣ୍ଟନକୁ ନେଇ ଅନେକ ବର୍ଷ ଧରି ବିବାଦ ଚାଲିଛି। ବାଂଲାଦେଶ ତିସ୍ତା ନଦୀର ୫୦ ପ୍ରତିଶତ ଜଳ ଉପରେ ଅଧିକାର ଚାହୁଁଛି, ଯେଉଁଠି ଭାରତ ନିଜ ପାଇଁ ୫୫% ଜଳ ଚାହୁଁଛି। ବିଶେଷଜ୍ଞଙ୍କ ମତରେ, ଯଦି ତିସ୍ତା ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୁଏ, ତେବେ ପଶ୍ଚିମବଙ୍ଗ ନଦୀ ଜଳକୁ ନିଜ ମନମୁତାବକ ବ୍ୟବହାର କରିପାରିବ ନାହିଁ। ଏହି କାରଣରୁ ମମତା ବାନାର୍ଜୀ ଏହାକୁ ଏଡ଼ାଇ ଆସୁଥିଲେ।

# ବିଜେପିର ବିଜୟକୁ କୋର୍ଟରେ ଚ୍ୟାଲେଞ୍ଜ୍ କରିବ ଟିଏମ୍‌ସି !

**କୋଲକାତା, ୬।୫/ଏଜେନ୍ସି:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଏକତରଫା ବିଜୟ ହାସଲ କରିଛି। ବିଜେପିକୁ ୨୦୭ ଏବଂ ଟିଏମ୍‌ସିକୁ ୮୦ଟି ଆସନ ମିଳିଛି। ବିଜେପିକୁ ସମୁଦାୟ ୨ କୋଟି ୯୨ ଲକ୍ଷ ୨୪ ହଜାର ୮୦୪ ଭୋଟ୍ ମିଳିଥିବା ବେଳେ ତୃଣମୂଳ କଂଗ୍ରେସକୁ ୨ କୋଟି ୬୦ ଲକ୍ଷ ୧୩ ହଜାର ୩୭୭ ଭୋଟ୍ ମିଳିଛି। ଅର୍ଥାତ୍ ବିଜେପିକୁ

## ଅଯୋଗ୍ୟ ଘୋଷିତ ଭୋଟର୍‌ଙ୍କ ସଂଖ୍ୟା ବିଜୟ ବ୍ୟବଧାନ ଠାରୁ ଅଧିକ ହେଲା କିପରି ?

ଟିଏମ୍‌ସି ଠାରୁ ମାତ୍ର ୩୨ ଲକ୍ଷ ୧୧ ହଜାର ୪୨୭ ଅଧିକ ଭୋଟ୍ ମିଳିଛି। ସିଧାସଳଖ କହିଲେ ରାଜ୍ୟର ମୋଟ୍ ୨୯୩ ବିଧାନସଭା ଆସନ ହିସାବରେ ବିଜେପି ପ୍ରତି ଆସନରେ ହାରାହାରି ୧୦,୯୬୦ ଅଧିକ ଭୋଟ୍ ପାଇଛି। ଅନ୍ୟପକ୍ଷେ ରାଜ୍ୟରେ ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର୍) ମାଧ୍ୟମରେ ସମୁଦାୟ ୯୧ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଅର୍ଥାତ୍ ପ୍ରତି ଆସନରେ ହାରାହାରି ୩୦ ହଜାର ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ସମୁଦାୟ ୨୯୩ଟି ଆସନ ମଧ୍ୟରୁ ୧୭୬ଟିରେ ବିଜୟ ବ୍ୟବଧାନ ୩୦ ହଜାରରୁ କମ୍ ଏବଂ ୧୧୭ଟି ଆସନରେ ୩୦ ହଜାରରୁ ଅଧିକ ରହିଛି। ବିଜେପି ୧୨୮ଟି ଆସନ ୩୦ ହଜାରରୁ କମ୍ ବ୍ୟବଧାନରେ ଜିତିଛି। ବଙ୍ଗଳାରେ ୩୦ ହଜାରରୁ କମ୍ ବ୍ୟବଧାନରେ ବିଜୟ ହୋଇଥିବା ୧୭୬ଟି ଆସନ ମଧ୍ୟରୁ ବିଜେପିର ୧୨୮ଟି ଆସନ ରହିଛି। ସେହିପରି ୩୦ ହଜାରରୁ ଅଧିକ ବ୍ୟବଧାନରେ ବିଜୟ ହୋଇଥିବା ୧୧୭ଟି ଆସନ ମଧ୍ୟରୁ ବିଜେପି ୭୯ଟି ଆସନ ଜିତିଛି। ତୃଣମୂଳ କଂଗ୍ରେସର ୪୪ଟି ଆସନରେ ବିଜୟ ବ୍ୟବଧାନ ୩୦ ହଜାରରୁ କମ୍ ଏବଂ ୩୬ଟି ଆସନରେ ୩୦ ହଜାରରୁ ଅଧିକ ରହିଛି। ବିଜେପିର ଏଭଳି ୨୫ଟି ଆସନ ଅଛି, ଯେଉଁଠାରେ ବାଦ୍ ପଡ଼ିଥିବା କିମ୍ବା ଅଯୋଗ୍ୟ ଘୋଷିତ ଭୋଟରଙ୍କ ସଂଖ୍ୟା ବିଜୟ




ବ୍ୟବଧାନ ଠାରୁ ଅଧିକ। ଏସ୍‌ଆଇଆର୍ ପ୍ରସଙ୍ଗରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ, ଭୋଟ୍ ସଂଖ୍ୟା ବିଜୟ ବ୍ୟବଧାନ ଠାରୁ କମ୍ ହେଲେ ହସ୍ତକ୍ଷେପ କରିବୁ ନାହିଁ। ମମତା ସରକାରଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ, ଯଦି ବାଦ୍ ପଡ଼ିଥିବା ଭୋଟ୍ ସଂଖ୍ୟା ବିଜୟ ବ୍ୟବଧାନ ଠାରୁ କମ୍ ହୋଇଥାଏ, ତେବେ କୋର୍ଟ ହସ୍ତକ୍ଷେପ କରିବ ନାହିଁ। କାରଣ ସେହି ଭୋଟ୍ ରହିବା କିମ୍ବା ନରହିବା ଦ୍ୱାରା ଫଳାଫଳ ଉପରେ ପ୍ରଭାବ ପଡ଼ିନଥାଏ। ହସ୍ତକ୍ଷେପ ସେତେବେଳେ କରାଯିବ ଯେତେବେଳେ ବାଦ୍ ପଡ଼ିଥିବା ଭୋଟ୍ ଏତେ ଅଧିକ ଥିବ ଯେ ତାହା ହାର-ଜିତ୍‌ର ବ୍ୟବଧାନକୁ ବଦଳାଇ ପାରୁଥିବ। ଏଭଳି ପରିସ୍ଥିତିରେ ଟିଏମ୍‌ସି ବର୍ତ୍ତମାନ ନିର୍ବାଚନ ଫଳାଫଳକୁ କୋର୍ଟରେ ଚ୍ୟାଲେଞ୍ଜ କରିପାରେ।

NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
7 MAY 2026
ଗୁରୁବାର
୭ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 348 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୪୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ବିଳମ୍ବ ହେବ ବିଜୟଙ୍କ ରାଜ୍ୟାଭିଷେକ

## ରାଜ୍ୟପାଳଙ୍କୁ ଭେଟି ସରକାର ଗଢ଼ିବାକୁ ଆଉ କିଛି ଦିନର ମହଲତ ମାଗିଲେ ଥଲାପତି

**ଚେନ୍ନାଇ, କୋଲକାତା, ଦିସ୍ପୁର, ୬।୫/ଏଜେନ୍ସି:**

ତାମିଲନାଡୁରେ ନୂଆ ସରକାର ଗଠନ ୭ ମେ'ରେ ହେବ ବୋଲି ପୂର୍ବରୁ କୁହାଯାଉଥିଲା। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ତାମିଲନାଡୁରେ ନୂଆ ସରକାର ଗଠନ ପାଇଁ ଆଉ କିଛି ଦିନ ସମୟ ଲାଗିପାରେ। ସିଧାସଳଖ କହିଲେ ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ଆଉ କିଛି ବିଳମ୍ବ ହୋଇପାରେ। ସଦ୍ୟ ସମାପ୍ତ ରାଜ୍ୟ ବିଧାନସଭା ନିର୍ବାଚନରେ ଥଲାପତି ବିଜୟଙ୍କ ଦଳ ଟିଭିକେ ୧୦୮ ଆସନ ଜିତି ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ସରକାର ଗଠନ କରିବା ପାଇଁ ଆବଶ୍ୟକ ସଂଖ୍ୟା ଠାରୁ କିଛି ଆସନ ଦୂରରେ ରହିଛି। ରିପୋର୍ଟ ଅନୁସାରେ ରାଜ୍ୟର ମୋଟ୍ ବିଧାନସଭା ଆସନ ସଂଖ୍ୟା ୨୩୪ ରହିଥିବା ରହିଥିବା ବେଳେ ସରକାର ଗଠନ କରିବା ▶▶ ୬

**ସରକାର ଗଠନ ପାଇଁ ଟିଭିକେକୁ ଆବଶ୍ୟକ ୧୧୮ ବିଧାୟକ**

**କଂଗ୍ରେସର ୫ ବିଧାୟକଙ୍କୁ ମିଶାଇ ଦଳ ପାଖରେ ଅଛି ୧୧୩ ସମର୍ଥନ**

**ସମର୍ଥନ ଦେବାକୁ ମନା କରିଦେଲା ଏଆଇଏଡିଏମ୍‌କେ**



## ଆସାମ: ୧୨ରେ ଶପଥ ନେବେ ହିମନ୍ତ ବିଶ୍ୱଶର୍ମା

**ଦିସ୍ପୁର, ୬।୫/ଏଜେନ୍ସି:**

ହିମନ୍ତ ବିଶ୍ୱଶର୍ମା ବୁଧବାର ଆସାମ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଆସାମରେ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟରେ ହିମନ୍ତ, ରାଜ୍ୟପାଳଙ୍କୁ ଭେଟି ନିଜ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଲୋକଭବନ ସମ୍ମୁଖରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତା ବେଳେ ହିମନ୍ତ କହିଛନ୍ତି ଯେ ରାଜ୍ୟପାଳ ତାଙ୍କର ଏବଂ ତାଙ୍କ ମନ୍ତ୍ରୀ ପରିଷଦର ଇସ୍ତଫା ଗ୍ରହଣ କରିଛନ୍ତି। ତେବେ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ରାଜ୍ୟପାଳ ତାଙ୍କୁ 'ତତ୍ତ୍ୱାବଧାରକ ମୁଖ୍ୟମନ୍ତ୍ରୀ' ଭାବରେ କାର୍ଯ୍ୟ ଜାରି ରଖିବାକୁ କହିଛନ୍ତି। ଏହିକ୍ରମେ ନୂଆ ସରକାରଙ୍କ ଶପଥ ▶▶ ୬

## ପଶ୍ଚିମବଙ୍ଗ: ୯ରେ ବିଜେପି ସରକାରର ଶପଥ ଗ୍ରହଣ

**କୋଲକାତା, ୬।୫/ଏଜେନ୍ସି:**

ପଶ୍ଚିମବଙ୍ଗରେ ବିଜେପି ସରକାରଙ୍କ ଶପଥ ଗ୍ରହଣ ସମାରୋହ ୯ ମେ' ସକାଳ ୧୦ଟାରେ କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଦେଶ ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ବୁଧବାର ଦିନ ଏହି ସୂଚନା ଦେଇଛନ୍ତି। ସେ ଜଣାଇଛନ୍ତି ଯେ ୭ ମେ'ରେ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେବ। ଏଥିରେ ବିଧାୟକ ଦଳ ନେତା ନିର୍ବାଚନ ସହ ▶▶ ୬

### ମୁନ୍ଦ୍ରା ବନ୍ଦର ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ଶିଳ୍ପ ଅଭିବୃଦ୍ଧିର ଗେଟ୍-ଓ୍ୱେ ଓଡ଼ିଶା

**ଭୁବନେଶ୍ୱର,୬।୫/ଏନ୍ଏନ୍ଏସ୍:**

ପୂର୍ବ ଉପକୂଳର ବିକାଶକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ଓଡ଼ିଶା ଦେଶର ପରବର୍ତ୍ତୀ ଶିଳ୍ପ ଅଭିବୃଦ୍ଧିର ଏକ ଗେଟ୍-ଓ୍ୱେ । ସାମୁଦ୍ରିକ ବାଣିଜ୍ୟ ଏବଂ ଶିଳ୍ପ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ପଶ୍ଚିମ ଉପକୂଳ ଉଭା ହୋଇଥିବାବେଳେ ପୂର୍ବ ଉପକୂଳ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ଓଡ଼ିଶା ସେହି

**ମୁନ୍ଦ୍ରା ଭଳି ପୂର୍ବ ଉପକୂଳର ସମ୍ପ୍ରସାରଣ ପାଇଁ ଆହ୍ୱାନ**

ସଫଳତାର ପୁନରାବୃତ୍ତି କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମୁନ୍ଦ୍ରା ଭଳି ପୂର୍ବ ଉପକୂଳର ସମ୍ପ୍ରସାରଣ ହେବା ଦରକାର। ଗୁଜୁରାଟ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରି ଶିଳ୍ପ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି ଏହା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତର ବିକାଶ ଏକପାଖିଆ ହୋଇ ରହିପାରିବ ନାହିଁ। ଶିଳ୍ପ ସମ୍ପ୍ରସାରଣର ଆଗାମୀ ପର୍ଯ୍ୟାୟ ପୂର୍ବ ଉପକୂଳ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ। ଦେଶର ଅଭିବୃଦ୍ଧି ରଣନୀତିରେ ଏହି ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ। 'ଟୁ-କୋଷ୍ଟ ଷ୍ଟ୍ରାଟେଜି' ବା ଦ୍ୱି-ଉପକୂଳ ରଣନୀତିର ଜରୁରୀ। ପଶ୍ଚିମ ଉପକୂଳର ଦକ୍ଷତା ଏବଂ ପୂର୍ବ ଉପକୂଳର ସୁଯୋଗକୁ ସମନ୍ୱିତ କରି ଶିଳ୍ପ ସମ୍ପ୍ରସାରଣ କରିବାକୁ



ହେବ। ଏଥିପାଇଁ ଶିଳ୍ପପତିମାନେ ଆଗେଇ ଆସିବା ଦରକାର।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ବିଶ୍ୱର ଶିଳ୍ପ ଇକୋସିଷ୍ଟମର ପ୍ରତିଯୋଗିତାମୂଳକ ପରିବେଶରେ ଭାରତ ଯେପରି ଦୀର୍ଘକାଳୀନ ଭାବେ ଦକ୍ଷତାର ସହ ଅଭିବୃଦ୍ଧି ହାସଲ କରିପାରିବ, ସେଥିପାଇଁ ସନ୍ତୁଳିତ ଉପକୂଳ ବିକାଶ ଅପରିହାର୍ଯ୍ୟ। ଆସନ୍ତା ଦଶକର ଅଭିବୃଦ୍ଧିରେ ପୂର୍ବ ଉପକୂଳ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ସେହିପରି ▶▶ ୬

# ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ, ୩ ମୃତ

**ଭୁବନେଶ୍ୱର,୬।୫/ଏନ୍ଏନ୍ଏସ୍:**

ଭୁବନେଶ୍ୱରସ୍ଥ ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ଜଣେ ନାବାଳିକାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ଆପାର୍ଟମେଣ୍ଟର ସୁରକ୍ଷା କର୍ମୀ ଓ ମହିଳା କେୟାର ଟେକର। ଆଜି ଭୋର ପ୍ରାୟ ସାଢ଼େ ୪ଟା ବେଳେ ଏହି ଘଟଣା ଘଟିଥିଲା।



**ଖରାଛୁଟି ପାଲଟିଲା ଜୀବନର ଶେଷ ଛୁଟି**

**ଅଜା ଆଈଙ୍କ ସହ ଚାଲିଗଲା ନାତୁଣୀଙ୍କ ଜୀବନ**

ଖୋର୍ଦ୍ଧା ଗୋପୀନାଥପୁର ଅଞ୍ଚଳର ରମେଶ ବେହେରାଙ୍କ ଝିଅ ତେଜସ୍ୱିନୀ। ଚତୁର୍ଥ ଶ୍ରେଣୀରେ ପଢୁଥିବା ତେଜସ୍ୱିନୀ ଖରା ଛୁଟିରେ ୮ ଦିନ ତଳେ ବୁଲିବାକୁ ଆସିଥିଲା ଭୁବନେଶ୍ୱର। ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ କେୟାରଟେକର ଥିବା ଅଜା ଓ ଆଈଙ୍କ ସହ ରହୁଥିଲା ୧୦ ବର୍ଷର ନାତୁଣୀ ତେଜସ୍ୱିନୀ। ଆଉ ଦୁଇ ଦିନ ପରେ ମାଆ ଗାଁରୁ ଆସିଥିଲେ ଘରକୁ ଫେରିଥାନ୍ତା। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ମଙ୍ଗଳବାର ରାତି ହିଁ ଥିଲା ତା ଜୀବନର ଶେଷ ରାତି। ଅଜା ଓ ଆଈଙ୍କ ସହ ଘରେ ଶୋଇଥିବା ବେଳେ ସର୍ଟ ସର୍କିଟରୁ ନିଆଁ ଲାଗିଯିବାରୁ ଅଜା ଆଈଙ୍କୁ ହରାଇଥିଲା।ଆଉ ନିଜେ ଗୁରୁତର ହୋଇ ଭର୍ତ୍ତି ▶▶ ୬

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ରାଇରଙ୍ଗପୁର,୬।୫/ଏନ୍ଏନ୍ଏସ୍:**

ରାଞ୍ଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥର ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ କାଦୁଆଣି ନିକଟସ୍ଥ ଦୁମାଡାଣ୍ଡି ନିକଟସ୍ଥ ଢାବା ନିକଟରେ ବୁଧବାର ପୂର୍ବାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବହଳଦା ଥାନା ଅନ୍ତର୍ଗତ ଭୁରୁଷା ଗ୍ରାମର ଫୁଲଚାନ୍ଦ ମହାନ୍ତଙ୍କ ପୁଅ ଜୟେଶ ମହାନ୍ତ ଓ ଅନ୍ୟଜଣେ ବହଳଦା ଥାନା ଅନ୍ତର୍ଗତ କଣ୍ଟାସୋଳା ଗ୍ରାମର ଦୁର୍ଗା ମୁର୍ମୁଙ୍କ ପୁଅ ଜଗଦୀଶ ମୁର୍ମୁ। ଗୋଟିଏ ବାଇକ୍‌ରେ ୨ ଜଣ ବସିଥିଲେ। ଅନ୍ୟ ବାଇକ୍‌ରେ ଜଣେ ଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ▶▶ ୬

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଡିଆର୍‌ପି

**ବରଗଡ଼,୬।୫/ଏନ୍ଏନ୍ଏସ୍:**

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ରର ଡିଷ୍ଟ୍ରିକ୍ଟ ରିସୋର୍ସ ପର୍ସନ (ଡିଆର୍‌ପି)ରାକ୍ଷୀ ମେହେର। ବରଗଡ଼ ଜିଲ୍ଲା ଶିଳ୍ପକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଫରମାଲାଇଜେସେନ୍ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଇଣ୍ଟରପ୍ରାଇସେସ୍ (ପିଏମ୍‌ଏଫ୍‌ଏମ୍‌ଇ)ର ଡିଆର୍‌ପି ରାକ୍ଷୀ ମେହେର, ଜଣେ ହିତାଧିକାରୀଙ୍କୁ ରିହାତି (ସବ୍‌ସିଡି) ଟଙ୍କା ପ୍ରଦାନ କରିବାକୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଓଡ଼ିଶା ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଦ୍ୱାରା ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ହିତାଧିକାରୀ (ଅଭିଯୋଗକାରୀ) ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ଏକ ବେକେରୀ ୟୁନିଟ୍ କରିବାକୁ ଋଣ ▶▶ ୬

### ପଥର ସନ୍ଧିରେ ଫସିଲା ନାବାଳକ

# ସଫଳ ହେଲା ମିଶନ୍, ଜିତିଲା ଜୀବନ

**ନୟାଗଡ଼,ଓଡ଼ଗାଁ,୬।୫/ଏନ୍ଏନ୍ଏସ୍:**

ପଥର ସନ୍ଧିରେ ଅଟକି ରହିଥିଲା ଜୀବନ। ଶରୀରର ଗୋଟିଏ ଭାଗ ପଥର ଖୋଲର ବାହାରେ ଥିବାବେଳେ ମୁଣ୍ଡ ଥିଲା ଭିତରେ। ଏକ ସଂକୀର୍ଣ୍ଣ ରାସ୍ତା ଭିତରେ ମୁଣ୍ଡ କେମିତି ପଶିଲା କେଜାଣି,



**୮ ଘଣ୍ଟା ପରେ ମୃତ୍ୟୁ ଗର୍ଭରୁ ମୁକ୍ତିର ଆନନ୍ଦ**

ଆଉ ବାହାରି ପାରି ନ ଥିଲା। ଶରୀରର ଉପର ଭାଗରେ ପଥର..ଦୁଇ କଡ଼ରେ ପଥର। ଖୋଲ ଭିତରେ ସାପ ଓ ମହୁମାଛି। ଆଉ ତା' ଭିତରେ ଫସି ରହିଥିଲେ ୧୧ ବର୍ଷର ନାବାଳକ। ଉଦ୍ଧାର ପାଇଁ ଲାଗି ପଡ଼ିଥିଲେ ଅଗ୍ନିଶମ ବାହୀନି । ଜୀବନ ଆଉ ମରଣ ଭିତରେ ଯେମିତି ଲାଗିଥିଲା ଯୁଦ୍ଧ। ଶେଷରେ ଜୀବନ ଜିତିଲା। ଅକ୍ଳାନ୍ତ ପରିଶ୍ରମ ପରେ ନାବାଳକକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ ଅଗ୍ନିଶମ ଦଳ। ଘଟଣା ହେଉଛି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର। ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବାଉଁଶଗାଡ଼ିଆ ନିକଟସ୍ଥ ଚୋରଖୋଲ ପାହାଡ଼ରେ ଏଭଳି ଅଘଟଣ ଦେଖିବାକୁ ମିଳିଛି। ବୁଧବାର ସକାଳ ୭ଟା ସମୟରେ ୧୧ ବର୍ଷର ନାବାଳକ ଘରୁ ମହୁ ସଂଗ୍ରହ କରିବାକୁ ଯାଇ ଏକ ପଥରଗୁମ୍ଫା ଭିତରେ ଫସି ରହିଥିଲା। ଅଗ୍ନିଶମ ବାହିନୀ ଓ ଗ୍ରାମବାସୀଙ୍କ ସାଢେ ୮ଘଣ୍ଟାର ଅପରେସନ ପରେ ନାବାଳକକୁ ▶▶ ୬

4001/68/2627

ଓଡ଼ିଶା ସରକାର

ଖରାଦିନେ ଏ.ସି.ର ସଠିକ ବ୍ୟବହାର କରି
ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ, ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ

- ବି.ଇ.ଇ. (BEE)ପଞ୍ଚ ତାରକା (5 STAR) ବିଶିଷ୍ଟ ଶକ୍ତି ଦକ୍ଷତା ସମ୍ପନ୍ନ ଏ.ସି. ବ୍ୟବହାର କରନ୍ତୁ ।
- ଏ.ସି.ର ଫିଲ୍ଟରକୁ ନିୟମିତ ଭାବରେ ସଫା କରନ୍ତୁ ।
- ଏ.ସି.ର ତାପମାତ୍ରା ସର୍ବନିମ୍ନ ୨୪°C ରଖନ୍ତୁ । ଏ.ସି.ର ତାପମାତ୍ରା ୧°C ବୃଦ୍ଧି କଲେ ୬% ବିଦ୍ୟୁତ୍ ସଞ୍ଚୟ ହୁଏ ।
- ଅତି ଆବଶ୍ୟକତା ନଥିଲେ ଏ.ସି. ଚଲାନ୍ତୁ ନାହିଁ ।







ଅଧିକ ତାରକା ଅଧିକ ସଞ୍ଚୟ

୧ ୟୁନିଟ୍ ଶକ୍ତି ସଞ୍ଚୟ,୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ

OIPR-4001/4004/2/26-27/0003

## ବ୍ରହ୍ମପୁରରେ କୁକୁର ବନ୍ଧ୍ୟାକରଣ ଅଭିଯାନ

# ୧୦୪ ଦିନରେ ୩୨ ପ୍ରତିଶତ ଲକ୍ଷ୍ୟ ସାଧନ



**ବ୍ରହ୍ମପୁର,୬।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ସହ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଅଭିଯାନ ସଫଳତା ଦିଗରେ ଅଗ୍ରସର ହେଉଛି । ମେୟର ସଂଘମିତ୍ରା ଦଳେଇଙ୍କ ନିର୍ଦ୍ଦେଶନା ଓ ନିରୀକ୍ଷଣରେ ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, କେବଳ ୧୦୪ ଦିନରେ ୩୨ ପ୍ରତିଶତ ଲକ୍ଷ ସାଧନ କରିଥିବା କୁହାଯାଇଛି । ଏପ୍ରିଲ ଶେଷ ସୁଦ୍ଧା ସହରରେ ମୋଟ ୧୬୯୪ଟି ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ସହ ଟିକାକରଣ କରାଯାଇଛି । ଜାନୁଆରୀରେ ୨୬୭ଟି, ଫେବୃଆରୀରେ ୪୭୦ଟି, ମାର୍ଚ୍ଚରେ ୫୧୪ଟି ଓ ଏପ୍ରିଲରେ ୪୪୩ଟି କୁକୁରଙ୍କ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଛି । ଏଥିରେ ୯୬୯ଟି ପୁରୁଷ ଓ ୭୨୫ଟି ମହିଳା କୁକୁର ଥିବା ତଥ୍ୟ ପ୍ରକାଶ ପାଇଛି । ବନ୍ଧ୍ୟାକରଣ ପରେ ପ୍ରତ୍ୟେକ କୁକୁରଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ସତର୍କ ନିରୀକ୍ଷଣରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେମାନଙ୍କୁ ସେମାନଙ୍କ ଆଦି ଅଞ୍ଚଳକୁ ପୁନଃ ଛାଡ଼ାଯାଇଛି । ଅଭିଯାନ ପୂର୍ବରୁ ହୋଇଥିବା ସର୍ଭେ ଅନୁସାରେ ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ରହିଥିବା ଆନୁମାନ ଥିଲା । ସେମାନଙ୍କ ସମ୍ପୂର୍ଣ୍ଣ ବନ୍ଧ୍ୟାକରଣ ପାଇଁ ଏକ ବର୍ଷର ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ, କେବଳ ଚାରି ମାସ ଭିତରେ ପ୍ରାୟ ୩୨ ପ୍ରତିଶତ କାମ ସମ୍ପନ୍ନ ହେବା ଅଭିଯାନର କାର୍ଯ୍ୟକୁଶଳତାକୁ ସ୍ପଷ୍ଟ କରୁଛି । ଏହି ଗତି ଅବ୍ୟାହତ ରହିଲେ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ସାଧନ ସମ୍ଭବ ବୋଲି ସମ୍ପର୍କିତ ଅଧିକାରୀମାନେ ଆଶାବାଦୀ ଥିବା କହିଛନ୍ତି । ଏପର୍ଯ୍ୟନ୍ତ ଗର୍ଭବତୀ, ଅସୁସ୍ଥ କିମ୍ବା ନବଜାତ ଛୁଆ ସହିତ ଥିବା କୁକୁରମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦିଆଯାଇଥିବାରୁ, ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଅଭିଯାନରେ ସମ୍ମିଳିତ କରାଯିବାର ଯୋଜନା ରହିଛି । ଏହି ଅଭିଯାନକୁ ସଫଳ କରିବା ପାଇଁ ସହରବାସୀଙ୍କ ସଚେତନ ସହଯୋଗ ଅତ୍ୟାବଶ୍ୟକ ବୋଲି ବିଇଏମ୍‌ସି କମିଶନର ଏସ୍. ଶସ୍ୟ ରେଡ୍ଡୀ ଆହ୍ୱାନ କରିଛନ୍ତି । ସମଗ୍ର ପ୍ରକ୍ରିୟା ସମାପ୍ତି ପରେ ପୁନଃ ସର୍ଭେ କରାଯାଇ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ କରାଯିବ । ଯାଞ୍ଚ ସମୟରେ କମିଟିର ଅଧକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ. ଅଞ୍ଜନ ଦାସଙ୍କ ସହ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ବିଭୁ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପରେ ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି ।

## ବିପଦସଙ୍କୁଳ ଅବସ୍ଥାରେ ରାସ୍ତାକଡ଼ ଶୁଖିଲା ଗଛ

**ବୁଗୁଡ଼ା,୬।୫/ଏନ୍ଏନ୍ଏସ୍:** ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଲିଆ ଗାଁ ନିକଟସ୍ଥ କଣିଆପଲ୍ଲୀ ଛକ ଏବଂ ବାଘୁଆ ସେତୁ ନିକଟରେ ଦୁଇଟି ବିରାଟ ଶୁଖିଲା ଥୁଣ୍ଟା ଆମ୍ବ ଓ କାକପୋଇ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଜଣାଯାଇଛି । ଉକ୍ତ ଗଛ ଦୁଇଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିବ ତାହା କହି ହେଉନି । ଉକ୍ତ ମୁଖ୍ୟ ସଡକ ଦେଇ ଶହ ଶହ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଯାତାୟାତ କରନ୍ତି । ରାସ୍ତା କଡରେ ଏତାଦୃଶ ବିରାଟ ଶୁଖିଲା ଗଛଟି



କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ, ଛାତ୍ରଛାତ୍ରୀ ଓ ଜନସାଧାରଣ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି । ପ୍ରକାଶ ଥାଉ କି , ଗତ ମାସରେ ଶରଣକୁଳ ଅଞ୍ଚଳର ଏକ ଦମ୍ପତ୍ତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା ଆମ୍ବ ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡକୁ ଚାଲିଯାଇଥିଲେ । ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ହେଁ ସେ ଦୁହେଁ ସାମାନ୍ୟ ଆହତ ହୋଇଥିଲେ । ଅନ୍ୟପକ୍ଷରେ ଏଇ କିଛି ମାସ ତଳେ ବାଘୁଆ ସେତୁ ନିକଟସ୍ଥ ସେହି ବିପଦଜ୍ଜନକ ଶୁଖିଲା କାକପୋଇ ଗଛ ତଳେ ଜମାଥିବା ଆବର୍ଜନାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳି ଉଠିଥିଲା । ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସେବେଠାରୁ ସେହି ବକଳ ପୋଡା ଶୁଖିଲା ଗଛ ନିକଟ ଦେଇ ଯାତାୟାତ ବେଳେ ଲୋକେ ଆଶଙ୍କା ମଣୁଛନ୍ତି । ବିଶେଷକରି କାଳବୈଶାଖି ତାଣ୍ଡବ କାଳରେ ସେହି ଗଛ ଦ୍ୱୟକୁ ଅତିକ୍ରମ ବେଳେ ଲୋକଙ୍କ ମନରେ ଜୀବନହାନୀର ଭୟ ଘାରୁଛି । କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପ୍ରତିକାର ବ୍ୟବସ୍ଥା କରିବାକୁ ଦୃଢ ଦାବି ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ହେଁ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଥିଯୋଗୁଁ କୌଣସି ଅଘଟଣ ଘଟିଲେ, ସ୍ଥାନୀୟ ପ୍ରଶାସନ ହିଁ ଦାୟୀ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେଣୁ ଶୁଖିଲା ଗଛ ଦ୍ୱୟର ଉଚ୍ଛେଦ ନିମନ୍ତେ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।

## ପିପୁଲ୍ସ କଲେଜ କର୍ମଚାରୀଙ୍କ ବିୟୋଗରେ ଶୋକସଭା

**ବୁଗୁଡ଼ା,୬।୫/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜର ଆକାଉଣ୍ଟ୍ ସେକ୍ସନରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିବ ପ୍ରସାଦ ଜେନା (୫୦)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ସୋମବାର ରାତିରେ ହୃଦଘାତର ଶିକାର ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ମେଡିକାଲକୁ ନିଆଯାଉଥିବା ବେଳେ ଅଧାବାଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଶୋକସଭା ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଲେଜ କର୍ମଚାରୀ ସଂଘର ସଭାପତି ଅଧ୍ୟାପକ ହିମାଂଶୁ ଶେଖର ରଥ ଓ ଭାଇସ୍ ପ୍ରିନ୍ସିପାଲ ହରିକୃଷ୍ଣ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱର୍ଗତ ଶିବପ୍ରସାଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା ।

## ଦକ୍ଷିଣାଞ୍ଚଳ ରାଜସ୍ୱ ପ୍ରଶାସନିକ ଶାସନ ସଂସ୍କାର ସମ୍ପର୍କିତ ବୈଠକ

# ରାଜସ୍ୱ ଆୟ ବୃଦ୍ଧି, ଭୂ-ସଂସ୍କାର ଆଇନ ଅନୁପାଳନକୁ ଗୁରୁତ୍ୱ

**ବ୍ରହ୍ମପୁର,୬।୫/ଏନ୍ଏନ୍ଏସ୍:** ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଜି ଭାରପ୍ରାପ୍ତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ପ୍ରଶାସନିକ ଶାସନ ସଂସ୍କାର ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଶାସନିକ କାର୍ଯ୍ୟକୁଶଳତା, ସେବା ପ୍ରଦାନ ଏବଂ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ମୁଖ୍ୟ ବିଷୟଗୁଡିକ ଉପରେ ଆଲୋଚନା କରାଯାଇଥିଲା । ସଭାର ଉଦ୍ଦେଶ୍ୟ ଥିଲା ବର୍ତ୍ତମାନର ସମସ୍ୟାଗୁଡିକ ଚିହ୍ନଟ କରିବା, ଆବଶ୍ୟକ ସଂସ୍କାର ପ୍ରସ୍ତାବ କରିବା ଏବଂ ସାର୍ବଜନିନ ପ୍ରଶାସନକୁ ଉନ୍ନତ କରିବା ପାଇଁ ବ୍ୟବହାରିକ କୌଶଳ ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଲୋଚନାରେ ପ୍ରକ୍ରିୟାଗୁଡିକୁ ସରଳ କରିବା, ଅନାବଶ୍ୟକ ପୁନରାବୃତ୍ତି ହ୍ରାସ ଏବଂ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଡିଜିଟାଲ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ, ପାରଦର୍ଶିତା ବଢ଼ାଇବା, ବିଳମ୍ବ କମେଇବା ଏବଂ ନାଗରିକମାନଙ୍କ ପାଇଁ ସେବା ପ୍ରାପ୍ୟତା




ସୁଧାରିବା ପାଇଁ ଇ-ଗଭର୍ନାନ୍ସ ଉପକରଣ ବ୍ୟବହାର ଉପରେ ଜୋର ଦିଆଯାଇଥିଲା । ସମୟାନୁବର୍ତ୍ତୀ ସେବା ପ୍ରଦାନରେ ଥିବା ସମସ୍ୟାଗୁଡିକୁ ସମାଧାନ, ନାଗରିକମୁଖୀ ପଦକ୍ଷେପ ଏବଂ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏଥିସହ ରାଜସ୍ୱ କର ଆଦାୟ, ଜମି ଅଧିଗ୍ରହଣ, ଥଇଥାନ, ଜଙ୍ଗଲ ଜମି ଅଧିକାର, ବସୁନ୍ଧରା ଯୋଜନା, ଅନଧିକାର ପ୍ରବେଶ ବା ଜବରଦଖଲ, କଲମ -୨ ଜମିଜମା ସଂସ୍କାର, ଦାଖଲ ଖାରଜ, କିସମ ପରିବର୍ତ୍ତନ, ଜମି ବିଭାଜନ, ଜମି ଚିହ୍ନଟ ଆଦି ପ୍ରକ୍ରିୟାକୁ କିଭଳି ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ମଧ ଆଲୋଚନା ହୋଇଥିଲା । ଓଡିଶା ଭୂ - ସଂସ୍କାର ଆଇନର କଡାକଡି ଅନୁପାଳନ ଏବଂ ଏଥିରେ ଥିବା ଜଟିଳତାକୁ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲାର କିଛି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଉପ-ଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଆଦି ଯୋଗ ଦେଇଥିଲେ । ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାର ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସର୍ବୋତ୍ତମ ସଫଳତା, ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନିମନ୍ତେ ପ୍ରସ୍ତାବ ଉପସ୍ଥାପନା କରିଥିଲେ । ସରକାରୀ ସ୍ତରରେ ଏହି ସୁପାରିସ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ରାମେଶ୍ୱର ପ୍ରଧାନ, ଅର୍ଥପରାମର୍ଶଦାତା-ତଥା-ଅନୁ ସଚିବ ମୋନିକା ପ୍ରିୟଦର୍ଶିନୀ ଏବଂ ଅନୁସଚିବ ତନୁଶ୍ରୀ ପାତ୍ରଙ୍କ ମିଳିତ ସହଯୋଗରେ ଏହି ବୈଠକ ପରିଚାଳିତ ହୋଇଥିଲା । ବୈଠକରେ ଆର୍‌ଡିସିଙ୍କ ସଚିବ ବୀରସେନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ଧନ୍ୟବାଦ ଅର୍ପଣ କିରିଥିଲେ ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜିଲ୍ଲା ସମସ୍ୟା ସମ୍ପର୍କରେ ଆଲୋଚନା



**ଫୁଲବାଣୀ, ୬।୫/ଏନ୍ଏନ୍ଏସ୍:** ସ୍ଥାନୀୟ ବନାନୀ କଳା ପରିଷଦ ପରିଷଦ ଠାରେ ବରିଷ୍ଠ ନାଗରିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ପଦ୍ମଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବରିଷ୍ଠ ନାଗରିକଙ୍କ ସମସ୍ୟା ସମେତ ଜିଲ୍ଲାର ଭିତ୍ତିଭୂମି ଓ ବିକାଶମୂଳକ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସଭ୍ୟମାନଙ୍କୁ ପରିଚୟପତ୍ର ବଣ୍ଟନ ସହ ଆଗାମୀ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା । ଜିଲ୍ଲାରେ ଉପୁଜୁଥିବା ଏଲପିଜି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିସହ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଅଟଳ ଏକ୍ସପ୍ରେସୱେ, ନୂଆପଡ଼ା-ଅସ୍ତରଙ୍ଗ ଜାତୀୟ ରାଜପଥ ଏବଂ ସମ୍ବଲପୁର-ବ୍ରହ୍ମପୁର ଏକ୍ସପ୍ରେସୱେ ଉପରେ ଆଲୋଚନା କରାଯାଇ ଏହି ପ୍ରକଳ୍ପରେ ବାଲିଗୁଡ଼ା, ଜି. ଉଦୟଗିରି ଓ ଫୁଲବାଣୀ ସହର ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଫୁଲବାଣୀ ବାଇପାସ୍ ରୋଡ୍, କଳିଙ୍ଗା ଘାଟି ଏଲିଭେଟେଡ୍ ରୋଡ୍ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ମାନ୍ୟତା, ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁର (ଭାୟା ଫୁଲବାଣୀ) ରେଳ ପ୍ରକଳ୍ପର ଡିପିଆର ଶୀଘ୍ର ଅନୁମୋଦନ ପାଇଁ ଦାବି ରଖିଛି ସଙ୍ଘ । ଆୟୋଜିତ ବୈଠକରେ ସମ୍ପାଦକ ପ୍ରଣବ କିଶୋର ମଣ୍ଡଳ, ସଦସ୍ୟ ନବୀନ ପଣ୍ଡା, ନବକିଶୋର ରଥ, ପୀତାମ୍ବର ମିଶ୍ର, ମଞ୍ଜୁଳା ପାଣିଗ୍ରାହୀ, ଅମୀୟ ଦାସ, ପ୍ରମୋଦ କୁମାର ସାହୁ, ମଧୁସୂଦନ ସାହୁଙ୍କ ସମେତ ବହୁ ସଭ୍ୟ,ସଭ୍ୟା ଉପସ୍ଥିତ ଥିଲେ । ସଂଗଠନ ସମ୍ପାଦକ ବଂଶୀଧର ପଣ୍ଡା ସଭା ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପିରେ ମିଶିଲେ ସରପଞ୍ଚ, ୱାର୍ଡ଼ ସଭ୍ୟ ଓ ଗ୍ରାମବାସୀ

**ଛତ୍ରପୁର,୬।୫/ଏନ୍ଏନ୍ଏସ୍:** ଛତ୍ରପୁର ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ପଞ୍ଚାୟତର ସମସ୍ତ କର୍ମୀ ପୂର୍ବରୁ ବିଜେଡିରେ ଥିବାବେଳେ ମଙ୍ଗଳବାର ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ବରିଷ୍ଠ ନେତୃତ୍ୱକୁ ସମର୍ଥନ ଜଣାଇ ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ. ସଞ୍ଜୀବ ରେଡ୍ଡୀ ଏବଂ ସମସ୍ତ ୱାର୍ଡ ମେମ୍ବର, ଗ୍ରାମବାସୀ ଭାରତୀୟ ଜନତା ପାର୍ଟିରେ ଯୋଗ ଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଉପସ୍ଥିତି ଥିଲେ । ବିଧାୟକ କହିଥିଲେ ଯେ, ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଆହୁରି ମହଜୁଭୂତ କରିବା ସହ ପଞ୍ଚାୟତ ନିର୍ବାଚନରେ ବିପୁଳ ବିଜୟ ଲାଭ କରିବ । ଅନ୍ୟମାନଙ୍କ ବିଜେପି ବରିଷ୍ଠ ନେତା ବିଜେପି ପଦ୍ମ ଚରଣ




ସାହୁ, ଏସ୍. ଧରମା ରେଡ୍ଡୀ, ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଅଶୋକ କୁମାର ପାଣିଗ୍ରାହୀ, ବସନ୍ତ କୁମାର ବେହେରା, ଯୁବ ନେତା ବନଜ ନାହାକ, ସଞ୍ଜୀତ ରାଉଳ, ସୁରେଶ ରେଡ୍ଡୀ, ଜ୍ୟୋତି ରଞ୍ଜନ ସାହୁ, ବି. ସୁଦାମ, କିଶୋର ବେହେରା, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ରାଘବ ରେଡ୍ଡୀ, ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସମ୍ପଦ ନାହାକ, ସରପଞ୍ଚ ଏସ. ରେଡ୍ଡୀ ସଞ୍ଜୀବ ଓ ବିଜେଡି ନେତା ଅମର ବେହେରାଙ୍କ ସହଯୋଗରେ ପଞ୍ଚାୟତର ସମସ୍ତ ୱାଡ ସଭ୍ୟ ଓ ଗ୍ରାମ କମିଟି କର୍ମକର୍ତ୍ତା ବିଜେପିରେ ସାମିଲ ହୋଇଥିଲେ ।

## ବହୁଚର୍ଚ୍ଚିତ ସୁଧୀର ପାତ୍ର ହତ୍ୟା ଘଟଣାରେ ମୁହଁ ଖୋଲିଲେ ସ୍ତ୍ରୀ

# ନିଜ ଯାଆ ଓ ଭାଇ ନାମରେ ଆଣିଲେ ସଂଗୀନ ଅଭିଯୋଗ

**ବ୍ରହ୍ମପୁର,୬।୫/ଏନ୍ଏନ୍ଏସ୍:** ଗୋପାଳପୁର ଅଞ୍ଚଳର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ମୁହଁ ଖୋଲିଛନ୍ତି ସ୍ତ୍ରୀ ରଶ୍ମିତା । ଏଥିପାଇଁ ସେ ନିଜ ଯାଆ ଓ ତାଙ୍କ ଭାଇଙ୍କୁ ଦାୟୀ



କରିଛନ୍ତି । ଗତ ୧୫ ତାରିଖ ସନ୍ଧ୍ୟାରେ ସୁଧୀର ପାତ୍ରଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିବା ପରେ କିପରି ତାଙ୍କୁ ନିର୍ଯାତନା ଦିଆଯାଇଥିଲା, ତାହାର ଭିଡ଼ିଓ ପଠାଇ ଟଙ୍କା ଦୁର୍ବୃତ୍ତ କିପରି ଟଙ୍କା ମାଗିଥିଲେ, ସେହି ଅନୁଭୂତିକୁ ରଶ୍ମିତା ବଖାଣିବା ସହ ପରବର୍ତ୍ତୀ ଘଟଣା ଗୁଡିକ ମଧ୍ୟ କହିଛନ୍ତି । ଯାଆ ଓ ତାଙ୍କ ଭାଇ ହିଁ ଈର୍ଷା ପରାୟଣ ହୋଇ ପ୍ରତିଶୋଧ ନେଇଛନ୍ତି ବୋଲି ସୁଧୀରଙ୍କ ସ୍ତ୍ରୀ କହିଛନ୍ତି । ରଶ୍ମିତା ସାକ୍ଷାତକାରରେ ଅଭିଯୋଗ କରିବା ସହ ସେମାନଙ୍କୁ ଦଣ୍ଡ ମିଳିଲେ ଆମକୁ ନ୍ୟାୟ ମିଳିବ ବୋଲି କହିଛନ୍ତି । ନଚେତ ଆମେ ଅସୁରକ୍ଷିତ ଏବଂ ମରିବା ନିଶ୍ଚିତ ହୋଇଯିବ ବୋଲି ରଶ୍ମିତା କହିଛନ୍ତି । ସେପଟେ ବଡ ବୋହୂ ସବୁ ନାଟର ଗୋବର୍ଦ୍ଧନ ବୋଲି ସୁଧୀରଙ୍କ ମାଆ କହିଛନ୍ତି । ବଡ ବୋହୂ ଓ ତାର ଭାଇକୁ ଫାସି ଦିଆଯାଉ ବୋଲି ମୃତ ସୁଧୀରଙ୍କ ମାଆ ପୁଣି ଥରେ କହିଛନ୍ତି ।

## ଦେଶୀ ବନ୍ଧୁକ ତିଆରି କାରଖାନା ଠାବ

# ୩ ବନ୍ଧୁକ ଜବତ, ଜଣେ ଗିରଫ

**ବାଲିଗୁଡା, ୬।୫/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ଥାନା ଅଞ୍ଚଳରେ ଏକ ଅବୈଧ ଦେଶୀ ବନ୍ଧୁକ କାରଖାନା ଠାବ ହୋଇଛି । ଗୁପ୍ତ ସୂଚନା ଆଧାରରେ ପୋଲିସ ଦଳ ତୁମୁଡିବନ୍ଧ ଥାନା ଲାବଣ୍ୟ ନଗର ଠାରେ ଅବୈଧ ଦେଶୀ ବନ୍ଧୁକ କାରଖାନାରେ ବନ୍ଧୁକ ସାମଗ୍ରୀ ତିଆରି ଓ ମରାମତି ହେଉଥିବା ସମୟରେ ଚଢ଼ାଉ କରି ସେଠାରେ କାର୍ଯ୍ୟ କରୁଥିବା ଉକ୍ତ ଗ୍ରାମର ଦୈତାରୀ ବିଷାଣୀ (୪୦) ଙ୍କୁ ଗିରଫ କରିବା ସହ ସେଠାରୁ ୩ଟି ଦେଶୀ ବନ୍ଧୁକ, ୨ଟି କାଠର ବଟ୍, ୨ଟି ଲୁହା ବ୍ୟାରେଲ, ୪ଟି ଟ୍ରିଗର ସେଟ୍, ଗାର୍ଡ ସହ ଇଲେକ୍ଟ୍ରିକ ଡ୍ରିଲ୍ ମେସିନ, କଟର ମେସିନ,




ବ୍ଲୋଅର ମେସିନ, ହାମାର, ଛିଜେଲ୍, ଫାଇଲ୍, ପ୍ଲାଏର୍ସ, ରେଞ୍ଚି, ସହ ବିଭିନ୍ନ ଲୁହା କାମର ସାମଗ୍ରୀ ମଧ ଜବତ ହୋଇଛି । ଏହି ସମସ୍ତ ସାମଗ୍ରୀ ଅବୈଧ ଭାବେ ଦେଶୀ ବନ୍ଧୁକ ତିଆରି ଓ ମରାମତି କାର୍ଯ୍ୟରେ ବ୍ୟବହୃତ ହେଉଥିଲା ବୋଲି ଏସଡିପିଓ ଶୁଭମ ଭୋସଲେ ପ୍ରକାଶ କରିଛନ୍ତି । ଏ ନେଇ ତୁମୁଡିବନ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଅବ୍ୟାହତ ରଖିବା ସହ ଏହି ସବୁ ଘଟଣାରେ ଅନ୍ୟ କାହାରି ସଂପୃକ୍ତିକୁ ନେଇ କଡାକଡି ଛାନ୍‌ଭିନ୍ ଆରମ୍ଭ ହୋଇଯାଇଛି ।

# ୧୦୦ ଦିନ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମ



**ଫୁଲବାଣୀ, ୬।୫/ଏନ୍ଏନ୍ଏସ୍:** ଯକ୍ଷ୍ମା ମୁକ୍ତ ଭାରତର ସ୍ୱପ୍ନ ସାକାର ଉଦ୍ଦେଶ୍ୟରେ କନ୍ଧମାଳର ଫୁଲବାଣୀସ୍ଥିତ କାରାଗାରରେ ଜିଲ୍ଲା କାରାଗାରରେ ୧୦୦ ଦିନ ଯକ୍ଷ୍ମା ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮୨ ଜଣ ଅନ୍ତେବାସୀଙ୍କ ଯକ୍ଷ୍ମା ରୋଗର ନିଦାନ ସକାଶେ ଛାତିର ସ୍କ୍ରିନିଂ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲାର ଅନ୍ୟ ଦୁଇ କାରାଗାର ଯଥା ଜି.ଉଦୟଗିରି ଓ ବାଲିଗୁଡ଼ାରେ ମଧ୍ୟ କରାଯିବ । କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ବିଭାଗର ଟିବି- ଏଚ୍‌ଆଇଭି ସଂଯୋଜକ ସୁନିଲ କୁମାର ପାତ୍ର, ଜିଲ୍ଲା ପିପିଏମ୍ ସଂଯୋଜକ ଅମିତ୍ ବିଶୋଇ, ଟିବି ଏଚ୍‌ଭି ଅନିତା ସାହୁ, କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟ ପ୍ରକାଶ ସ୍ୱାଇଁ ଓ ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

## ମାଟ୍ରିକ୍ ପରୀକ୍ଷା ଫଳାଫଳକୁ ନେଇ ଶିକ୍ଷାବିତ୍‌ଙ୍କ ମହଲରେ ଅସନ୍ତୋଷ ବୃଦ୍ଧି

# ପରୀକ୍ଷାରେ ୪୦ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ପଛର କାରଣ ଉନ୍ମୋଚନ ଦାବି

**ଆସିକା,୬।୫/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି । ଆସିକା ବ୍ଲକ ଓ ଏନ୍ଏସି ଅଧୀନସ୍ଥ ଅଞ୍ଚଳରେ ଥିବା ୩୩ଟି ସରକାରୀ ଓ ନୂତନ ଅନୁଦାନପ୍ରାପ୍ତ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ୧୫ଟି ହାଇସ୍କୁଲରେ ୪୦ ଜଣ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ପଛର କାରଣ ଉନ୍ମୋଚନ କରିବା ଦିଗରେ ଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି । ଆସିକା ବ୍ଲକ ଓ ଏନ୍ଏସି ଅଧିନସ୍ଥ ୩୩ଟି ହାଇସ୍କୁଲରେ ୧୯୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ମାତ୍ର ୬ଟି ହାଇସ୍କୁଲରେ ୮ ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିଲା ବେଳେ ୨୭ଟି ହାଇସ୍କୁଲରେ ଜଣେ ବି ବିଦ୍ୟାର୍ଥୀ ଏ-୧ ଗ୍ରେଡରେ ପାସ୍ ନହେବା ଘଟଣାକୁ ନେଇ ସଚେତନ ନାଗରିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଅପର ପକ୍ଷରେ ସମୁଦାୟ ୩୩ଟି ସରକାରୀ ଓ ନୂତନ ଅନୁଦାନପ୍ରାପ୍ତ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ ମଧ୍ୟରୁ ଅଧିକାଂଶ ହାଇସ୍କୁଲର ପରୀକ୍ଷା ଫଳ ଶତପ୍ରତିଶତ ହୋଇଥିଲା ବେଳେ ଅନ୍ୟ କେତେକ ହାଇସ୍କୁଲର ପରୀକ୍ଷା ଫଳ ଶତପ୍ରତିଶତ ନହେବା ଘଟଣାର ଏକ ସମୀକ୍ଷା କରିବା ଜରୁରୀ ହୋଇପଡିଛି । ଆସିକା ବ୍ଲକ ଓ ଏନ୍ଏସି ଅଧୀନସ୍ଥ ଅଞ୍ଚଳର ୩୩ଟି ସରକାରୀ ଓ ନୂତନ ଅନୁଦାନପ୍ରାପ୍ତ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷା ଦେବା ପାଇଁ ୧୯୬୯ ଜଣ ପିଲା ଫର୍ମଫିଲାପ୍ କରିଥିଲା ବେଳେ ସେଥି ମଧ୍ୟରୁ ୪୦ ଜଣ ଅନୁପସ୍ଥିତ ରହିଥିଲେ । ୧୯୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ତେବେ କେଉଁ କାରଣରୁ ଗତ ମାଟ୍ରିକ ପରୀକ୍ଷାରେ ଆସିକା ବ୍ଲକ ଓ ଏନ୍ଏସି ଅଧୀନସ୍ଥ ଅଞ୍ଚଳର ୩୩ଟି ସରକାରୀ ଓ ନୂତନ ଅନୁଦାନପ୍ରାପ୍ତ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୫ଟି ଉଚ୍ଚ ବିଦ୍ୟାଳୟରେ ୪୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ନଦେଇ ଅନୁପସ୍ଥିତ ରହିଲେ ତାହାର ପ୍ରକୃତ ସତ୍ୟ ଉନ୍ମୋଚନ କରିବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ଦାବି ହୋଇଛି । ଉଚ୍ଚ ବିଦ୍ୟାଳୟ ଗୁଡିକରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ, ଶ୍ରେଣୀକକ୍ଷରେ ଭଲ ଉପସ୍ଥାନ, ଉନ୍ନତ ଶିକ୍ଷାଦାନର ବ୍ୟବସ୍ଥା, ଡ୍ରପ୍ ଆଉଟ୍ ହ୍ରାସ କରିବା ଲାଗି ଶିକ୍ଷା ବିଭାଗ ପକ୍ଷରୁ ଅନେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏତେସବୁ ବ୍ୟବସ୍ଥା ସତ୍ତ୍ୱେ କେଉଁ ପରିସ୍ଥିତିରେ ଆସିକା ବ୍ଲକ ଓ ଏନ୍ଏସି ପରିସରଭୁକ୍ତ ଅଞ୍ଚଳରେ ମେଧାବୀ ବିଦ୍ୟାର୍ଥୀମାନେ ଉତ୍ତମ ପ୍ରଦର୍ଶନ କରିପାରିଲେ ନାହିଁ ତାହାକୁ ନେଇ ସାଧାରଣରେ ନାନା କଥା ଆଲୋଚିତ ହେଉଛି । ଜିଲ୍ଲା ପ୍ରଶାସନ ତଥା ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏହାର ସମୀକ୍ଷା କରି ଉଚିତ ପଦକ୍ଷେପ ନେବାକୁ ଶିକ୍ଷାବିତ୍ ପ୍ରସନ୍ନ କୁମାର ତ୍ରିପାଠୀ ଅନୁରୋଧ କରିଛନ୍ତି ।

ନିତିଦିନ NITIDIN



## ଧାଡ଼ିରେ ଠିଆ ହୋଇ ଟଳିପଡ଼ିଲେ ଯୁବକ

**ଚାନ୍ଦୋଳ,୬୫/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଅନ୍ତର୍ଗତ କରିମୂଳ ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୫୬) ଗତକାଲି ଚିକିତ୍ସିତ ହେବା ପାଇଁ କଟକ ବଡଡାକ୍ତରଖାନାକୁ ଯାଇ ଆଜି ଶବ ହୋଇ ଘରକୁ ଫେରିବା ଘଟଣା ତାଙ୍କ ପରିବାର ତଥା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନାରୁ ପ୍ରକାଶ, ପ୍ରଶାନ୍ତଙ୍କ ଅସୁସ୍ଥତା ଅନୁଭବ କରି ନିଜର ଚିକିତ୍ସା ନିମନ୍ତେ ଏକାକୀ ଗତକାଲି ସକାଳୁ କଟକ ସ୍ଥିତ ଏସ୍‌ସିବି ମେଡିକାଲ୍‌କୁ ଯାଇଥିଲେ। ସେଠାରେ ପହଞ୍ଚି ଡାକ୍ତରଙ୍କୁ ଦେଖାଇବା ପୂର୍ବରୁ ଲାଇନ୍‌ରେ ଠିଆ ହୋଇଥିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ପ୍ରଭାବରେ ହଠାତ୍ ସେ ଅଚେତ ହୋଇ ପଡ଼ିଥିଲେ। କିଛି ସମୟ ପରେ ଚେତା ଆସିବାରୁ ଘରକୁ ଫୋନ୍ କରି ତାଙ୍କର ଚେତା ଚାଲିଯିବା ଓ ପୁଣି ଫେରିବା ଘଟଣା ସମ୍ପର୍କରେ କହିଥିଲେ। ସେତେବେଳେ ସେ ସୁସ୍ଥ ଅନୁଭବ କରୁଛନ୍ତି ଓ ଡାକ୍ତରଙ୍କୁ ଦେଖାଇ ଫେରିବେ ବୋଲି ମଧ୍ୟ କହିଥିଲେ। ହେଲେ କିଛି ସମୟ ପରେ ଦ୍ୱିତୀୟଥର ପାଇଁ ସେ ଅଚେତ ହୋଇ ପଡ଼ିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ସ୍ଥାନୀୟ ପୁଲିସ୍ ଷ୍ଟେସନ୍‌କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ଖବର ପାଇ ପରିବାର ଲୋକ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କ ଶବକୁ ଚିହ୍ନଟ କରିଥିଲେ। ଆଜି ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଶାନ୍ତ ମୃତ ଶରୀରକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ତେବେ ପରିବାର ଲୋକ ପ୍ରଶାନ୍ତଙ୍କ ମୃତ୍ୟୁ ଅଂଶୁଘାତ ଜନିତ ହୋଇଥିବା ପ୍ରକାଶ କରିଛନ୍ତି। ଆଜି ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପ୍ରଶାନ୍ତ ଜଣେ ଗରିବ ମୂଲିଆ ଶ୍ରେଣୀର ବ୍ୟକ୍ତି ହୋଇଥିବା ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ତାଙ୍କ ବିଧବା ପତ୍ନୀ ଓ ତିନିଝିଅ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି ।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକ୍ତରଙ୍କ ନାଲିଆଖି

**ବଅାଁରପାଳ,୬୫/ଏନ୍‌ଏନ୍‌ଏସ୍:** ଅନୁଗୁଳ ଜିଲ୍ଲା ବଅାଁରପାଳ ଡାକ୍ତରଖାନାରେ ଏକ ଅଭାବନୀୟ ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ପ୍ରତିଷ୍ଠିତ ଖବରକାଗଜର ବଅାଁରପାଳ ବ୍ଲକ୍ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ଜୈନିକ ବ୍ୟକ୍ତିଙ୍କୁ ଆଜି ବଅାଁରପାଳ ଡାକ୍ତରଖାନାର ଜଣେ ଡାକ୍ତର ନାଲି ଆଖି ଦେଖାଇବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଖବର ସଂଗ୍ରହ କରିବାକୁ ଉକ୍ତ ଅଞ୍ଚଳକୁ ଯାଇ ଥିବାବେଳେ ଏହି ସମୟରେ ତାଙ୍କ ଦେହ ଅସୁସ୍ଥ ଲାଗିବାରୁ ଡାକ୍ତରଙ୍କୁ ସାକ୍ଷାତ କରିବିକୁ ଯାଇଥିଲେ। ସୁରକ୍ଷା କର୍ମଚାରୀଙ୍କ ଠାରୁ ଅନୁମତି ନେଇ ଡାକ୍ତରଙ୍କ ରୁମ୍‌କୁ ପ୍ରବେଶ କରିଥିଲେ। ଏହି ସମୟରେ ଡାକ୍ତର ଜଣଙ୍କ ଜଣେ ମହିଳା କର୍ମଚାରୀଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ସାମ୍ବାଦିକଙ୍କୁ ଦେଖି ଡାକ୍ତର ଜଣକ ରାଗିଯାଇ ମୋ ବିନା ଅନୁମତିରେ କାହିଁକି ପ୍ରବେଶ କଲୁ କହି ବିଭିନ୍ନ ପ୍ରକାର ଭାଷା ପ୍ରୟୋଗ କରିବା ସହ ଧକ୍କା ମାରି ବାହାର କରିଦେବି ବୋଲି କହିବାକୁ ପଛେଇ ନଥିଲେ। ମୁଁ ଜଣେ ବରିଷ୍ଠ ସାମ୍ବାଦିକ ବୋଲି ପରିଚୟ ଦେଲେ ମଧ୍ୟ ଡାକ୍ତର ଜଣକ କୌଣସି କଥା ଶୁଣି ନଥିଲେ। ଡାକ୍ତରଙ୍କ ଠାରୁ ଅପମାନ ପାଇବା ପରେ ସାମ୍ବାଦିକ ଜଣକ ବଅାଁରପାଳ ଥାନାରେ ଓ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହିତ ବଅାଁରପାଳ ସାମ୍ବାଦିକମାନଙ୍କୁ ଜଣାଇଥିଲେ। ଅଭିଯୋଗ ପାଇବାପରେ ଥାନା ଅଧିକାରୀ ଡାକ୍ତର ଜଣଙ୍କୁ ଡକାଇ ତଦନ୍ତ କରିଥିଲେ। ଡାକ୍ତର ଜଣକ ଥାନାକୁ ଆସି ଘଟଣାର ଦୁଃଖ ପ୍ରକାଶ କରିବା ସହିତ ଆଗକୁ ଏଭଳି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜଣେ ସରକାରୀ ଡାକ୍ତର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏଭଳି ବ୍ୟବହାର କରୁଛନ୍ତି ସାଧାରଣ ରୋଗୀମାନଙ୍କୁ କିଭଳି ବ୍ୟବହାର କରୁଥିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ବଅାଁରପାଳ ସାମ୍ବାଦିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଏସ୍‌ବିଆଇରେ ନାହିଁ ଟଙ୍କା, ଗ୍ରାହକ ହତାଶ

**ତାଳଚେର,୬୫/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ସମୟରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟକ୍ରମ ପାଇଁ ଜନସାଧାରଣଙ୍କର ଟଙ୍କାର ଆବଶ୍ୟକତା ରହିଥିବା ବେଳେ ତାଳଚେର ଷ୍ଟେଟ୍‌ବ୍ୟାଙ୍କ୍ ପରିସରରେ ଥିବା ନିଜସ୍ୱ ଏଟିଏମକୁ ବାଦ୍ ଦେଲେ ସହରରେ ଅନ୍ୟ ଯେଉଁ ଏସ୍‌ବିଆଇ ଏଟିଏମ୍‌ଗୁଡ଼ିକ ରହିଛି ସେଗୁଡ଼ିକରେ ଆଜକୁ ତିନିଦିନ ହେବ ଟଙ୍କା ନଥିବାରୁ ଲୋକେ ନାହିଁନଥିବା ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଏପରିକି, ଲୋନ୍ ନୁହେଁ କିମ୍ବା କରଜ ନୁହେଁ ଗ୍ରାହକମାନେ ନିଜସ୍ୱ ଟଙ୍କାରୁ ୧ଲକ୍ଷ ଟଙ୍କା ଉଠାଇବାକୁ ଗଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ କୁଆଡ଼େ ସେମାନଙ୍କୁ ଟଙ୍କା ଦେଉନାହିଁ ବୋଲି ଏପରିଏକ ଅଭିଯୋଗ ଆଣିଛନ୍ତି ଏହି ବ୍ୟାଙ୍କର ଏକାଧିକ ଗ୍ରାହକ। ଏହି ଗ୍ରାହକମାନେ ସେମାନଙ୍କ କନ୍ୟାକୁ ବିବାହ ଦେବାକୁ ପୂର୍ବରୁ ରଖିଥିବା ଗଚ୍ଛିତ ଟଙ୍କାରୁ ୧ଲକ୍ଷ ଉଠାଇବାକୁ ଯାଇଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଏତେଗୁଡ଼ାଏ ଟଙ୍କା ପ୍ରଦାନ କରିବାକୁ ଅସମର୍ଥ ବୋଲି ଜଣାଇଥିଲେ। ତେବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବା ସହ ଲୋକଙ୍କର ବ୍ୟବସାୟ ମଧ୍ୟ ସେହି ଅନୁପାତରେ ବଢ଼ି ଚାଲିଛି ଏବଂ ଏପରିକି ପେନ୍‌ସନ୍ ଭୋଗୀ, ଚାକିରୀଆ ମଧ୍ୟ କମନୁହେଁ। ଯଦି ଏସ୍‌ବିଆଇ ଭଳି ବ୍ୟାଙ୍କ୍‌ରେ ଏଭଳି ଅବସ୍ଥା ଉପୁଜେ ତେବେ ଗ୍ରାହକମାନେ କେଉଁଠାରେ ଟଙ୍କା ରଖିବେ ବୋଲି ସିଧାସଳଖ ପ୍ରଶ୍ନ ସୃଷ୍ଟି କରୁଛି। ତେଣୁ ତୁରନ୍ତ ଆର୍‌ବିଆଇ ଏଥିରେ ହସ୍ତକ୍ଷେପ କରିବାକୁ ବ୍ୟାଙ୍କ ଗ୍ରାହକମାନେ ଦାବି କରିଛନ୍ତି।

## ଗୁରୁମା ବିମ୍ବଳି ତ୍ରିପାଠୀଙ୍କ ପରଲୋକ



**କେନ୍ଦ୍ରାପଡ଼ା,୬୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକ୍ କପାଳେଶ୍ୱର ପଞ୍ଚାୟତ ଜଜାଙ୍ଗ ଗ୍ରାମର ସ୍ୱର୍ଗତ ଗୋଲକ ତ୍ରିପାଠୀଙ୍କ ଧର୍ମପତ୍ନୀ ତଥା ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଗୁରୁମା ବିମ୍ବଳି ତ୍ରିପାଠୀ (୮୯)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ପ୍ରକାଶ, ଗୁରୁମା ନିଜ ଘରେ ଏକ ଚାଟଶାଳୀ ଖୋଲି ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଇ ଏକ ମଣିଷ ତିଆରି କାରଖାନା ସୃଷ୍ଟି କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜିଲ୍ଲା ଏବଂ ଜିଲ୍ଲା ବାହାରେ ବହୁ ଛାତ୍ରଛାତ୍ରୀ ସୁପ୍ରତିଷ୍ଠିତ ହୋଇପାରିଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ଛାତ୍ରଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସ୍ଥାନୀୟ କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲଳିତ ମହାନ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ପ୍ରଭାତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

ଜିଲ୍ଲା ଠିକାଦାର ଫେଡେରେସନ୍‌ର ବାର୍ଷିକ ସାଧାରଣ ସଭା

# ଲେସ୍‌ରେ ଟେଣ୍ଡର୍ ପକାଉଥିବା ଠିକାଦାରଙ୍କୁ ସଂଘ ପକ୍ଷରୁ ବିରୋଧ




**କେନ୍ଦ୍ରାପଡ଼ା,୬୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ଠିକାଦାର ଫେଡରେସନ୍ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ତଥା ସାଧାରଣ ସଭା ସ୍ଥାନୀୟ ଅମର ଉଦ୍ୟାନ ପରିସରରେ ଜିଲ୍ଲା ଠିକାଦାର ସଂଘ ଉପଦେଷ୍ଟା ମହେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାର ଟେଣ୍ଡର ପ୍ରକ୍ରିୟାରେ ଥିବା ୧୪.୯୯ ଲେସ୍ ବନ୍ଧନକୁ ରାଜ୍ୟ ସରକାର ୨୦୨୬ ମସିହା ଜାନୁୟାରୀ ୩ ତାରିଖରେ ଉଠାଇ ଦେଇଛନ୍ତି। ଏହାକୁ ବିରୋଧ କରି ରାଜ୍ୟ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଧାରଣା ମଧ୍ୟ ଦିଆଯାଇଥିଲା। ସରକାର ଗତ ମାର୍ଚ୍ଚ ମାସ ୧୮ ତାରିଖରେ ରାଜ୍ୟ ସଂଘର ୭ଟି ଦାବି ପର୍ଯ୍ୟାୟ କ୍ରମେ ମାନି ନେବା ସହିତ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଲେସ୍ ପ୍ରକ୍ରିୟାରେ ସରକାରୀ ବନ୍ଧନ ପାଇଁ ରାଜି ହେଲେନାହିଁ। ତେଣୁ ଅଲ୍ ଓଡିଶା ଠିକାଦାର ସଂଘ ଜିଲ୍ଲା ଠିକାଦାର ସମସ୍ତ ଠିକାଦାର ଭାଇମାନଙ୍କୁ ସିଡ୍ୟୁଲ ଅଫ୍ ରେଟ୍‌ରେ ଟେଣ୍ଡର ପକାଇବା ପାଇଁ ନିବେଦନ କଲେ। କିନ୍ତୁ ଅନେକ ଟେଣ୍ଡରରେ ୯୯ ଶତକଡା ଠିକାଦାର ସିଡ୍ୟୁଲ ଅଫ୍ ରେଟ୍‌ରେ ଟେଣ୍ଡର ପକାଉଥିବାବେଳେ କିଛି ଖଳ ପ୍ରକୃତିର ଠିକାଦାର ଏବଂ ବାହାର ଜିଲ୍ଲା ଠିକାଦାର ଲେସ୍ ଟେଣ୍ଡର ପକାଇ କାମ ହାତେଇବାରେ ସମର୍ଥ ହେଉଛନ୍ତି। ସାରା ଓଡିଶାରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ୫୦ ଲକ୍ଷ ଲୋକ ଠିକାଦାର ବ୍ୟବସାୟୀ ଦ୍ୱାରା ପ୍ରତିପୋଷଣ ହେଉଛନ୍ତି। ଲେସ୍‌ରେ କାମ ହେଲେ କାମର ମାନ କମିବା ସହିତ ଲାଭ ହେଉନଥିବା ଏବଂ କାମଟି ଠିକଣା ସମୟରେ ସରୁନଥିବାର ସମସ୍ୟା ଦେଖାଦେଲା। ଏଥିରୁ ଚଳୁଥିବା ପରିବାର ଆୟରୁ ବଂଚିତ ହେଲେ। ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ପାଉନଥିବାରୁ ସାଧାରଣ ଲୋକେ ଏହାର ସୁଫଳ ପାଇପାରିଲେ ନାହିଁ। ବର୍ଷ ଶେଷରେ ନିର୍ମାଣ ବିଭାଗରେ ୫୦ ଶତକଡା ଖର୍ଚ୍ଚ ହୋଇପାରିଲା ନାହିଁ। ସ୍ୱାର୍ଥ, ଭବିଷ୍ୟତ ଓ ଜୀବନ ଜୀବିକାର ସୁରକ୍ଷା ପାଇଁ ଜିଲ୍ଲା ଠିକାଦାର ମହାସଂଘ ଲେସ୍ ରେଟ୍‌ରେ ଟେଣ୍ଡର ପକାଇବାକୁ ବିରୋଧ କରିବା ସହିତ ବସମସ୍ତ ଠିକାଦାର ଭାଇମାନଙ୍କୁ ସିଡ୍ୟୁଲ ଅଫ୍ ରେଟ୍‌ରେ ଟେଣ୍ଡର ପକାଇବାକୁ ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ଯଦି କୌଣସି ଠିକାଦାର ଲେସ୍ ରେଟ୍‌ରେ ଟେଣ୍ଡର ପକାଇ କାର୍ଯ୍ୟ ହାସଲ କରନ୍ତି ତେବେ ଏହାକୁ କେନ୍ଦ୍ରାପଡା ଜିଲ୍ଲା ଠିକାଦାର ମହାସଂଘ ପକ୍ଷରୁ ଘୋର ବିରୋଧ କରାଯିବା ସହିତ ଠିକାଦାରଙ୍କ ଘର ଓ ଅଫିସ୍ ଆଗରେ ଆନ୍ଦୋଳନ କରାଯିବା ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପଦେଷ୍ଟା ମହେନ୍ଦ୍ର ରାଉତଙ୍କ ସହିତ ରାଜେଶ ମହାନ୍ତି, ରଞ୍ଜନ ନାୟକ, ସଂଗ୍ରାମ ଜେନା, ଉମେଶ ନାୟକ, ଭୁବନମୋହନ ସିଂହ, ବିକ୍ରମ ସାହୁ, ସରୋଜ ସାହୁ, ଲିୟାକତ୍ ଅଲ୍ଲୀ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକର ବହୁ ଠିକାଦାର ଉପସ୍ଥିତ ଥିଲେ।

## ଢିଙ୍କିଆରୁ 'ଗାନ୍ଧୀ ପଥେ ନ୍ୟାୟ' ପଦଯାତ୍ରା ଆରମ୍ଭ



**ପାରାଦୀପ,୬୫/ଏନ୍‌ଏନ୍‌ଏସ୍:** ଢିଙ୍କିଆ ଚାରିଦେଶରେ ମେଳିହେଲେ ଜାତୀୟ କଂଗ୍ରେସର ରାଜ୍ୟସ୍ତରୀୟ ନେତୃବୃନ୍ଦ। ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପରେ ବିସ୍ଥାପିତ ଓ ପ୍ରଭାବିତ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ ପ୍ରଦାନ ପାଇଁ ଆଜି ଜାତୀୟ କଂଗ୍ରେସ ତରଫରୁ ଢ଼ିଙ୍କିଆରୁ ରାଜଧାନୀ ଗାନ୍ଧୀପଥେ ନ୍ୟାୟଯାତ୍ରା ଢ଼ିଙ୍କିଆ ଗ୍ରାମର ଫୁଲଖାଇ ମନ୍ଦିର ପଦଯାତ୍ରାକୁ ଶୁଭରମ୍ଭ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ। ସରକାର ବିକାଶର ନାରା ଦେଉଥିବା ବେଳେ ଢ଼ିଙ୍କିଆ ଚାରିଦେଶରେ ବିକାଶ ବଦଳରେ ବିନାଶ ଚାଲିଥିବା ନେଇ କହିଛନ୍ତି ବରିଷ୍ଠ ନେତା ସୁର ରାଉତରାୟ। ଆମେ ଶିଳ୍ପକୁ ସ୍ୱାଗତ କରୁଛୁ, କିନ୍ତୁ ଶିଳ୍ପର ଗୁଣ୍ଡାଗିରିକୁ ନୁହେଁ, ଢିଙ୍କିଆ ଚାରିଦେଶରେ ଜିନ୍ଦଲ ପ୍ରକଳ୍ପ ପାଇଁ ଅତୀତରେ ପୁଲିସ ଯେଉଁ ଲାଠିଚାର୍ଜ କରିଥିଲା ତାହାକୁ ଆଜି ବି ଢିଙ୍କିଆ ଚାରିଦେଶବାସି ଭୁଲିପାରୁନାହାନ୍ତି। ଜିନ୍ଦଲ କମ୍ପାନୀ ପାଇଁ ବିଗତ ବିଜେଡି ସରକାର ଯେଉଁଭଳି ଢ଼ିଙ୍କିଆ ଚାରିଦେଶ ବାସିନ୍ଦାଙ୍କ ସହିତ ଖେଳ ଖେଳିଥିଲା ଠିକ ସେହିଭଳି ବର୍ତ୍ତମାନର ବିଜେପି ସରକାର ସମାନ ନୀତି ଆପଣାଇଛନ୍ତି। ସାମଗ୍ର ଓଡିଶାର ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ ହେଉଛି,ସେହି ସ୍ଥାନରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଜାତୀୟ କଂଗ୍ରେସ ଶିଳ୍ପ ନାମରେ ସାଧାରଣ ଜନତାଙ୍କୁ ଶୋଷଣର ପ୍ରତିବାଦ କରି ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଗାନ୍ଧୀପଥେ ନ୍ୟାୟଯାତ୍ରା ଢ଼ିଙ୍କିଆ ଚାରିଦେଶରୁ ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ରାଜଧାନୀରେ ରାଜ୍ୟର କୋଣ ଅନୁକୋଣରୁ ଶିଳ୍ପ ଦ୍ୱାରା ପ୍ରତାରିତ ଅଞ୍ଚଳବାସୀ ଯୋଗଦେବା ସହିତ ଜାତୀୟ କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ଦାବିକୁ ରାଜ୍ୟ ସରକାର ଯଦି ପାଳନ କରିବାରେ ବିଳମ୍ବ କରିବେ ତେବେ ଆଗାମୀ ଦିନରେ ଜାତୀୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଶିଳ୍ପ ଦ୍ୱାରା ପ୍ରତାରିତ ଅଞ୍ଚଳବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବ। ଢ଼ିଙ୍କିଆରୁ ବାହାରିଥିବା ଏହି ବିଶାଳ ପଦଯାତ୍ରା ରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ଲୁଲୁ ମହାପାତ୍ର,ପ୍ରଦେଶ କଂଗ୍ରେସ ମହିଳା ମୋର୍ଚ୍ଚା ସଭାପତି ମିନାକ୍ଷୀ ବାହିନୀପତି,ଏରସମା ବାଲିକୁଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ, ପାରାଦୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କ ସହିତ ରାଜ୍ୟ ଓ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତିଙ୍କ ସହିତ ସମସ୍ତ ତୁଙ୍ଗନେତା, ଛାତ୍ର, ମହିଳା କଂଗ୍ରେସର କର୍ମୀମାନେ ଯୋଗ ଦେଇଥିଲେ।

## ବିଜେପି ପକ୍ଷରୁ ବିଜୟ ଉତ୍ସବ

**ଚାନ୍ଦୋଳ,୬୫/ଏନ୍‌ଏନ୍‌ଏସ୍:** ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ୍ ଅଧୀନ ୧୪ନଂ ଜୋନ୍ ତଥା ବିଜେପି ଚାନ୍ଦୋଳ ମଣ୍ଡଳ ପକ୍ଷରୁ ଗତକାଲି ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ ହୋଇଯାଇଛି। ଚାନ୍ଦୋଳ ବଜାର ସ୍ଥିତ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ଗତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରିରେ ବିଜେପିର ବିପୁଳ ବଜୟ ପାଇଁ ଚାନ୍ଦୋଳ ମଣ୍ଡଳ ଅଧୀନ ଚାନ୍ଦୋଳ, ଦାନପୁର, ମୁକୁନ୍ଦପୁର, ଖମୋଳ, ରତାଦିଆଖଣ୍ଡସାହି, ବସପୁର, ହରିଅଙ୍କ, ଯଅାଁରାବାରିମୂଳ ଓ ଇନ୍ଦାଳୋ ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତିମାନଙ୍କ ସହିତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଏହି ବିଜୟ ଉତ୍ସବ ପାଳନ କରିଥିଲେ। ବିଶେଷ କରି ଆସାମର ପ୍ରଭାରୀ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସାଂଗଠନିକ ଦକ୍ଷତା ପାଇଁ ଆସାମରେ ବିଜେପି ବିପୁଳ ଭୋଟ ପାଇ ପୁନର୍ବାର ସରକାର ଗଢ଼ିବା ସମ୍ଭବ ହୋଇଛି। ଏଥିସହିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଢ଼ ନେତୃତ୍ୱ, ସଠିକ୍ ଢଙ୍ଗରେ ନିର୍ବାଚନ ପରିଚାଳନା ସହିତ ରାଜ୍ୟ ମୁଖପାତ୍ର ତଥା ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ତେଜେଶ୍ୱର ପରିଡ଼ାଙ୍କର ସାଂଗଠନିକ ଦକ୍ଷତା ଓ ରାଜନୈତିକ ରଣ କୌଶଳ ପାଇଁ ବହୁମତରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଢ଼ିବା ସମ୍ଭବପର ହୋଇପାରିଛି। ଏହି ଅବସରରେ ଶୀର୍ଷ ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ପ୍ରଦାନ ପୂର୍ବକ ପିକେଟିଂ କରାଯାଇଥିଲା। ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଜୟଧ୍ୱନୀ ନାରାରେ ବଜାର ପରିକ୍ରମା କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଜିତେନ୍ଦ୍ର ପଣ୍ଡା, ଦିପ୍ତିକାନ୍ତ ସାହୁ, କଳ୍ପତରୁ ଶତପଥି, ସୁଶାନ୍ତ ରାଉତ, ମଦନ ମୋହନ ସାହୁ, ଶରତ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଶରତ ମଳିକ, ଅୟସ ଦାସ, ଅଜୟ ସାହୁ, ଅମରେନ୍ଦ୍ର ରଥ, ରାଜକିଶୋର ମିଶ୍ର, ସାରସ ସାମନ୍ତରାୟ, ରାକେଶ ତ୍ରିପାଠୀ, ସତ୍ୟବ୍ରତ ପରିଡ଼ା, ପ୍ରଶାନ୍ତ ଭୂୟାଁ, ବିଶ୍ୱକେତନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରାହ୍ମଣୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଣିହାଁ,୬୫/ଏନ୍‌ଏନ୍‌ଏସ୍:** କଣିହାଁ ବ୍ଲକ୍ ସମଲ ଥାନା ଅନ୍ତର୍ଗତ ଦିନ ୨ଟା ସମୟରେ କଣିହାଁ ଅଗ୍ନିଶମ ବିଭାଗ ଟିମ୍ ଦ୍ୱାରା ବାରୁଆଁ ଶିବ ମନ୍ଦିର ନିକଟ ବ୍ରାହ୍ମଣୀ ନଦୀରୁ ଏକ ମୃତଦେହ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ କଣିହାଁ ଅଗ୍ନିଶମ କେନ୍ଦ୍ରର ଓଆଇସି ସୁଜିତ ମିଶ୍ରଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ସୁବ୍ରତ ପ୍ରଧାନ, ସୁରେନ୍ଦ୍ର ଜେନା ଓ ବିକ୍ରମ ସାହୁ ଯୋଗ ଦେଇଥିଲେ। ମୃତକଙ୍କ ନାମ ହରମୋହନ ପ୍ରଧାନ (୫୮) ବୋଲି ଜଣାପଡିଛି। ସେ କଟରାପଡା ଗ୍ରାମର ବାସିନ୍ଦା ସମଲ ଥାନା ଅଞ୍ଚଳର ନିବାସୀ। ଗତ ୧ ତାରିଖରୁ ସେ ନିଖୋଜ ଥିବାବେଳେ ସମଲ ଥାନାରେ ଏନେଇ ଏଫ୍‌ଆଇଆର୍ ଦାଖଲ ହୋଇଥିଲା। ଉଦ୍ଧାର ପରେ ସାମଲ ପୁଲିସ ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ତାଳଚେର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ତାଳଚେର,୬୫/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଆରାଧ୍ୟ ଦେବତା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବୈଠକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅଧିକ ଆଡ଼ମ୍ବରପୂର୍ଣ୍ଣ, ଶୃଙ୍ଖଳିତ କରିବାକୁ ନିଷ୍ପତି ନିଆଯାଇଥିଲା। ସଭାକୁ ନିର୍ବାହୀ ଅଧିକାରୀ ତଥା ସଂଯୋଜକ ପ୍ରଦୀପ ସାହା ପରିଚାଳନା କରିଥିଲେ। ଏହି ବୈଠକରେ ପୂର୍ବତନ ସାଂସଦ ମହେଶ ସାହୁ, ତାଳଚେର ରାଜା ସାହେବ୍ ବିଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ, ବିଧାୟକ ବ୍ରଜ କିଶୋର ପ୍ରଧାନ, ଢେଙ୍କାନାଳ ସାଂସଦ ପ୍ରତିନିଧି, ସ୍ଥାନୀୟ ପ୍ରତିନିଧି, ନଗରପାପାଳ ପବିତ୍ର ଭୁତିଆ, ଏସଡିପିଓ ଭରତ ସାହୁ, ତାଳଚେର ଟାଉନଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ଓ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ। ସମସ୍ତଙ୍କ ସହଯୋଗରେ ପ୍ରଭୁଙ୍କର ଏହି ଯାତ୍ରା କିପରି ଶୃଙ୍ଖଳିତରେ ସମାପନ ହେବ ଓ ତାଳଚେର ପରିମଳ ବ୍ୟବସ୍ଥା, ଟ୍ରାଫିକ୍, ଆଲୋକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ରଥଯାତ୍ରା ପାଇଁ ଅନୁଦାନ ସଂଗ୍ରହ ପ୍ରକ୍ରିୟା, କମିଟିର ପଞ୍ଜିକରଣ ଓ ପରିଚାଳନା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟସହାୟକ ପୂର୍ବବର୍ଷ ରଥଯାତ୍ରାର ବିବରଣୀ ଓ ଆୟବ୍ୟୟର ହିସାବ ପାଠ କରିଥିଲେ। ପରିଶେଷରେ ଶ୍ରୀ ସାହା ଉପସ୍ଥିତ ସମସ୍ତ ସଦସ୍ୟ, ସାମ୍ବାଦିକ ଓ ବିଭିନ୍ନ ବିଭାଗ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ମା'ତାରିଣୀଙ୍କ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**କୁଆଖିଆ,୬୫/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଡିଅକୁରାଶ ପୋଡ଼ପୋଡ଼ା ଗ୍ରାମର ମା'ତାରିଣୀଙ୍କ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅଙ୍କୁରରୋପଣ, ଧ୍ୱଜାରୋହଣ ପରେ ଆରମ୍ଭ ହୋଇଆଜି ପୂର୍ଣ୍ଣାହୁତିରେ ସମ୍ପର୍ଣ୍ଣ ହୋଇଛି। ମା'ତାରିଣୀଙ୍କ ବିଶ୍ୱଶାନ୍ତି ଯଜ୍ଞ ଓ ଅନ୍ୟ କାର୍ଯ୍ୟକ୍ରମ ବାର୍ଷିକ ଯଜ୍ଞ ବିଭିନ୍ନ କାର୍ଯ୍ୟକ୍ରମ କଳସ ଶୋଭାଯାତ୍ରା ଆଦି ବେଶ ଉପଭୋଗ୍ୟ ହୋଇଥିଲା। କର୍ତ୍ତା ବିଜୟ କୁମାର ଜେନା, କର୍ତ୍ତୀ ବାସନ୍ତୀ ଜେନା, ଯଜ୍ଞ ବିଧି ପରିଚାଳନା କରୁଥିବା ବେଳେ ପଣ୍ଡିତ ବୃନ୍ଦ,ସୁମନ୍ତ ଦାଶ ପୂଜାଦୀ କର୍ମ କାଣ୍ଡ ନିର୍ବାହ କରିଥିଲେ। ଏହି ଯଜ୍ଞର ବେଦପାଠ, ସୂର୍ଯ୍ୟ, ଗୋ-ପୂଜା, ନାମ ସଂକ୍ରିତନ ବେଶ ମନମୁଗ୍ଧ ହୋଇଥିଲା। ମା' ତାରିଣୀ କମିଟି ଓ ଗ୍ରାମବାସୀ ସମସ୍ତେ ମିଶିକି ଯଜ୍ଞ ନିର୍ବାହ କରୁଛନ୍ତି।

## ୩୦ରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ




**ଧର୍ମଶାଳା,୬୫/ଏନ୍‌ଏନ୍‌ଏସ୍:** ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ ତମ ଜୟନ୍ତୀ ସମାରୋହ ଆସନ୍ତା ମେ,୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଧର୍ମଶାଳା ବ୍ଲକ୍ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମ ଶ୍ୟାମସୁନ୍ଦର ଜିଉ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ତଥା ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ପ୍ରଧାପକ ବଳଭଦ୍ର ଦାଶଙ୍କ ସଭା ପତିତ୍ୱରେ ଅବସରପ୍ରାପ୍ତ ଅଧକ୍ଷ ବେଣୁଧର ଶରଣ, ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ସମାଜସେବୀ କାହ୍ନୁ ଚରଣ ଦାଶ, ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ଡ.ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ଅବସର ଅଧକ୍ଷ ଡ. ତୁହିନାଂଶୁ ରଥ, ସମାଜସେବୀ ସାମ୍ବାଦିକ ଅଭିମନ୍ୟୁ ଧଳ, ଶିକ୍ଷକ ଗଗନ ପରିଡା, ସମ୍ଭବ ପତ୍ରିକାର ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ, ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରବିଲାବଣ୍ୟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତିଥିମାନେ ରବି ଲାବଣ୍ୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ନୀତି ଆଦର୍ଶ ମୂଲ୍ୟବୋଧକୁ ପ୍ରଚାର ପ୍ରସାର କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଗାମୀ ଜୟନ୍ତୀ ସମାରୋହରେ କାଏମା ଠାରେ କରିବା ପାଇଁ ସ୍ଥିର ହୋଇଛି। ଏହି ସମାରୋହରେ କଳା କ୍ଷେତ୍ରରେ ଜଣେ ଅଭିନେତା ତଥା ଜଣେ ଆଦର୍ଶ ଶିକ୍ଷକଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ସେହିପରି ଲାବଣ୍ୟଙ୍କ ଜୀବନୀ ଉପରେ ଆଧାରିତ ସ୍ମରଣିକା 'ସ୍ୱାଭିମାନ' ଚତୁର୍ଥ ଭାଗ ପ୍ରକାଶ ପାଇବା ପାଇଁ ବୈଠକରେସ୍ଥିର କରାଯାଇଥିଲା। ଜୟନ୍ତୀ ସମାରୋହକୁ ସଫଳ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୧୨ ଜଣ ବ୍ୟକ୍ତି ବିଶେଷଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ କଦମ୍ବ,ଅଖିଳ ଦାଶ,ଆଇନଜୀବୀ କିଶୋର ନାୟକ, ଭରତ ଚନ୍ଦ୍ର ଦାଶ, ବିବେକା ନନ୍ଦ ଦାସ, ରାଧାକାନ୍ତ ପଣ୍ଡା, ସୁନାକାର ପଣ୍ଡା, ସୁବାସ ଦାସ, ଜଗବନ୍ଧୁ ମହାନ୍ତି, ନଟବର ବେହେରା, ଦୟାନିଧି ଦାସ, ନିତ୍ୟାନନ୍ଦ ବେହେରା, ପ୍ରଭାତ ପଣ୍ଡା, ସୁଦର୍ଶନ ପଣ୍ଡା, ନରେନ୍ଦ୍ର ସିଂ, ବ୍ରଜ କିଶୋର ମହାନ୍ତି, ଝୁନାରାଣୀ ମିଶ୍ର, ପଦ୍ମିନୀ ମିଶ୍ର, ନମିତା ବାରିକ, ସ୍ନେହଲତା ଦାଶ, ଦୀପିକା ବରାଳ, ମିନତୀ ପଣ୍ଡା, କଳ୍ପନା ଜେନା, ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶ୍ୟାମ ସୁନ୍ଦର ମହିଳା ବିକାଶ କେନ୍ଦ୍ର ଏବଂ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ଶେଷରେ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ପକ୍ଷରୁ ବାଇକ୍ ଶୋଭାଯାତ୍ରା



**ଧର୍ମଶାଳା,୬୫/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଆହ୍ୱାନକ୍ରମେ ବିଜେପି ପକ୍ଷରୁ ଆଜି ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସଦ୍ୟତମ ନିର୍ବାଚନ ଫଳାଫଳ ଘୋଷଣା ପରେ ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀରେ ବିଜେପି ବଡଧରଣର ସଫଳତା ହାସଲ କରି ସରକାର ଗଠନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ଆଜି ବାଇକ୍ ଶୋଭାଯାତ୍ରା କରାଯାଇଛି। ଚଣ୍ଡିଖୋଲ ନିକଟରେ ବିଜେପି କର୍ମୀମାନେ ଏକତ୍ରିତ ହେବା ସହିତ ଧର୍ମଶାଳା ବିଧାୟକ ଶ୍ରୀ ସାହୁ, ଯାଜପୁର ଲୋକସଭା ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷା ସୁଚିସ୍ମିତା ଦାସଙ୍କୁ ଏକ ଖୋଲା ଜିପରେ ବସାଇ ବାଜାବାଣ ବଜାଇ ବାଇକ ଶୋଭାଯାତ୍ରା କରି ୧୬ ନମ୍ବର ଜାତୀୟ ରାଜପଥ ଦେଇ କୁଆଖିଆ ପର୍ଯ୍ୟନ୍ତ ଯାଇଥିଲେ। ପ୍ରକାଶ, ପଶ୍ଚିମବଙ୍ଗରେ ଅନୁଷ୍ଠିତ ନିର୍ବାଚନରେ ଧର୍ମଶାଳାର ବିଧାୟକ ଶ୍ରୀ ସାହୁ ସେଠାରେ ରହି ନିର୍ବାଚନ ପରିଚାଳନା କରିଥିଲେ। ଗତକାଲି ଗଣତିରେ ବିଜେପି ବିପୁଳ ମାତ୍ରାରେ ଭୋଟ ପାଇ ସେଠାରେ ବିଜୟୀ ହୋଇଛି । ଏଥିସହ, ଅସାମ, ପୁଡୁଚେରୀରେ ଦଳ ବିପୁଳ ଭୋଟ ପାଇ ସରକାର ଗଠନ କରିବାକୁଯାଉଛି । ଏହାକୁ ନେଇ ଆଜି ଅପରାହ୍ନରେ ବିଜେପି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ତିନିଗୋଟି ସ୍ଥାନରେ ବିଜେପିର ପ୍ରବଳ ବିଜୟକୁ ନେଇ ନେତା ଓ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ କୃତଜ୍ଞତା ଜଣାଇବା ସହ ସେଠାକାର ଭୋଟରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯୁବସଙ୍ଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ପ୍ରଦୀପ ପରିଡା, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସିବୁଲି ଧିର, ଦେବଦତ ପଣ୍ଡା, ତୀର୍ଥରାଜ ପଣ୍ଡା ସମେତ ବିଜେପି କର୍ମୀ ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନାରେ ସହେଯାଗ କରିଥିଲେ।

**ନିତି ଭାରତୀ**

ଯଉଁଦିନ ଜୀବନର ଚଲାପଥରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ନହେଉ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ଆମେ ଭୁଲ୍ ବାଟରେ ଚାଲୁଛୁ।
- ସ୍ୱାମୀ ବିବେକାନନ୍ଦ

NITIDIN ନିତିଦିନ
ଗୁରୁବାର, ୭ ମେ’ ୨୦୨୬

# ଇତିହାସ କାହାକୁ କ୍ଷମା ଦେଇ ନଥାଏ



ଜୟନ୍ତ ପଟ୍ଟନାୟକ

ଆମେରିକା(ଇସ୍ରାଏଲ) ଓ ଇରାନ ମଧ୍ୟରେ ଇସଲାମାବାଦଠାରେ ଅନୁଷ୍ଠିତ ଶାନ୍ତି ଆଲୋଚନା କୌଣସି ନିଷ୍କର୍ଷ ବିନା ଶେଷ ହୋଇଛି ଗତ ମାସ ତା ୧୨.୦୪.୨୦୨୬ ରିଖରେ। ଉଭୟ ଦେଶର ପ୍ରତିନିଧିଗଣ ଇସଲାମାବାଦ ଛାଡ଼ିଛନ୍ତି। ଏଥିରେ ନେପଥ୍ୟରେ ଇସ୍ରାଏଲର ଖଳନାୟକ ଚରିତ୍ର ଓ ଆମେରିକାର ହାମ୍‌ବଡ଼ା ଏକଜିଦିଆ ମନୋଭାବ ସମ୍ପୂର୍ଣ୍ଣ ଖେଳକୁ ବିଗାଡ଼ି ଦେଇଛି। ଆମେରିକା ଖୁବ୍ ଶୀଘ୍ର ଇରାନ୍‌କୁ ଯୁଦ୍ଧରେ ପରାସ୍ତ କରିବାକୁ ଚିନ୍ତା କରିଥିଲା। ଯେତେବେଳେ ଏହା ଏତେ ସହଜ ନୁହେଁ ବୋଲି ଅନୁଭବ କଲା ବାଧ୍ୟହୋଇ ମଇଦାନ ଛାଡ଼ିଲା। ତଥାପି ତା ୦୭.୦୪.୨୦୨୬ ରିଖରେ, ଅର୍ଥାତ୍ ଭାରତୀୟ ସମୟ ତା ୦୮.୦୪.୨୦୨୬ ରିଖ ସକାଳ ୫.୩୦ ମିନିଟ୍ (ରାତି ୮ଟା ଆମେରିକା ସମୟ)ରେ ‘ଏକ ପ୍ରାଚୀନ ସଭ୍ୟତା ଆଜି ଧ୍ୱଂସ ପାଇଯିବ, ଇରାନ୍‌କୁ ମାଟିରେ ମିଶାଇ ଦେବି ସମ୍ପୂର୍ଣ୍ଣ ଭାବେ’ ଇତ୍ୟାଦି ମନ୍ତବ୍ୟ ଦେଇଥିଲେ ଟ୍ରମ୍ପ ମହାଶୟ ତାଙ୍କ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ। ମାତ୍ର ଉଲ୍ଲେଖଯୋଗ୍ୟ ଯେ ‘ଟ୍ରୁଥ୍ ସୋସିଆଲ’ ନା ଟ୍ରୁଥ୍, ନା ସୋସିଆଲ; ବରଂ ତାହା ଅନଟ୍ରୁଥ୍ ଓ ଅନ୍‌ସୋସିଆଲ୍, ଅର୍ଥାତ୍ ସୁଦ୍ଧୁ ମିଛ ଓ ଅସାମାଜିକ, ଯାହା ଯୋଗୁଁ ଆମେରିକାର ଗୋପନୀୟ (ପ୍ରତିରକ୍ଷା) ତଥ୍ୟ ଲିକ୍ ହେଉଛି ଓ ଆମେରିକା ବିଶ୍ୱ ଦରବାରରେ ବଦନାମ୍ ହେଉଛି। ସେଇ ମନ୍ତବ୍ୟ ଦେଲା ବେଳେ ତାଙ୍କ ହାତ ଓ ମୁହଁର ଭାବଭଙ୍ଗୀ ଟିଭିରେ ଦେଖିଲେ ଯେ କେହି ବିଶ୍ୱାସ କରିବ ନାହିଁ ଯେ ସିଏ ଜଣେ ସୁସ୍ଥ ମସ୍ତିଷ୍କର ବ୍ୟକ୍ତି ଓ ପୃଥିବୀର ସର୍ବାଧିକ ବିତ୍ତଶାଳୀ/ ଶକ୍ତିଶାଳୀ ଦେଶର ରାଷ୍ଟ୍ରପତି। ସେଥିରୁ ଟ୍ରମ୍ପଙ୍କର କାର୍ଯ୍ୟକଳାପ ଓ ପାରିପାର୍ଶ୍ୱିକ ଅବସ୍ଥାରୁ ଯାହା ପ୍ରତୀୟମାନ ହୁଏ, ବହୁ ପୁରା କାଳରୁ ଆରମ୍ଭ କରି ମହମ୍ମଦ ଘୋରୀ, ମାମୁଦ, ଚେଙ୍ଗିଜ୍ ଖାଁ, ତୈମୁରଲଙ୍ଗ୍, ତୋଗଲକ୍, ନେପୋଲିୟନ ବୋନାପାର୍ଟ, ଆଲେକଜାଣ୍ଡର, ଫରାସୀ ସମ୍ରାଟ ଲୁଇ, ଷ୍ଟାଲିନ୍ ସମସ୍ତଙ୍କଠାରୁ ବଳି ପଡ଼ିଲେ ଟ୍ରମ୍ପ କ୍ରୁରତାରେ। ତା ୦୭.୦୪.୨୦୨୬ ରିଖର ଘୋଷଣା ପରେ ସମଗ୍ର ବିଶ୍ୱବାସୀ ପରମାଣୁ ଆକ୍ରମଣର ଆଶଙ୍କା କରୁଥିଲେ, ଯାହା ସ୍ୱାଭାବିକ ଅସ୍ଥିର, ବାଚାଳ ଟ୍ରମ୍ପଙ୍କ ପକ୍ଷରେ। ଅବଶ୍ୟ ସେଇ ଆମେରିକା ୧୯୪୫ ଅଗଷ୍ଟ ମାସରେ ଜାପାନ୍‌ର ୨ ସହର ହିରୋସୀମା ଓ ନାଗାସାକି ଉପରେ ଲିଟଲ୍ ବୟ ଓ ଫ୍ୟାଟ୍ ମ୍ୟାନ୍ ନାମକ ପରମାଣୁ ବୋମା ପକାଇ ଥିଲା, ଯୋଉଥିରେ ପ୍ରାୟ ୨.୫ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ଓ ଏବେ ମଧ୍ୟ ତା’ର ପ୍ରଭାବ ଲୋକଙ୍କ ମଧ୍ୟରେ ଶାରୀରିକ ଓ ମାନସିକ ଭାବେ ଉପଲବ୍ଧ। ମାତ୍ର ଈଶ୍ୱରଙ୍କ ଦୟାରୁ ସେପରି କିଛି ହୋଇ ନଥିଲା ଇରାନ୍‌ରେ। ସମଗ୍ର ବିଶ୍ୱ ଟିକେ ଆଶ୍ୱସ୍ତି ଲାଭ କରିଥିଲା।

ଯାହା ପ୍ରତୀୟମାନ ହୁଏ, ଆମେରିକା କୌଣସି ପ୍ରକାରରେ ସ୍ଥାୟୀ ଶାନ୍ତି ସପକ୍ଷରେ ନାହିଁ। ନିଜ ଗର୍ବ, ଅହଙ୍କାର, ଅହମିକା, ଶକ୍ତି ଓ କୁଟିଳ ବୁଦ୍ଧି ଦ୍ୱାରା ପ୍ରେରିତ ଟ୍ରମ୍ପ ଇରାନ୍‌ର ନ୍ୟାୟୋଚିତ (ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ) ପ୍ରସ୍ତାବ/ ଦାବି ପରିବର୍ତ୍ତେ ନିଜର ସବୁ ଅପ୍ରାସଙ୍ଗିକ (ଯୁଦ୍ଧରେ ଯାହା ହାସଲ କରିପାରି ନଥିଲେ) ଦାବିଗୁଡ଼ିକରେ ରାଜି ହେବାକୁ ଇରାନ୍ ଉପରେ ଚାପ ପକାଇ ଥିଲେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ମାଧ୍ୟମରେ। ତଥାପି ଇସ୍ରାଏଲର ପଲା ଭାରି ପଡ଼ିଲା ଆମେରିକା ଉପରେ। ଆମର କୌଣସି ସର୍ତ୍ତରେ ଇରାନ୍ ରାଜିହେଲା ନାହିଁ କହି ପାକିସ୍ତାନ ଛାଡ଼ିଲେ ଆମେରିକା ଦଳ। ମାତ୍ର ଭବିଷ୍ୟତରେ ଇତିହାସକାର ଇସ୍ରାଏଲ କିମ୍ବା ଜେଡି ଭାନ୍ସଙ୍କୁ ଦୋଷ ଦେବେନାହିଁ; ଦୋଷ ଦେବେ ଅପରିଣାମଦର୍ଶୀ ଡୋନାଲ୍ଡ ଟ୍ରମ୍ପଙ୍କୁ। ପାକିସ୍ତାନ ଆତଙ୍କୀସ୍ତାନ ଭାବେ ସମଗ୍ର ବିଶ୍ୱରେ ପରିଚିତ। ସିଏ କ’ଣ ଶାନ୍ତିର କଥା ବୁଝିବ! ସିଏ କେବଳ ଟ୍ରମ୍ପଙ୍କୁ ତୁଷ୍ଟ କରିବା, ସେଥିରୁ ଫାଇଦା ନେବା, ନିଜ ଛବି କିଛି ସୁଧାରିବା ଚକ୍କରରେ ଥିଲା। କିନ୍ତୁ ମୂଳଦୁଆ ମଜଭୁତ ନଥିବା ଘର କ’ଣ କେବେ ତିଷ୍ଠିଲାଣି? ତଥାପି ଆମେରିକା ପାକିସ୍ତାନର ଢେର୍ ସୁଯୋଗ ନେଲା, ଶେହଜାଦା ଓ ମୁନୀର (ପୋଷ୍ଟମ୍ୟାନ) ବାରମ୍ବାର ବେଶ ବଦଳାଇ ଆମେରିକାର ବାର୍ତ୍ତା ପହଞ୍ଚାଉଥାନ୍ତି ଇରାନ୍ ପ୍ରତିନିଧିଙ୍କ ପାଖରେ। ଇରାନ୍ ଯେତେବେଳେ ପାକିସ୍ତାନର ଭାଟପଣିଆ ଭଲ ଭାବେ ହୃଦୟଙ୍ଗମ କଲା, ସେତେବେଳେ ଭବିଷ୍ୟତରେ ଆଉ ପାକିସ୍ତାନ ମଧ୍ୟସ୍ଥି କଥାବାର୍ତ୍ତାରେ କସ୍ମିନ୍ କାଳେ ଯୋଗ ଦେବନାହିଁ ବୋଲି କହିଲା।

ଟ୍ରମ୍ପଙ୍କର ଭାବମୂର୍ତ୍ତି ଏମିତିରେ ଦେଶରେ ସର୍ବକାଳୀନ ନିମ୍ନରେ। ଆମେରିକାରେ ଅନେକତ୍ର ଟ୍ରମ୍ପଙ୍କ ବିରୋଧରେ ବିଦ୍ରୋହ, ଅର୍ଥନୀତି ରସାତଳଗାମୀ, ଆମେରିକୀୟ ଅଦାଲତ ଟ୍ରମ୍ପଙ୍କ ବିରୁଦ୍ଧରେ ରାୟ ଦେଇଛନ୍ତି। ତେଣେ ସମସ୍ତ ପାଶ୍ଚାତ୍ୟ ସହଯୋଗୀ ଆଉ ଅନ୍ଧ ଭାବରେ ସମର୍ଥନ ଦେବାକୁ ଦ୍ୱିଧାଗ୍ରସ୍ତ। ଏସବୁ ପରିପ୍ରେକ୍ଷୀରେ ଇରାନ୍ ସହ କଥାବାର୍ତ୍ତା ବିଫଳ ହେବା ପରେ (ସମସ୍ତ ବିଶ୍ୱ ଆମେରିକାକୁ ଦାୟୀ କରନ୍ତି ଏ ସମ୍ବନ୍ଧରେ) ଖ୍ରୀଷ୍ଟ ଧର୍ମର ମୁଖ୍ୟ ପୋପ୍ ଟ୍ରମ୍ପଙ୍କୁ ଦୋଷୀ କହିଥିବାରୁ ଟ୍ରମ୍ପ ଅତି ମାତ୍ରାରେ କ୍ଷୁବ୍ଧ। ମାତ୍ର ତାଙ୍କରେ ଚାଟୁକାର ଗୋଷ୍ଠୀ, ପିଟ୍ ହେଗସେଥ୍, ମାର୍କୋ ରୁବିଓ (ବହୁ ଦିନ ହେଲା ଅଦୃଶ୍ୟ) ପୂର୍ବ ଭଳି ଟ୍ରମ୍ପଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ମଧ୍ୟ ଟ୍ରମ୍ପଙ୍କ ଦାବିକୁ ନାପସନ୍ଦ କରିଛନ୍ତି। ସମଗ୍ର ବିଶ୍ୱ ଆଜି ତୈଳ ସଙ୍କଟଗ୍ରସ୍ତ। ତା’ର ଏକମାତ୍ର ଓ କେବଳ ଏକମାତ୍ର କାରଣ ଟ୍ରମ୍ପ। ଗୋଟିଏ କଥା, କଂସ ନିମନ୍ତେ ଶ୍ରୀକୃଷ୍ଣ, ରାବଣ ନିମନ୍ତେ ଶ୍ରୀରାମଚନ୍ଦ୍ର ଆବିର୍ଭୂତ ହୋଇଥିଲେ। ଏବେ ବିଶ୍ୱ ଆତଙ୍କର ମୂଳାଧାର ନିମନ୍ତେ କିଏ?- ଏ ପ୍ରଶ୍ନ ସଭିଙ୍କ ମନରେ। ଅବଶ୍ୟ ବିଳମ୍ବ ହୋଇପାରେ, କିନ୍ତୁ ଈଶ୍ୱରଙ୍କ ବାଡ଼ିରେ ଆବାଜ୍ ନଥାଏ, ଶ୍ରୀମଦ୍‌ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ‘... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।’ ଆପଣମାନେ ହାତୀ ଓ ପିମ୍ପୁଡ଼ି ଉବାଚ ଜାଣିଥିବେ। ହାତୀ ଭାବିଥିଲା, ମୋ ପରି ଗୋଟିଏ ବିଶାଳ ଜୀବର ପିମ୍ପୁଡ଼ି କ’ଣ କରି ପାରିବ? ସେଥିପାଇଁ ପିମ୍ପୁଡ଼ି ଘରସବୁ ଦଳି ମକଚି ଦେଇଥିଲା। ମାତ୍ର କୌଶଳକ୍ରମେ ପିମ୍ପୁଡ଼ି ଯେତେବେଳେ ହାତୀ ଶୁଣ୍ଢରେ ପଶିଗଲା ହାତୀ ଏକଦମ୍ ଘାଇଲା ହୋଇ ସେ ସ୍ଥାନ ଛାଡ଼ିବାକୁ ବାଟ ପାଇଲା ନାହିଁ। ସେଇ ଅବସ୍ଥା ହୋଇଛି ଆମେରିକାର। ଭାବିଥିଲା, ଦୁଇ ଦିନରେ; ଅତି ବେଶୀରେ ଏକ ସପ୍ତାହରେ ଇରାନ୍‌କୁ ହରାଇ ବିଜୟ ହାସଲ କରିନେବ। ମାତ୍ର ଛଅ ହଜାର ବର୍ଷର ପାରସ୍ୟ (ଇରାନ) ସଭ୍ୟତାକୁ ହରାଇବା କ’ଣ ଏତେ ସହଜ? ନିଜର ପ୍ରବଳ କ୍ଷତି ହୋଇଥିବା ସତ୍ତ୍ୱେ, ଇରାନ୍‌ର ପ୍ରଭୂତ ଧନ ଜୀବନ କ୍ଷତି ସହିତ ଅନେକ ସହରକୁ ମାଟିରେ ମିଶାଇ ଦେଇଥିଲେ ମଧ୍ୟ ଇରାନ୍‌ର ଅନମନୀୟ ମନୋଭାବ ଦେଖି ଆମେରିକା ପଛଘୁଞ୍ଚା ଦେବାକୁ ଶ୍ରେୟସ୍କର ମଣିଲା। ଅହଙ୍କାର, ଅପରିଣାମଦର୍ଶୀ ମନୋଭାବ ସହ ଯେତେବେଳେ ପରବୋଲା ବୁଦ୍ଧି ମିଶିଗଲା, ସବୁ ଶାନ୍ତି ଆଲୋଚନାର ଅନ୍ତ ହେଲା। ମନ୍ଦବୁଦ୍ଧି ପାକିସ୍ତାନ ମଧ୍ୟସ୍ଥତାରେ ହେଲେ ମଧ୍ୟ ଆଲୋଚନା ପ୍ରାୟ ୮୦% ସଫଳତା ଆଡ଼କୁ ମୁହାଁଉ ଥିବା ବେଳେ ନେତାନ୍ୟାହୁ (ନେତାନୁହଁ)ଙ୍କ ଗୋଟିଏ ଫୋନ୍ କଲ୍ ସବୁ ବିଗାଡ଼ି ଦେଲା। ଏବେ ଟ୍ରମ୍ପ ପୁଣି ନିଜର ଚାପ ରାଜନୀତି ଆରମ୍ଭ କରି ଇରାନ୍‌କୁ ଧମକ ଦେଇଛନ୍ତି, ‘ଅପରେସନ ମାଦୁରୋ’ କଥା ମନେ ପକାଇ ଦେଇଛନ୍ତି। ମାତ୍ର ସବୁ ରାତି ନୁହେଁ ଚାନ୍ଦିନୀ ରାତି। ଅବଶ୍ୟ ବିଶ୍ୱର ସବୁ ତୈଳ ସମ୍ପଦ ଓ ବିରଳ ଖଣିଜ ଉପରେ ଟ୍ରମ୍ପଙ୍କ କୁନଜର।

ସମସ୍ତେ ମାଦୁରୋ ନୁହନ୍ତି କି ସବୁ ଦେଶ ଭେନେଜୁଏଲା ନୁହେଁ। କାହାକୁ ‘ମାଦୁରୋ’ ଡର ଦେଖାଉଛ? ‘ହାରିବା’ଟାକୁ ସ୍ୱୀକାର କରିବା ଶିଖ, ନଚେତ୍ ସେମିତି ଭୁକିଲା କୁକୁର ହୋଇ ରହିଯିବ। ମନେ ରଖିଥିବ- ଭୁକିଲା କୁକୁର କାମୁଡ଼େ ନାହିଁ, ଗରଜିଲା ମେଘ ବରଷେ ନାହିଁ। ଫମ୍ପା ମାଠିଆର ଶବଦ ବେଶୀ ଓ ଛୋଟ ସାପର ବେଶୀ ବିଷ। କୀଚକ (ନେତାନ୍ୟାହୁ ବୁଦ୍ଧି ବଳେ ଆଣ୍ଟେଇଲେ ବାହୁବଳୀ ଟ୍ରମ୍ପ; ପଛଘୁଞ୍ଚା ଦେବାକୁ ବାଧ୍ୟ କଲା କ୍ଷୁଦ୍ର ଦେଶ ଇରାନ୍। ଅବଶ୍ୟ ସବୁ ପକ୍ଷ, ବିଶେଷକରି ଇସ୍ରାଏଲକୁ ଆଲୋଚନାରେ ସାମିଲ ନ କରିବା ସାଂଘାତିକ ଭୁଲ୍। ଟ୍ରମ୍ପ ବାଚାଳାମି ବନ୍ଦ କରନ୍ତୁ। ଆମେରିକା ସମସ୍ତଙ୍କୁ ଟାରିଫ୍ ଧମକ ଦେବା ବନ୍ଦ କରୁ। ଅବଶ୍ୟ ତାଙ୍କଠି ଲଜ୍ଜା ସରମ କିଛି କାମ କରେନି। ‘ଯା’ର ମୁଖେ ଲଜ୍ଜା ନାଇଁ ଆମି ତାକେ ଡରି।’ ସାମ, ଦାନ, ଦଣ୍ଡ, ଭେଦ- ସବୁ ପ୍ରକାର କଳ କୌଶଳ ଆପଣାଇ ମଧ୍ୟ ୨୦୨୫ ନୋବେଲ ଶାନ୍ତି



ପୁରସ୍କାରରୁ ବଞ୍ଚିତ ହେବା ପରେ ପୁଣି ଚଳିତ ୨୦୨୬ର ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଅଛନ୍ତି ବିଶ୍ୱରେ ଅଶାନ୍ତିର ମୂଳମେଢ଼ି ଡୋନାଲ୍ଡ ଟ୍ରମ୍ପ। କଥାଟିଏ ଅଛି, ‘ଅପ୍‌ନା ପଛକୁ କପଡ଼ା ନେହିଁ/ କୁକୁଡ଼ା ପଛକୁ ଲୁଙ୍ଗି!’ ସେଇ ନ୍ୟାୟରେ ବିଫଳ ହୁଅନ୍ତୁ ପଛେ ଇରାନ୍-ଆମେରିକା ଶାନ୍ତି ଆଲୋଚନା ପାଇଁ ଟେବୁଲ ସଜାଡ଼ି ଥିବା ଶରିଫ୍ ଓ ମୁନୀର ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ୨୦୨୬ ପାଇଁ ଲାଳାୟିତ। ଅଲାଜୁକ ଆଉ କାହାକୁ କୁହନ୍ତି! ଅବଶ୍ୟ ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ। ଯୁଦ୍ଧ ବିରତି ଆମେରିକାର ଏକ ଚାଲ୍ ଥିଲା ବୋଲି କଥା ଉଠିଲାଣି। କାହିଁକି ନା ଆଲୋଚନାରେ ଭାଗ ନେଇ ନଥିବା ଇସ୍ରାଏଲ (ଜାଣିଶୁଣି କରିକି କ’ଣ ନା ପାକିସ୍ତାନକୁ ଏକ ଦେଶ ଭାବେ ସ୍ୱୀକାର କରୁ ନଥିବାରୁ) କହୁଛି, ଯୁଦ୍ଧ ବିରତି ମଧ୍ୟରେ ଲେବାନନ୍ କଥା ନାହିଁ। ଏ କଥାଟା ଅଡୁଆ ବଢ଼ାଇ ଦେଉଛି। ମାଙ୍କଡ଼ ହାତରେ ଶାଳଗ୍ରାମ ଯାହା, ପାକିସ୍ତାନ ପକ୍ଷରେ ‘ଶାନ୍ତି’ ଶବ୍ଦଟା ସେଇଆ। ପାକିସ୍ତାନ ମାଧ୍ୟମରେ ଆମେରିକାର ଚାପ ଫେଲ୍ ମାରିବା ପରେ ଇରାନ୍ କହିଛି, ପାକିସ୍ତାନ ମଧ୍ୟସ୍ଥତାରେ ଆଉ କୌଣସି ଆଲୋଚନାରେ ଭାଗ ନେବନାହିଁ। ନିଜେ ମୁଖିଆ ଚରିତ୍ର ନିଭାଉ ଥିବା ‘ନାଟୋ’କୁ କାଗଜ ବାଘ କହୁଥିବା ଟ୍ରମ୍ପ ନିଜେ ଯେ କାଗଜ ବାଘ- ଏକଥା ସମଗ୍ର ବିଶ୍ୱ ଜାଣିଲା। ହେଲେ ବୃହତ୍ ଅଲାଜୁକ ଟ୍ରମ୍ପ କହୁଛନ୍ତି, ଆଲୋଚନା ବିଫଳ ହେଲେ ଇରାନ୍ ଉପରେ ଆମେ ପୁଣି ଆକ୍ରମଣ କରିବୁ, ସତେ ଯେମିତି ଇରାନ୍ ତାଙ୍କୁ ଡରିକି ରହିଛି। ପୃଥିବୀ ଦେଖିଲା ଅପେକ୍ଷାକୃତ କ୍ଷୁଦ୍ର/ ଦୁର୍ବଳ ଦେଶ ଇରାନ୍‌ର ପଲା ଭାରି ରହିଲା ଯୁଦ୍ଧରେ।

ଆଲୋଚନାରେ ପରସ୍ପର ପ୍ରତି ବିଶ୍ୱସନୀୟତା, ଦେବା ଓ ନେବାର ମନୋଭାବ ରହିବା ଅତ୍ୟାବଶ୍ୟକ। କଥାରେ ଅଛି, ‘ଦଣ୍ଡିବା ଶକ୍ତି ଯା’ର ଥାଇ, ସେ ପୁଣି କ୍ଷମା ଆଚରଇ।’ ଏଠାରେ ସୁପର ପାୱାର ଆମେରିକା/ ଟ୍ରମ୍ପ କିନ୍ତୁ ଓଲଟା ଆଚରଣ କରୁଛନ୍ତି। ଏଭଳି ବ୍ୟକ୍ତି ସମାଜ/ ସଭ୍ୟତା ପ୍ରତି ବିପଦ। ଏକଥା ଭଲ ଭାବେ ଅନୁଭବ କରିଛନ୍ତି ସିଆଇଏ (ଆମେରିକା)ର ପୂର୍ବତନ ନିର୍ଦ୍ଦେଶକ ଜନ ବ୍ରେନନ୍। ସେ କହିଛନ୍ତି, ଏଭଳି ଅସ୍ଥିର, ଚଞ୍ଚଳମନା, ବାଚାଳ ବ୍ୟକ୍ତିଙ୍କ ହାତରେ ପରମାଣୁ ଯୁଦ୍ଧାସ୍ତ୍ରର ଚାବି ରହିବା ବିପଜ୍ଜନକ। ତେଣୁ ଟ୍ରମ୍ପଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବ୍ରେନନ୍ ପ୍ରଚେଷ୍ଟା ଜାରି ରଖିଛନ୍ତି। ଆମେରିକାର ସେନାମୁଖ୍ୟ ଜୋ କାଣ୍ଟ ଏଇ ଯୁଦ୍ଧ ଭିତରେ ବରଖାସ୍ତ ହେଲେ, କାରଣ ଏଇ ଅନାବଶ୍ୟକ ଯୁଦ୍ଧକୁ ସିଏ ବିରୋଧ କରିଥିଲେ। ଏବେ ଟ୍ରମ୍ପଙ୍କ ପାଖଲୋକ (କୋଟେରୀ) ଭାବରେ କେବଳ ସେଇମାନେ ଅଛନ୍ତି, ଯିଏ ଟ୍ରମ୍ପଙ୍କର ହଁ ରେ ହଁ ମିଳାଇ ପାରିବେ। ଏଇ କାରଣରୁ ଏବଂ ଭାରତ ବିଦ୍ୱେଷ କାରଣରୁ ଟ୍ରମ୍ପଙ୍କ କ୍ୟାବିନେଟରେ ସ୍ଥାନ ପାଇଥିବା ଭାରତୀୟ ବଂଶୋଦ୍ଭବ କାଶ ପଟେଲ, ଏଫବିଆଇ ନିର୍ଦ୍ଦେଶକ ଓ ତୁଳସୀ ଗବାର୍ଡ (ଜାତୀୟ ଗୁପ୍ତଚର ସଂସ୍ଥା- ଆମେରିକା) ମଧ୍ୟ ପଦଚ୍ୟୁତ ହୋଇ ପାରନ୍ତି।

ଇତିହାସ କେବେ କାହାକୁ କ୍ଷମା ଦିଏ ନାହିଁ। ଟ୍ରମ୍ପ କୋଉ କ୍ଷେତର ଉତ୍ପାଦନ କି? ପାକିସ୍ତାନରେ ଆଲୋଚନା ବିଫଳ ହେବାର ମୂଳରେ ଇସ୍ରାଏଲ। ଆମେରିକା/ ଇସ୍ରାଏଲର ପେଟ୍ରୋଲିୟମ୍ ପଦାର୍ଥର ଅଭାବ ନାହିଁ। ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କଲେ (ଆମେରିକାର ଧମକ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ) ସମସ୍ତ ଦେଶ ଅସୁବିଧାରେ ପଡ଼ିବେ। ଯେତେ ଲୁଚାଇଲେ ମଧ୍ୟ ବିଶ୍ୱରେ ଅଧୁନା ସବୁଠୁ ଘୃଣିତ ବ୍ୟକ୍ତି ଟ୍ରମ୍ପ ଓ ପରଦା ପଛରେ ନାଟ କରୁଛନ୍ତି ନେତାନ୍ୟାହୁ। ଦୁନିଆ ଧ୍ୱଂସ ହେଉ, ଆମ ଚୌକି ବଞ୍ଚିଥାଉ। ଆମେରିକାରେ ଆସନ୍ତା ନଭେମ୍ବରରେ ଉପନିର୍ବାଚନ ଓ ଇସ୍ରାଏଲରେ ଆସନ୍ତା ବର୍ଷ ନିର୍ବାଚନ। ଇସ୍ରାଏଲ/ ଆମେରିକା- ଉଭୟ ଜଣେ ବନ୍ଦ କଲେ ଆଉ ଜଣେ ବଞ୍ଚାଇ ରଖୁଛି ଯୁଦ୍ଧକୁ। ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ଶେଷ ସୁଦ୍ଧା ଆମେରିକାର କ୍ଷତି ମାତ୍ର ୧ ଲକ୍ଷ ୧୦ ହଜାର କୋଟି। ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ମାତ୍ରା ତୀବ୍ରରୁ ତୀବ୍ରତର। ଏଇ ପରିପ୍ରେକ୍ଷୀରେ ଆମେରିକାର ଜନୈକ ଡେମୋକ୍ରାଟ ସାଂସଦ ଯାସ୍ମିନ୍ ଅନସାରୀ ଟ୍ରମ୍ପଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବର ପ୍ରୟାସ କରିଥିଲେ, କିନ୍ତୁ ଏକ-ତୃତୀୟାଂଶ ସମର୍ଥନ ଅଭାବରୁ ଏହା କାଟ ଖାଇଯିବାର ଆଶଙ୍କାରେ ଏବେ ଏହା ଟଳି ଯାଇଛି। ମାତ୍ର ସମ୍ପୂର୍ଣ୍ଣ ନୁହେଁ। ଯୁଦ୍ଧ ପାଇଁ ଏକାନ୍ତ ଦାୟୀ ଏବଂ ଯୁଦ୍ଧ ନିୟମ ପାଳନ (ସ୍କୁଲ, ହସ୍ପିଟାଲ, ଜନବସତି ଅଞ୍ଚଳରେ ଆକ୍ରମଣ ନିଷିଦ୍ଧ)ରେ ସାଂଘାତିକ ଅବହେଳା ଓ ଯୁଦ୍ଧ ପାଇଁ ଉସୁକାଇ ଥିବାରୁ ଟ୍ରମ୍ପଙ୍କର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥଙ୍କ ବିଦା ହେବା ଥୟ। ଏହି ପ୍ରସ୍ତାବରେ ୮ଜଣ ଡେମୋକ୍ରାଟ ସଦସ୍ୟ ସ୍ୱାକ୍ଷର କରି ସାରିଲେଣି।

ଦେଶ ଦେଶ ମଧ୍ୟରେ କଥାବାର୍ତ୍ତା ସକାଶେ ମଧ୍ୟସ୍ଥ ମଧ୍ୟ ବିଶ୍ୱାସଯୋଗ୍ୟ/ ନିର୍ଭରଯୋଗ୍ୟ/ ଭରସାଯୋଗ୍ୟ ହେବା ଏକାନ୍ତ ଆବଶ୍ୟକ। ଏଥିପାଇଁ କିନ୍ତୁ ଆତଙ୍କୀସ୍ତାନ ପାକିସ୍ତାନ ନିତାନ୍ତ ଅଯୋଗ୍ୟ। ଖାଲି ଗୋଡ଼ାଣିଆ/ ଚାମଚା/ ଚାଟୁକାର/ ବୋଲକରା ହେଲେ ହୁଏନା। କୌଣସି ଦେଶ ପାକିସ୍ତାନ ଉପରେ ଭରସା କରି ପାରିବେ ନାହିଁ, ଏପରିକି ଚୀନ୍ ମଧ୍ୟ। ସର୍ବଶେଷରେ, ‘ସର୍ବେ ଭବନ୍ତୁ ସୁଖିନ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ ଭବେତ୍। ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ।’

ମୋ: ୯୦୯୦୧ ୯୦୦୬୯

# ବିଜୟଙ୍କ ପାଇଁ ବଡ଼ ଆହ୍ୱାନ

ଏକ ରାଜନୀତିକ ଭୂକମ୍ପରୁ ସୃଷ୍ଟି ହୋଇଥିବା ଏକ ସୁନାମି, ଯାହା କି କଦାଚିତ୍ ଅନୁଭବ କରାଯାଇଥିଲା ବା ପୂର୍ବାନୁମାନ କରାଯାଇଥିଲା, ତାହା ଏବେ ଅଭିନେତା ବିଜୟଙ୍କୁ ଐତିହାସିକ ଫୋର୍ଟ ସେଣ୍ଟ୍ ଜର୍ଜ୍‌ରେ ଥିବା ବହ୍ୱାକାଂକ୍ଷିତ ଆସନରେ ଉପବେଶନ କରିବା ଦିଗରେ ଅଗ୍ରସର କରାଇଛି, ଯାହାକୁ ସେ ଖୁବ୍ ଶୀଘ୍ର ଅକ୍ତିଆର କରିବେ। ନିଜ ଦଳର ପଦାର୍ପଣ ନିର୍ବାଚନରେ ଦର୍ଶନୀୟ ଶୈଳୀରେ ବିଜୟ ଲାଭ କରିବା ପରେ ଏକ ସିନେମା ସ୍ୱପ୍ନରୁ ତାମିଲନାଡୁର ବାସ୍ତବ ମୁଖ୍ୟମନ୍ତ୍ରୀ ଭାବରେ ଅଧିଷ୍ଠିତ ହେବାକୁ ରୂପାନ୍ତରିତ ପ୍ରକ୍ରିୟା ଦେଇ ଗତି କରୁଥିବା ବେଳେ ଏହି ଲୋକପ୍ରିୟ ମ୍ୟାଟିନି ଷ୍ଟାର୍ ହୁଏତ ଅନୁଭବ କରି ପାରୁଥିବେ ଯେ ରାଜନୀତିର ଜଗତ ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ ବାସ୍ତବତା ଉପସ୍ଥାପନ କରିଥାଏ। ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ତାମିଲନାଡୁ ବିଧାନସଭାରେ ନିଜର ସରକାର ଗଠନ କରିବା ନିମନ୍ତେ ତାଙ୍କ ଦଳ ଟିଭିକେ ନିକଟରେ ଆବଶ୍ୟକୀୟ ସଂଖ୍ୟା ନଥିବାରୁ ଏବଂ ଏଥିପାଇଁ ଆଉ ୧୦ ଜଣ ବିଧାୟକଙ୍କ ଆବଶ୍ୟକତା ପଡୁ ଥିବାରୁ ବର୍ତ୍ତମାନ ଏକ ସମ୍ଭାବ୍ୟ ମେଣ୍ଟ ଗଠନ ପାଇଁ ପ୍ରୟାସ ଆରମ୍ଭ ହୋଇ ଯାଇଛି ଏବଂ ଏହି ଚଳଚ୍ଚିତ୍ର ନାୟକଙ୍କ ମେଣ୍ଟ ସରକାରରେ ଅଳ୍ପ କିଛି ଛୋଟ ଛୋଟ ରାଜନୀତିକ ଦଳ ଯୋଗ ଦେବାକୁ ସେମାନଙ୍କର ପ୍ରାକ୍-ନିର୍ବାଚନୀ ମେଣ୍ଟ ଭଙ୍ଗ କରି ଆଗେଇ ଆସିବା ଭଳି ମନେ ହେଉଛି। ତଥ୍ୟ ହେଉଛି, ଶ୍ରୀଯୁକ୍ତ ବିଜୟଙ୍କ ଦଳ ସମ୍ମୁଖରେ ଅନେକଗୁଡ଼ିଏ ବିକଳ୍ପ ରହିଛି, କିନ୍ତୁ ତାଙ୍କୁ ଏ କ୍ଷେତ୍ରରେ ଅତି ବିଜ୍ଞତାର ସହିତ କାମ କରିବାକୁ ପଡ଼ିବ, ଅନ୍ୟଥା ନିର୍ବାଚନ ପୂର୍ବରୁ ଦ୍ରାବିଡୀୟ ଶାସକମାନଙ୍କ ଶାସନ ପ୍ରଣାଳୀରେ ପରିବର୍ତ୍ତନ ଆଣିବାକୁ ସେ ଯେଉଁ ପ୍ରଚାର କରିଥିଲେ ଏବଂ ଲୋକମାନଙ୍କୁ ନୂଆ ସ୍ୱାଦ ଚଖାଇବାର ପ୍ରତିଶ୍ରୁତି ଦେଇଥିଲେ, ସେଥିପାଇଁ ଆବଶ୍ୟକ ନିଜର ନୀତି ସହିତ ତାଙ୍କୁ ବୁଝାମଣା କରିବାକୁ ପଡ଼ିବ। ପ୍ରତିଶ୍ରୁତି ପ୍ରଦାନ କରିଥିବା ପରିବର୍ତ୍ତନର ବାହକ ଭାବରେ କ୍ଷମତାର ଅଳିନ୍ଦରେ ପ୍ରବେଶ କରିବାର ପାହାଚ ଉପରେ ଛିଡ଼ା ହୋଇ ସାରିଥିବାରୁ, ସକାରାତ୍ମକ ପରିବର୍ତ୍ତନ ଘଟୁଥିବା ନେଇ ସେ ସୁନିଶ୍ଚିତ କରାଇବା ଉଚିତ।

ସଂଖ୍ୟାଲଘୁ ସରକାରମାନେ ସେମାନଙ୍କ କର୍ତ୍ତବ୍ୟ ପଥରେ ଆସୁଥିବା ରାଜନୀତିକ ଝଡ଼ଗୁଡ଼ିକୁ ମୁକାବିଲା କରି କ୍ଷମତାରେ ତିଷ୍ଠି ରହିବା ପାଇଁ ସେମାନଙ୍କର ନିଜସ୍ୱ ଉପାୟ ନିର୍ଦ୍ଧାରଣ କରିଥାନ୍ତି, ଠିକ୍ ଯେମିତି ୧୯୯୦ ଦଶକରେ ଦିଲ୍ଲୀରେ ନରସିଂହ ରାଓଙ୍କ କେନ୍ଦ୍ରୀୟ ଶାସନ କରିଥିଲା ବା ଏମ୍ କରୁଣାନିଧିଙ୍କ ଶାସନ କାଳରେ ଥରେ ଦୁଇ ଥର ଏଭଳି ଘଟଣା ଘଟିଥିଲା, ଯେତେବେଳେ ଜେ ଜୟଲଳିତା ବିଧାନସଭାରେ ତାଙ୍କର ସଂଖ୍ୟା ଗରିଷ୍ଠତା ନଥିବାରୁ ପ୍ରାୟତଃ ତାଙ୍କୁ ପରିହାସ କରି ଅସୁବିଧାରେ ପକାଇବାର ଉଦ୍ୟମ କରିଥିଲେ। ପରିସ୍ଥିତି ଏମିତି ହେଉଥିଲା ଯେ ସରକାରମାନଙ୍କୁ ତିଷ୍ଠି ରହିବା ପାଇଁ ସେମାନଙ୍କର ନୀତି ନୈତିକତା ସହିତ ବୁଝାମଣା କରିବାକୁ ପଡ଼ିଥିଲା। ଶ୍ରୀଯୁକ୍ତ ବିଜୟ କିନ୍ତୁ ସେପରି ନହୋଇ ଅବଶ୍ୟ ନିଜ ନିୟନ୍ତ୍ରଣରେ ସବୁକିଛି ରଖିବାକୁ ଚାହିଁବେ। ତେଣୁ ସେଥିପାଇଁ ତାଙ୍କୁ ଠିକ୍ ଲୋକଙ୍କୁ ନିଜ ପାଖକୁ ଡାକିବା ନେଇ ସଚେତନ ହେବାକୁ ପଡ଼ିବ, ଯେଉଁମାନେ କି ତାଙ୍କ ଶାସନ କାଳକୁ ସୁରୁଖୁରୁରେ ଚଳାଇ ନେବାକୁ ସମର୍ଥ ହେବେ। ଏ ବାବଦରେ ଏକ ସରଳ ବିକଳ୍ପ ଏଆଇଏଡିଏମ୍‌କେର ସମର୍ଥନକୁ ଆମନ୍ତ୍ରଣ କରିବା ହୋଇ ପାରିଥାନ୍ତା, ଅନ୍ତତଃପକ୍ଷେ ବାହ୍ୟ ସମର୍ଥନ ପାଇଁ, କାରଣ ପ୍ରଚାର ଧାରାରେ ଶ୍ରୀଯୁକ୍ତ ବିଜୟଙ୍କ ନିକଟରେ ଏହି ଦଳ ପାଇଁ ଅତି ଲଘୁ ପ୍ରଶ୍ନମାନ ପଚାରିବାକୁ ଥିଲା। ବର୍ତ୍ତମାନ କିନ୍ତୁ ଏହି ବିକଳ୍ପକୁ ପ୍ରତ୍ୟାଖ୍ୟାନ କରାଯାଇ ସାରିଥିବା ମନେହୁଏ, ଯେହେତୁ ପାଞ୍ଚ ଜଣ କଂଗ୍ରେସ ଏମ୍‌ଏଲ୍‌ଏଙ୍କ ସହିତ ଏକ ନୂତନ ସମଷ୍ଟି କରାଯାଇ ସାରିଛି, ଯେଉଁମାନେ କି ରାହୁଲ ଗାନ୍ଧୀଙ୍କଠାରୁ ସମ୍ମତିସୂଚକ ଶବ୍ଦ ଶୁଣିବା ନିମନ୍ତେ ଅପେକ୍ଷା କରୁଛନ୍ତି। ସମ୍ଭବତଃ ଏହି ସଦସ୍ୟମାନେ ଶାସନ କଳର ବାହାରେ ରହି ସମର୍ଥନ ଦେବେ ଏବଂ ଏଥି ସହିତ ସ୍ୱଳ୍ପ ସଂଖ୍ୟକ ସଦସ୍ୟ ରହିଥିବା ଆଉ କିଛି ଦଳ ଏହି ମେଣ୍ଟରେ ସାମିଲ ହେବେ। କହିବା ଅତିଶୟୋକ୍ତି ହେବନାହିଁ ଯେ ସରକାର ଗଠନ କରିବା ନିମନ୍ତେ ସଂଖ୍ୟା ଯୋଗାଣ କରିବା ହୁଏତ ସହଜ ହୋଇପାରେ, ପରନ୍ତୁ, ଯେଉଁ ପ୍ରଶାସନ ବିଭିନ୍ନ ପ୍ରକାରର ମୁନିବମାନଙ୍କ ଆଦେଶ ପାଳନ କରି ଆସିଛି, ତାକୁ ନିଜ ସପକ୍ଷକୁ ଆଣିବା ଢେର୍ କଷ୍ଟକର ସାବ୍ୟସ୍ତ ହେବ।

ନିଜର ପ୍ରଶଂସକମାନଙ୍କ ଗୋଷ୍ଠୀ ବା ଫ୍ୟାନ୍ କ୍ଲବ୍‌ଗୁଡ଼ିକୁ ପରିଚାଳନା କରିବା ପରେ, ଯାହାକି କେବଳ ଏହି ସିନେମା ହିରୋଙ୍କ ଚାଟୁକାରୀ ସଂଗଠନ ହେବାଠାରୁ ଆଗକୁ ପାଦ ବଢ଼ାଇ ସାରିଛି, ଯେହେତୁ ସେ ସେଗୁଡ଼ିକୁ ତୃଣମୂଳ ସ୍ତର ସହିତ ସଂଯୋଗ କରିବାର ଆକାର ପ୍ରଦାନ କରି ସାରିଛନ୍ତି, ତେଣୁ ଶ୍ରୀଯୁକ୍ତ ବିଜୟଙ୍କ ନିକଟରେ ସଂଗଠନ ଚଳାଇବାର କିଛିଟା ଅଭିଜ୍ଞତା ରହିଛି, କାରଣ ଏସବୁ ସଂଗଠନଗୁଡ଼ିକ ଜରୁରୀକାଳୀନ ପରିସ୍ଥିତିରେ ଏବଂ କ୍ଷେତ୍ର ସ୍ତରରେ ସାମାଜିକ କର୍ମମାନ କରି ସାରିଛନ୍ତି। ତେଣୁ ତାଙ୍କୁ ଏବେ ତାମିଲନାଡୁର ଓଜନଦାର ଅମଲାତନ୍ତ୍ରକୁ ନିର୍ଦ୍ଦେଶ ପ୍ରଦାନ କରିବା ନିମନ୍ତେ ଏକ ସନ୍ତୁଳନର ଆବଶ୍ୟକତା ଯାହା ପଡ଼ିବ। ସୁଶ୍ରୀ ଜୟଲଳିତା ଏହି ପ୍ରଶାସନ ଓ ପୁଲିସ ବାହିନୀକୁ ସାମନ୍ତବାଦୀ ଢଙ୍ଗରେ ଚଳାଇ ଥିବା ବେଳେ, ଯେତେବେଳେ କି ସେମାନଙ୍କୁ ଗୋଟିଏ ବି ଶବ୍ଦ କହିବାକୁ ସେ ପ୍ରଶ୍ରୟ ଦେଉ ନଥିଲେ, ଷ୍ଟାଲିନ୍ ହୁଏତ ଅମଲାତନ୍ତ୍ରକୁ ମୁକ୍ତ ଭାବରେ କାମ କରିବାର ସୁଯୋଗ ଦେଇଥିଲେ, ଯାହାକି ବେଳେବେଳେ ଅତିରିକ୍ତତାର ପ୍ରତିଫଳନ ଘଟାଉ ଥିଲା। ତେବେ ତାମିଲନାଡୁ ଭଳି ଏକ ଶିଳ୍ପାନୁଷ୍ଠାନଭିତ୍ତିକ ରାଜ୍ୟକୁ ଚଳାଇବା ପାଇଁ ମହତ୍ତ୍ୱପୂର୍ଣ୍ଣ ପ୍ରଶାସନିକ ବିଶେଷଜ୍ଞତା ରହିଛି, ଯାହାର ପ୍ରତିବନ୍ଧକଗୁଡ଼ିକ ଅଧିକ ଆର୍ଥିକ କାରବାର ସହିତ ସମ୍ପୃକ୍ତ, ଯାହାକି ବର୍ତ୍ତମାନ ପ୍ରସାରିତ ହୋଇ ସାରିଛି, ଯଦ୍ୟପି ଚାପଗ୍ରସ୍ତ ଭାବରେ ରହିନାହିଁ। ମହିଳା, ବେକାର ଗ୍ରାଜୁଏଟ୍ ଏବଂ କୃଷକମାନଙ୍କ ପାଇଁ ସହାୟତା ପ୍ରଦାନ ଭଳି ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ରାଜ୍ୟର ରାଜକୋଷ ଉପରେ ଅବଶ୍ୟ ଚାପ ପକାଇବ। ଶ୍ରୀଯୁକ୍ତ ବିଜୟ ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ନିଜର ପ୍ରବୃତ୍ତିଗୁଡ଼ିକର ଅନୁସରଣ କରିବା କ୍ଷେତ୍ରରେ ରହିଥିବା ଇଚ୍ଛାର ଅଭାବକୁ ପରିଲକ୍ଷିତ କରି ନ ପାରନ୍ତି, ଯିଏକି ଲୋକମାନଙ୍କ ସହିତ ନିଜର ସମ୍ପର୍କକୁ ହରାଇବାକୁ ଆଦୌ ପସନ୍ଦ କରିବେ ନାହିଁ, କାରଣ ସେମାନେ ଏକ ଉନ୍ନତ ଭବିଷ୍ୟତକୁ ହାସଲ କରିବାର ଆଶାରେ ତାଙ୍କୁ ଭୋଟ୍ ଦେଇଛନ୍ତି।

# ନଖ ଉଦନ୍ତ



ଅଲେଖ ଚନ୍ଦ୍ର ମିଶ୍ର

ନଖ ଏକ ହୀନ, ତୁଚ୍ଛ ଓ ସାମାନ୍ୟ ବସ୍ତୁ ବୋଲି ସାଧାରଣତଃ ଧାରଣା ଥାଏ। କିନ୍ତୁ ନଖ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟଙ୍ଗ ଯେ ପକ୍ଷୀ ହେଉ, ପଶୁ ହେଉ ବା ମଣିଷ ହେଉ- ତା’ ବିନା ସମସ୍ତଙ୍କର ଶରୀର ଅସମ୍ପୂର୍ଣ୍ଣ। ପଶୁପକ୍ଷୀଙ୍କର ତ ଏହା ହାତ ଓ ଗୋଡ଼- ଉଭୟ। ପକ୍ଷୀମାନେ କ୍ଷୁଦ୍ରକାୟ ହେଲେ ବି ସେମାନଙ୍କର ନଖ ଏତେ ତୀକ୍ଷ୍ଣ, ଶକ୍ତ ଓ ମଜଭୁତ୍ ଯେ ତାହା ସେମାନଙ୍କ ପାଇଁ ଏକ ଆୟୁଧ ସଦୃଶ। ଆତ୍ମରକ୍ଷା ପାଇଁ ଢାଲ, ଶତ୍ରୁକୁ ଆକ୍ରମଣ କରିବା ପାଇଁ ଅସ୍ତ୍ର ଓ ଖାଦ୍ୟ ସଂଗ୍ରହ ପାଇଁ କୌଶଳ ଭାବରେ ପକ୍ଷୀରାଜ ଗରୁଡ଼ଠାରୁ ଟିକି ଚଢ଼େଇ ଯାଏଁ- ସବୁ ଜାତିର ପକ୍ଷୀଙ୍କର ନଖ ବିଭିନ୍ନ ଆକୃତିରେ ଗଠିତ। ଶାଗୁଣା, ଛଞ୍ଚାଣ, ବାଜ, ଚିଲ, କୁଆ, ପାଣିକୁଆ, ମାଛରଙ୍କା, ପେଚା, ଇଗଲ୍, ସି’ ଗଲ୍ ଆଦି ବିହଙ୍ଗ ଉଡ଼ନ୍ତା ଅବସ୍ଥାରେ ଶୂନ୍ୟରୁ, ଭୂମିରୁ କିମ୍ବା ଜଳରୁ କିପରି ପୋକଜୋକ, କୀଟପତଙ୍ଗ, ମାଛ, କଙ୍କଡ଼ା ଭଳି ଖାଦ୍ୟ ନଖରେ ଝାମ୍ପି ନେଇ ଚାପି ଧରି ଖାଆନ୍ତି- ଏହା ତ ନିତିଦିନିଆ ଦେଖୁଥିବା ଘଟଣା। କୁକୁଡ଼ା, ହଂସ, ବତକ, ଡାହୁକ ଭଳି ଉଭୟଚର ପକ୍ଷୀମାନଙ୍କର ନଖ ସେମାନଙ୍କୁ ସ୍ୱଚ୍ଛନ୍ଦରେ ବିଚରଣ କରିବାକୁ ସାହାଯ୍ୟ କରେ। ବାଦୁଡ଼ି ତା’ ନଖ ଦ୍ୱାରା ଆଶ୍ରୟସ୍ଥଳକୁ ଜାବୁଡ଼ି ଧରି ଓଲଟା ଝୁଲି ରହିଥାଏ।

ସେହିପରି ପଶୁମାନଙ୍କର, ବିଶେଷକରି ମାଂସାଶୀ ପଶୁଙ୍କର ନଖ ପ୍ରଧାନ ଅଙ୍ଗ ଓ ହିଂସ୍ରତାର ନିଦର୍ଶନ। ନଖ ବଳରେ ସିଂହ, ବ୍ୟାଘ୍ର, ଭାଲୁ ଆଦି ବନ୍ୟ ପଶୁ ବଳବାନ। ଶିକାରକୁ ଧରିବା ପାଇଁ ଓ ତା’ର ମୋଟା ଚମଡ଼ାକୁ ଛିଣ୍ଡାଇ ଖାଇବା ପାଇଁ ନଖ ମୁଖ୍ୟ ଭୂମିକା ନେଇଥାଏ। ମାଙ୍କଡ଼ ଡାଳରୁ ଡାଳକୁ ଡେଇଁଲା ବେଳେ ପଡ଼ି ନଯିବା ପାଇଁ ନଖ ହିଁ ତାକୁ ସାହାଯ୍ୟ କରେ। ଗାତ ଖୋଳି ବସା ବାନ୍ଧିବା ପାଇଁ ବିଲୁଆ ଓ କୋକିଶିଆଳି ନଖର ସାହାରା ନିଅନ୍ତି। ବାଘର ନଖକୁ କବଚ ଭାବରେ ସୂତାରେ ବାନ୍ଧି ମଣିଷ ଡେଉଁରିଆ ଭାବରେ ବେକରେ ପକାଏ ବା ହାତରେ ବାନ୍ଧେ। ଗୃହପାଳିତ ମାଂସାଶୀ ପ୍ରାଣୀ କୁକୁର ତା’ର ନଖ ଦ୍ୱାରା ମାଂସ ଟାଣି ଖାଇବା ଓ ବିରାଡ଼ି ନଖ ସାହାଯ୍ୟରେ ମୂଷାକୁ ମାରିବା ତ ଏକ ଜଣାଶୁଣା କଥା। ପାଣିରେ ରହୁଥିବା କୁମ୍ଭୀରର ନଖ ଓ ଦାନ୍ତ ହିଁ ପ୍ରଧାନ ଅସ୍ତ୍ର। ଗୃହପାଳିତ ତୃଣଭୋଜି ପ୍ରାଣୀ, ଯଥା ଛେଳି, ମେଣ୍ଢା, ଗାଈଗୋରୁ, ମଇଁଷି, ଘୋଡ଼ା ପ୍ରଭୃତିଙ୍କର ନଖ (ଖୁରା) ସେମାନଙ୍କୁ ଚାଲିବା ଓ ଦୌଡ଼ିବାରେ ସାହାଯ୍ୟ କରେ।

କିନ୍ତୁ ମଣିଷ ଗୋଟିଏ ସାଦାସିଧା ସରଳ ପ୍ରାଣୀ, ଯାହାର ନଖ ପଶୁ ପକ୍ଷୀଙ୍କର ନଖ ଭଳି ତୀକ୍ଷ୍ଣ ନୁହେଁ କି ବିଷାକ୍ତ ନୁହେଁ। ବରଂ ଏହା ଏତେ ସୂକ୍ଷ୍ମ ଯେ ଗୋଟିଏ ନଖ ଦ୍ୱାରା ଅନ୍ୟ ନଖକୁ ଛିଣ୍ଡାଇ ହୁଏ କିମ୍ବା ଦାନ୍ତରେ କାମୁଡ଼ି ଛିଣ୍ଡାଇ ହୁଏ। ନଖକୁ ବଢ଼ିବାକୁ ନ ଦେଇ ରୀତିମତ ବ୍ୟବଧାନରେ ତାକୁ କଟାଯାଏ। ଆବଶ୍ୟକ ପଡ଼ିଲେ ନଖରେ ରାମ୍ପୁଡ଼ି କିମ୍ବା ବିଦାରି ହୁଏ। ଦେହର ଯେ କୌଣସି ସ୍ଥାନ କୁଣ୍ଡେଇ ହେଲେ ନଖ ଦ୍ୱାରା ହିଁ ତା’ର ଉପଶମ ହୁଏ। ଅଶୌଚରେ ବାରିକ ଦ୍ୱାରା ନଖ କଟେଇ ଶୌଚ ହେବାକୁ ପଡ଼େ। ନଖ ଓ ଚର୍ମ କାଟିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଲହୁରୁଣି ଥାଏ। କେତେକ ଫଳମୂଳ, କୋଳି, ଆମ୍ବ, ବାଦାମଠାରୁ ମାଛ, ମାଂସ ଓ ଅଣ୍ଡା ଯାଏଁ ଅନେକ ଖାଦ୍ୟପଦାର୍ଥ ନଖରେ ଛିଣ୍ଡାଇ ଖିଆଯାଏ। ନଖର ଏପରି ବହୁବିଧ ଉପାଦେୟତା ଯୋଗୁଁ ତାକୁ ଆଧାର କରି ଅନେକ ଲୌକିକ ବଚନିକା ରହିଛି, ଯେପରି ‘ନଖ ଦର୍ପଣ’ (ସବୁ କଥା ସ୍ପଷ୍ଟ ଭାବରେ ଦେଖି ପାରିବା), ‘ନଖ ଅଗରେ’ (ମୁହେଁ ମୁହେଁ), ‘ନଖରୁ ନାସିକା ଯାଏଁ’ (ସମ୍ପୂର୍ଣ୍ଣ ଦେହ), ‘ନଖେଇବା’ (ନଖରେ ଖଣ୍ଡିଆ କରିବା), ‘ନଖ କାମୁଡ଼ିବା’ (ଚିନ୍ତାମଗ୍ନ ହେବା), ‘ନଖ ଖଣ୍ଡିଆ’ (ଅଳ୍ପ ଖଣ୍ଡିଆ), ‘ନଖ କଥା ଛୁରୀ ପର୍ଯ୍ୟନ୍ତ ଯିବା’ (ସହଜ କାମକୁ କ୍ଲିଷ୍ଟ କରିଦେବା) ଇତ୍ୟାଦି। ସଂସ୍କୃତ ଭାଷାରେ ବି ‘ଗଳିତ ନଖଦନ୍ତ ବୃଦ୍ଧଃ’, ‘ନଖମଭୁତ ଶୃଙ୍ଗଂ’, ‘ନଖୀନାଞ୍ଚ ଶୃଙ୍ଗୀନାଞ୍ଚ... ବିଶ୍ୱାସଂ ନୈବ କର୍ତ୍ତବ୍ୟଂ’ ଭଳି ଅନେକ ସୂକ୍ତି ଉପଲବ୍ଧ। ନଖ ସୌନ୍ଦର୍ଯ୍ୟର ପ୍ରତୀକ, ଯାହାର ସୁରକ୍ଷା ପାଇଁ ପ୍ରାୟ ସମସ୍ତେ ଚେଷ୍ଟିତ। ସାମାନ୍ୟ କଣନଖାଟିଏ ହେଲେ ନଖ କଳା ପଡ଼ିଯିବା କିମ୍ବା ମରିଯିବାର ଆଶଙ୍କା ଥିବାରୁ ତାକୁ ଭଲ କରିବା ପାଇଁ ଲୋକ ପ୍ରତିକାରରେ ଲାଗିପଡ଼େ। ନଖକୁ ବଢ଼ିବାକୁ ନଦେବା, ପ୍ରତିଦିନ ସଫା କରିବା, ତା’ ଉପରେ ଏନାମେଲ୍ ଲଗେଇବା ଇତ୍ୟାଦି ତ ସାଧାରଣ କଥା। ଅତି ଦୀର୍ଘ ନଖ ପାଇଁ କେହି କେହି ପୁରସ୍କାର ପାଇବାର ସମ୍ବାଦ ବି ମଝିରେ ମଝିରେ ପ୍ରକାଶ ପାଏ। ସୂର୍ପ ବା କୁଲା ପରି ନଖ ହୋଇଥିବାରୁ ରାବଣର ଭଗିନୀର ନାମ ଥିଲା ସୂର୍ପଣଖା। ପତିତପାବନୀ



ଗଙ୍ଗା ବିଷ୍ଣୁଙ୍କର ବାମ ପାଦର ନଖ କୋଣରେ ଥିଲେ। ରକ୍ଷରାଜ ହିରଣ୍ୟକଶିପୁର ବକ୍ଷକୁ ପ୍ରଭୁ ନୃସିଂହ ଶୃଙ୍ଗ ସଦୃଶ ନିଜ ନଖ ଦ୍ୱାରା ବିଦାରଣ କରିଥିଲେ। ନଖ ତ ନାରୀମାନଙ୍କର ଅତି ପ୍ରିୟ ଏବଂ ତା’ର ଚର୍ଯ୍ୟା ପାଇଁ ସେମାନେ ସଦାସର୍ବଦା ଯତ୍ନଶୀଳ। ସେଥିପାଇଁ ନାରୀମାନଙ୍କର ପ୍ରସାଧାନ ସାମଗ୍ରୀ ମଧ୍ୟରେ ନେଲ୍ କଟର୍ ନିଶ୍ଚିତ ଭାବରେ ଥାଏ। କେହି କେହି ନଖକୁ ଆଦୌ ବଢ଼ିବାକୁ ଦିଅନ୍ତିନି ତ କେହି ତାକୁ ବଢ଼େଇ ଲମ୍ବା କରନ୍ତି। ମହିଳାମାନେ ନଖରେ ଏନାମେଲ୍, ରଙ୍ଗ ବେରଙ୍ଗର ନେଲ୍ ପଲିସ୍, ଅଳତା ଆଦି ଲଗେଇ ଆକର୍ଷଣୀୟ କରି ଗଢ଼ନ୍ତି। ଅଭିସାରିକାମାନେ ନଖରେ ଭୂମି ବିଦାରଣ କରିବା, ପୁରୁଷ ସଙ୍ଗର ନିଦର୍ଶନ ସ୍ୱରୂପ କୁଚ ଯୁଗଳରେ ନଖଚିହ୍ନ ଥିବା ଇତ୍ୟାଦି ପ୍ରୀତିର ଲକ୍ଷଣ ଭାବରେ ଜଣାଶୁଣା। ନାରୀର ନଖ ବିନ୍ୟାସ ଯୁଗେ ଯୁଗେ କବି କଳ୍ପନାର ଉତ୍ସ ହୋଇ ଆସିଅଛି। ସେଥିରୁ କେତୋଟି ଉଦାହରଣ ହେଲା, ପ୍ରାକ୍ତନ ନାଥ ସାହିତ୍ୟର ରାଧାକୃଷ୍ଣ କେଳିରେ ‘ପଚାରନ୍ତି ରାଧା ବକ୍ଷରେ ତୋହର ନଖ ଚିହ୍ନ କାହିଁ ପାଇଁ/ ବିଶାଖା ବୋଲଇଁ ନଖ ନୁହେଁ ପଥ କଣ୍ଟାର ଆଘାତ ଏଇ’, ଶାରଳା ଦାସଙ୍କ ମହାଭାରତର ଆଦ୍ୟ ପର୍ବରେ, ‘ଜାତି କୁସୁମ ପାଖୁଡ଼ା ଜିଣି ନଖରେଖ, ନୁହଇଁ ଶଶୀରେଖା ଯେ ନୁହଇଁ ବାଳକ’, ଚଣ୍ଡୀ ପୁରାଣରେ ‘ଶତଦାହ ସ୍ୱର୍ଣ୍ଣ ପ୍ରାୟ ଅଙ୍ଗୁଠିର ଜ୍ୟୋତି, ନଖ ବିରାଜଇଁ ଯଥା ପାଖୁଡ଼ା ସେବତୀ’। ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସରେ ‘ବିଷ୍ଣୁ ନଖ କୋଣେ ଏ ଥିଲା, ବାମନାବତାରେ ଭଗିରଥ ଆଣିଲା’, ଗଙ୍ଗାଧର ମେହେରଙ୍କ ତପସ୍ୱିନୀରେ ‘ମୋତି ଜ୍ୟୋତି ନଖ ଚୁମ୍ବନ ଆଶେ ରହିଲା ଡାଳିମ୍ବ ବିବୃତ ଆସ୍ୟେ’ ଇତ୍ୟାଦି ଇତ୍ୟାଦି।

ନଖ କେବଳ ଏକ ପ୍ରତ୍ୟଙ୍ଗ ନୁହେଁ, ଏହା ଏକ ଆବଶ୍ୟକତା ଓ ଅଙ୍ଗ ସୌଷ୍ଠବର ନିଦର୍ଶନ। ଏହା ଆଙ୍ଗୁଠିଗୁଡ଼ିକୁ ବାନ୍ଧି ସଜେଇ ରଖି ଶରୀରର ଶୋଭା ବୃଦ୍ଧି କରେ। ନଖ ବିନା ଶରୀର ମୁଣ୍ଡା ବୃକ୍ଷ ପରି ଘୃଣ୍ୟ ବିବେଚିତ ହୁଏ। କ୍ଷଣକ ପାଇଁ ଚିନ୍ତା କରନ୍ତୁ ତ ହାତ ଓ ପାଦରେ ଯଦି ନଖ ନଥାନ୍ତା, ତେବେ ଆଙ୍ଗୁଠିଗୁଡ଼ିକର ରୂପ କିପରି ହୋଇଥାନ୍ତା ଏବଂ ଦେହ କେମିତି ଦିଶନ୍ତା!

ସାରଦାଶ୍ରୀ, ୯୦୪- ଶାସ୍ତ୍ରୀ ନଗର
ୟୁନିଟ୍- ୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

# ଦାନ ଓ ସଞ୍ଚୟ

ଅନେକ ସମୟରେ ମଣିଷ ଧନ ସମ୍ପତ୍ତିକୁ ସାଇତି ରଖିବାକୁ ଭଲପାଏ। ସେ ସାଇତି ରଖିବା ଗୋଟିଏ କଥା, ସଞ୍ଚୟ କରିବା ଆଉ ଗୋଟିଏ କଥା। ସଞ୍ଚୟ କରିଥିବା ଲୋକ ଚାହୁଁଥାଏ ଧନ ଅଧିକରୁ ଅଧିକ ହେଉ। ସଞ୍ଚୟ କରୁଥିବା ଲୋକର ଆଶା ଅସୀମ। ଯେତେ ବଢ଼ିଲେ ବି ସେ ଅତୃପ୍ତ। କିନ୍ତୁ ସାଇତି ଥିବା ଲୋକର ଥାଏ କେବଳ ଶ୍ରଦ୍ଧା। ଯେତିକି ମିଳେ, ତହିଁରେ ସେ ସନ୍ତୁଷ୍ଟ ରହିଥାଏ। ଏ ଦୁହିଁଙ୍କ ଭିତରୁ ଭିନ୍ନ ଧରଣର ମଣିଷ ହେଲା- ଦାନ ଦେଉଥିବା ମଣିଷ, ଯାହାର ମାନସିକତା କେବଳ ଦେବାରେ ଥାଏ। ସେ ମଧ୍ୟ ସଞ୍ଚୟ କରୁଥିବା ଲୋକଟି ପରି ଧନ ଖୋଜୁଥାଏ। କିନ୍ତୁ ସେ ଖୋଜିବା ନିଜ ପାଇଁ ନୁହେଁ; ଅନ୍ୟକୁ ଦେବା ପାଇଁ। ସଞ୍ଚୟ କରୁଥିବା ଲୋକ ନିଜ ପାଇଁ ଧନ ସଂଗ୍ରହ କରିଥାଏ। ଧନ ସଂଗ୍ରହ କରିବା ହେଉ କି ଦାନ କରିବା ହେଉ, ଏହି ଭାବନା ଓ କର୍ମ ସହିତ ଜଡ଼ିତ ହୋଇଛି ତା’ର ଫଳ। ଜଣେ ଧନକୁ ଅନ୍ୟ କାହା ପାଇଁ ଖର୍ଚ୍ଚ ନକରି କେବଳ ସାଇତି ରଖିଲେ ଯେତିକି ସୁଖ ମିଳି ନଥାଏ, କାହାକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇଲେ, ତା’ଠାରୁ ଅଧିକ ସୁଖ ମିଳିଥାଏ। ସଞ୍ଚୟ କରି ରଖିବା ଅପେକ୍ଷା ଦାନ କରିବା ଦ୍ୱାରା ଅଧିକ ଧନ ଆସିଥାଏ। ଏହାର ଏକ ଉଦାହରଣ।



ପଦ୍ମବିନ୍ଦ

ସେଦିନ କୂଅ ପାଖରେ ଥିବା ଢଳେଇ କୁଣ୍ଡ ଗର୍ବରେ ଫୁଲୁଥିଲା। କୂଅକୁ କହୁଥିଲା- ‘ତୁ ଅତ୍ୟନ୍ତ ଗଭୀର। ତେଣୁ ଲୋକେ ତୋ’ଠାରୁ ପାଣି ନ ନେଇ ନେଉଛନ୍ତି ମୋ’ଠାରୁ। ତୋତେ ବେଶୀ ଆଦର ନ କରି ମୋତେ ବେଶୀ ଆଦର କରୁଛନ୍ତି। ତୋ ଭିତରେ ଥରେ ପଡ଼ିଗଲେ ଲୋକ ହୁଏତ ମରିଯାଇ ପାରେ। ମାତ୍ର ମୋ ପାଖରେ କାହାର ମୃତ୍ୟୁର ଭୟ ନାହିଁ। ବରଂ ପାଣି ପିଇ ଟିକିଏ ବଞ୍ଚିବାର ସୁଖ ଅଛି। ମୁଁ କାହାକୁ ପାଣି ଦେବାକୁ ନ ଚାହିଁଲେ ବି ଲୋକେ ମୋ ପାଣିକୁ ଶେଷ କରି ଦେଉଛନ୍ତି।’ ଏହା ଶୁଣି କୂଅ କହିଲା- ‘ମୋ’ଠାରୁ କେହି ପାଣି ନନେଲେ ମୋର ଦୁଃଖ। କାରଣ ମୁଁ ଜାଣେ ଦେବାରେ ଥାଏ ଆନନ୍ଦ। ସଞ୍ଚୟରେ ଥାଏ ଦୁଃଖ।’ କିଛି ଦିନ ପରେ ପ୍ରବଳ ଝଡ଼- ବର୍ଷା ହେଲା। କୁଣ୍ଡରେ ପାଣି ଭର୍ତ୍ତି ହୋଇଗଲା। ସେଥିରେ ଗୋଟିଏ ମୃତ ପକ୍ଷୀ ଶାବକ ପଡ଼ିଗଲା। ଖୁବ୍ ଦୁର୍ଗନ୍ଧ ହେଲା। ଲୋକେ ସେହି କୁଣ୍ଡକୁ ସଫା ନକରି ସିଧାସଳଖ କୂଅରୁ ପାଣି ନେଲେ। ଧୀରେ ଧୀରେ କୁଣ୍ଡର ଜଳ ଶୁଖୁଥିଲା। ଯେତିକି ଶୁଖୁଥିଲା, ସେତିକି ପଚୁଥିଲା ମଧ୍ୟ। କୂଅରୁ ପାଣି ନେବା ହେତୁ ପାଣି ଝରୁଥିଲା। ଏତିକି ବେଳେ କୂଅ କୁଣ୍ଡକୁ କହିଲା- ‘ଏବେ କିପରି ଅଛୁ? ତୁ ତ ପାଣି ସାଇତି ରଖିବାକୁ ଚାହୁଁଥିଲୁ। ତୋ ପାଣି କେହି ଖର୍ଚ୍ଚ କରୁ ନାହାନ୍ତି। ତୁ ସୁଖରେ ଅଛୁ ତ?’

ଆମ ସମାଜରେ ଦୁଇ ଶ୍ରେଣୀର ମଣିଷ ଅଛନ୍ତି। କୂଅ ଓ ପାଣିକୁଣ୍ଡ ଭଳି। ଧନକୁ ସଞ୍ଚୟ କରୁଥିବା ଲୋକ ଭାବୁଥାଏ ଧନ ବଢ଼ିଚାଲୁ। କିନ୍ତୁ ଧନ ବଢୁ ନଥାଏ। ବରଂ ସରିଯାଏ। ପାଣି କୁଣ୍ଡରୁ ପାଣି ସରିଲା ଭଳି। ଦାନ କରୁଥିବା ଲୋକ ଚାହୁଁଥାଏ ଧନ ସରିଯାଉ। ତା’ ପାଖକୁ ଆହୁରି ଧନ ଆସୁଥାଏ, କୂଅରୁ ପାଣି ଝରିଲା ପରି। କାରଣ ଯିଏ ଦେବା ଚିନ୍ତାରେ ଥାଏ, ତାକୁ ଧନ ମିଳିଯାଏ। ଯିଏ ସାଇତିବା ଚିନ୍ତାରେ ଥାଏ, ତା’ର ଧନ ସରିଯାଏ।

ଲେଖା ପଠାଇବାର ଠିକଣା, ସମ୍ପାଦକ, ‘ନିତିଦିନ’, Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## କାରଖାନାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ‘ମୃତକଙ୍କ ପରିବାରକୁ ମିଳିବ ୧୨ ଲକ୍ଷ ଟଙ୍କା’

**ଅନୁଗୋଳ,୬।୫/ଏନ୍‌ଏନ୍‌ଏସ୍:** ଛେଣ୍ଡିପଦା ବ୍ଲକ ପରଙ୍ଗସ୍ଥିତ ‘ଶ୍ରୀ ମେଟାଲିକ୍ସ’ କାରଖାନାରେ ଗତ ୪ତାରିଖ ରାତି ପ୍ରାୟ ୮.୩୦ମି. ବେଳେ ପ୍ଲାଣ୍ଟର ଡିଆର୍‌ଆଇ ୟୁନିଟର କିଲାନ-୧ରେ କାର୍ଯ୍ୟ କରୁଥିବା ବେଳେ ଅକସ୍ମାତ୍ ୩ ଶ୍ରମିକଙ୍କ ପ୍ରାଣହାନି ଘଟିଥିଲା । ମୃତ ଶ୍ରମିକମାନେ ହେଲେ ସୁନ୍ଦରଗଡ଼ ଜିଲ୍ଲା ଟିଙ୍କୁଡ଼ା ଗ୍ରାମର ପିଣ୍ଟୁ କୁମାର, ଶ୍ରୀଧର ବାଘଲ୍ ଏବଂ ଖ୍ଲାରିପଡ଼ାର ମଙ୍ଗଳ ମାଝୀ । ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଗଭୀର ଶୋକ ପ୍ରକାଶ କରିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ପ୍ରାଥମିକ ତଦନ୍ତ ପରେ ଦୁର୍ଘଟଣା ଘଟିଥିବା କିଲାନ-୧କୁ ତୁରନ୍ତ ବନ୍ଦ କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ଅଡିଟ ଟିମ୍ ଦ୍ୱାରା ସମ୍ପୂର୍ଣ୍ଣ କାରଖାନାର ସୁରକ୍ଷା ଯାଞ୍ଚ କରାଯିବ । କାରଖାନା ମ୍ୟାନେଜ୍‌ମେଣ୍ଟ ପ୍ରତି ମୃତକଙ୍କ ପରିବାରକୁ ଅନ୍ତିମ ସଂସ୍କାର ପାଇଁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ୭ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ଲାଣ୍ଟ ମ୍ୟାନେଜମେଣ୍ଟ ପ୍ରକାଶ କରିଛି । କ୍ଷତିପୂରଣ ଆଇନ,୧୯୨୩ ଅନୁଯାୟୀ ପ୍ରତି ମୃତକଙ୍କ ପରିବାର ପିଛା ପ୍ରାୟ ୧୨ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏହି ସୂଚନା ପ୍ରଦାନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ଆଇନଗତ ସହାୟତା ଓ ସରକାରୀ ପ୍ରାପ୍ୟ ଶୀଘ୍ର ଯୋଗାଇ ଦେବା ପାଇଁ ନିଶ୍ଚିତ କରାଯାଇଛି ।

# ୨କୋଟି ବ୍ୟୟରେ ରାସ୍ତା ଓ କେନାଲ୍ ଶିଳାନ୍ୟାସ



**ପଙ୍ଗାମୁଣ୍ଡାଇ,୬।୫/ଏନ୍‌ଏନ୍‌ଏସ୍:** ପଙ୍ଗାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଗଙ୍ଗାରାମପୁର ପଞ୍ଚାୟତ ତାରିଣୀ ଛକ ଠାରେ ୨କୋଟି ଟଙ୍କା ବ୍ୟୟରେ ଜିଗରଣ ନୂଆପଡା ରାସ୍ତା ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୋବରୀ ସମ୍ପ୍ରସାରିତ କେନାଲ ନଂ ୧-୧/୨ କଂକ୍ରିଟକରଣ ଶିଳାନ୍ୟାସ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତା ଓ କେନାଲ କଂକ୍ରିଟକରଣର ଶିଳାନ୍ୟାସ କରିବା ସହିତ ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ସ୍ଥାନୀୟ ୪ଟି ପଞ୍ଚାୟତର ଜନସାଧାରଣ ଗମନାଗମନ ଓ ଚାଷୀମାନେ ଜଳ ସେଚନ ସୁବିଧା ପାଇପାରିବେ ବୋଲି ପ୍ରକାଶ କରିଥିଲେ । ଏହି ଉତ୍ସବରେ ପଙ୍ଗାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁନୀଲ ନାୟକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ,୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା,ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ବ୍ଲକ୍ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷାବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାଷ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୁବୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡା, ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ ।

# ଦୁଇଦିନିଆ ଅନୁଗୋଳ ଗସ୍ତରେ ଜନଗଣନା ଉପ-ନିର୍ଦ୍ଦେଶକ



**ଅନୁଗୋଳ,୬।୫/ଏନ୍‌ଏନ୍‌ଏସ୍:** ଭାରତ ସରକାରଙ୍କ ଜନଗଣନା ଉପ-ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଦୁଇଦିନିଆ ଅନୁଗୋଳ ଗସ୍ତରେ ଆସି ଜିଲ୍ଲାରେ ଚାଲୁଥିବା ଜନଗଣନା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି । ଗତକାଲି ପୂର୍ବାହ୍ନରେ ଶ୍ରୀ ମହଲା ଅନୁଗୋଳରେ ପହଞ୍ଚିବା ପରେ ପ୍ରଥମ ଦିନରେ ବଣ୍ଡାଁରପାଳ ତହସିଲ ଅଧୀନରେ ଥିବା ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର, ବଣ୍ଡାଁରପାଳ ତହସିଲଦାର ତଥା ଚାର୍ଜ ଅଫିସର ସୁଶାନ୍ତ କୁମାର ମିଶ୍ର ଏବଂ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ଉପସ୍ଥିତ ଥିଲେ । ଏଥିସହ ସହକାରୀ ଜିଲ୍ଲାପାଳ ସଞ୍ଜୟ ଭୋଇ ଓ ଅନୁଗୋଳ ଜିଲ୍ଲା ପାଇଁ ନିୟୋଜିତ ରାଜ୍ୟ ସଂଯୋଜକ ଅମିତରନ୍ମ ଓ ଦୀପକ କୁମାର ଉପସ୍ଥିତ ଥିଲେ । ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ ଆଜି ମଧ୍ୟାହ୍ନରେ ଉପ-ନିର୍ଦ୍ଦେଶକ ଶ୍ରୀ ମହଲା ଜିଲ୍ଲାର ସମସ୍ତ ୧୩ଟି ଚାର୍ଜର ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଯୋଗ ଦେବା ସହ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଆଲୋଚନା ସମୟରେ ସେ ଜିଲ୍ଲାରେ ଜନଗଣନା କାର୍ଯ୍ୟର ଅଗ୍ରଗତି ଏବଂ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।

# ସମାଜସେବୀ ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ

**ମୁଣ୍ଡାଟିକିରି,୬।୫/ଏନ୍‌ଏନ୍‌ଏସ୍:** ସ୍ୱାଧୀନତା ସଂଗ୍ରାମୀ ତଥା ବଡଚଣାର ପୂର୍ବତନ ବିଧାୟକ ଓ ଗ୍ରାମ୍ୟ ଚିକିତ୍ସକ ଡାକ୍ତର ଜଗନ୍ନାଥ ଦାସଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକ ଚଣ୍ଡୀଖୋଲ ସ୍ଥିତ ଓୟୁଡବ୍ଲ୍ୟୁ-ଜେ(ସାମ୍ବାଦିକ) କାର୍ଯ୍ୟାଳୟ ଠାରେ ପାଳନ ହୋଇଯାଇଛି । ଡାକ୍ତର ଜଗନ୍ନାଥ ଦାସ ମେମୋରିଆଲ ଟ୍ରଷ୍ଟର ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରାଦ୍ଧ ବାର୍ଷିକ ପାଳନ ଅବକାଶରେ ଟ୍ରଷ୍ଟର ସଦସ୍ୟ ଓୟୁଡବ୍ଲ୍ୟୁଜେ ସକ୍ରିୟ କର୍ମକର୍ତ୍ତା, ବିଶିଷ୍ଟ ନାଗରିକ ଯୋଗଦେଇ ପ୍ରଭୁଜଗନ୍ନାଥଙ୍କ ଫଟୋରେ ପୁଷ୍ପଅର୍ଘ୍ୟ ପ୍ରଦାନକରି ବଡଚଣାର ଜନନାୟକ ତଥା ଗ୍ରାମ୍ୟ ଚିକିତ୍ସକ ଡାକ୍ତର ଜଗନ୍ନାଥ ଦାସ ଓ ସହଧର୍ମିଣୀ ଶାନ୍ତିଲତାଙ୍କ ଫଟୋ ଚିତ୍ରରେ ସମୂହ ଅତିଥିଗଣ ମାଲ୍ୟାର୍ପଣ



କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ପାଦକ ଶଶାଙ୍କ ଶତପଥି ଗ୍ରାମ୍ୟ ଚିକିତ୍ସକ ଡାକ୍ତର ଜଗନ୍ନାଥ ଦାସଙ୍କ କର୍ମମୟ ଜୀବନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ପ୍ରଫେସର ଯତିନ୍ଦ୍ର ରାଉତ, ଟ୍ରଷ୍ଟି ପ୍ରଫେସର ଡଃ. ରୁଦ୍ରପ୍ରତାପ ଦାସ, ଡଃ. ବନମାଳୀ ରଥ, ଶରତ କୁମାର ପାଣି, ସୁନୀଲ କୁମାର ଜେନା, ଜ୍ଞାନେଶ ମହାନ୍ତି, ଅନାଦି ଲେଙ୍କା, ପବିତ୍ର କୁମାର କର, ରାମଚନ୍ଦ୍ର ସାମଲ,ବଡବୋହୁ ପ୍ରଣତୀ ଦାସ,ପବିତ୍ର ମୋହନ ପାତ୍ର, ଶଶାଙ୍କ ଶତପଥୀ, କୁଳମଣୀ ପାତ୍ର ପ୍ରମୁଖ ଯୋଗଦେଇ ସମାଜସେବୀ ତଥା କର୍ମଯୋଗୀ ପଶ୍ଚାତ ଗ୍ରାମ୍ୟ ଚିକିତ୍ସକ ଡାକ୍ତର ଜଗନ୍ନାଥ ଦାସଙ୍କ ମୂଲ୍ୟବୋଧ ସେବା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଆଇନଜୀବୀ ଜ୍ଞାନେଶ ମହାନ୍ତି ସମସ୍ତ ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପବ୍ଲିକ୍ ସର୍ଭିସ୍ କୋଡ୍‌ର ସୀମା ଟପିଲେ ଉପଜିଲ୍ଲାପାଳ

# ଶ୍ରୀବଳଦେବଜିଉ ଟ୍ରଷ୍ଟବୋର୍ଡ ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**କେନ୍ଦ୍ରାପଡ଼ା,୬।୫/ଏନ୍‌ଏନ୍‌ଏସ୍:** ପ୍ରଥମେ ସାଧାରଣ ଲୋକ, ପରେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଥିଲେ ଉପଜିଲ୍ଲାପାଳ ଅରୁଣ ବାବୁ(ନାୟକ) । ଏହାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ଏବେ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉ ଦେବୋତ୍ତର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀଙ୍କୁ ସେ ଦୁର୍ବ୍ୟବହାର କରିଛନ୍ତି । ଏହାକୁ ନେଇ ସମଗ୍ର ଜିଲ୍ଲାରେ ଆଲୋଡନ ସୃଷ୍ଟି ହୋଇଛି । ପବ୍ଲିକ ସର୍ଭିସ କୋଡ୍‌କୁ ଉଲ୍ଲଘଂନ କରୁଛନ୍ତି । ବୁଦ୍ଧିଜୀବୀଙ୍କ କହିବା କଥା ହେଲା ସେ ହେଉଛନ୍ତି ପବ୍ଲିକ ସର୍ଭ୍ୟାଣ୍ଟ ଅର୍ଥାତ ଜନତାଙ୍କ ଚାକର । ହେଲେ ସେ ଜନତାଙ୍କୁ ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଜନତା ହେଉଛନ୍ତି ପବ୍ଲିକ ସର୍ଭ୍ୟାଣ୍ଟ ପାଇଁ ଭଗବାନ । ଜନତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାର ପ୍ରାଥମିକ କର୍ତ୍ତବ୍ୟ ହେଉଛି ଜଣେ ପବ୍ଲିକ ସର୍ଭ୍ୟାଣ୍ଟଙ୍କର । ହେଲେ ଏହି ଜିଲ୍ଲାରେ ନିଯୁକ୍ତ ଜଣେ ପବ୍ଲିକ ସର୍ଭ୍ୟାଣ୍ଟ ଅରୁଣ ବାବୁ ପବ୍ଲିକ ସର୍ଭିସ କୋଡ଼ର ସମସ୍ତ ନୀତି ନିୟମକୁ ଉଲ୍ଲଘଂନ କରିଛନ୍ତି । ତେଣୁ ତାଙ୍କ ବିରୋଧରେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ତାଙ୍କ ଔଦ୍ଧତାମି ମଙ୍ଗଳବାର ଚରମ ସୀମା ଲଙ୍ଘନ କରିଥିଲା । ଅରୁଣ ବାବୁ ବଳଦେବଜୀଉ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ । ରଥ ନିର୍ମାଣ ପ୍ରସଙ୍ଗକୁ ନେଇ ଏକ ବୈଠକ ଅତିରିକ୍ତ ଜିଲାପାଳ ତଥା ଟ୍ରଷ୍ଟ ବୋର୍ଡର ସଭାପତି ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଇଚ୍ଛାପୁରସ୍ଥିତ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ଚାଲିଥିବା ବେଳେ ଫାଇଲକୁ ନେଇ ଏଭଳି ବ୍ୟବହାର କରିଥିଲେ ଉପଜିଲ୍ଲାପାଳ । ରଥ ନିର୍ମାଣ ଫାଇଲ କୁଆଡେ ଗଲା ବୋଲି ଉଚ୍ଚସ୍ୱରରେ ଉପଜିଲ୍ଲାପାଳ ଅରୁଣ ନାୟକ କହିଥିଲେ । ଏହାର ଉତ୍ତରରେ ନିର୍ବାହୀ ଅଧିକାରୀ ମଧ୍ୟ ଉଚ୍ଚସ୍ୱରରେ ଉତ୍ତର ଦେଇଥିଲେ । ରଥ ନିର୍ମାଣ ଫାଇଲ କୁଆଡେ ଗଲା ବୋଲି ଉପଜିଲାପାଳ ଉଚ୍ଚସ୍ୱରରେ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କୁ ପଚାରିବାରେ । ଏହାର ଉତ୍ତରରେ ଶ୍ରୀ ପତ୍ରୀ କହିଥିଲେ ଯେ ରଥନିର୍ମାଣ ଫାଇଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏଥିପାଇଁ ଦାୟୀ ବୋଲି ସେ ଉଚ୍ଚସ୍ୱରରେ କହିଥିଲେ । ଯଦି ଫାଇଲ ରଖିପାରୁନ ତେବେ ଚାକିରି ଛାଡିଦିଅନ୍ତୁ ବୋଲି ଉପଜିଲ୍ଲାପାଳ ଶ୍ରୀ ପତ୍ରୀଙ୍କୁ କହିଥିଲେ । ଏହାକୁ ନେଇ ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ବଳଦେବଜୀଉ ଦେବୋତ୍ତର ନ୍ୟାସର ସଭାପତି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ହସ୍ତକ୍ଷେପ କରିବା ଫଳରେ ମାମଲା ଥମି ଥିଲା । ହେଲେ ଉପଜିଲ୍ଲାପାଳଙ୍କ ଏତାଦୃଶ୍ୟ ବ୍ୟବହାରରେ କ୍ଷୁବ୍ଧ ହୋଇ ନିର୍ବାହୀ ଅଧିକାରୀ ଦେବୋତ୍ତର କମିଶନରଙ୍କୁ ରଥ ନିର୍ମାଣ କାର୍ଯ୍ୟରେ ଅନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ଚିଠି ଲେଖିଛନ୍ତି । ମନ୍ଦିର ପ୍ରଶାସନ ସହ ରଥ ନିର୍ମାଣ କାର୍ଯ୍ୟ ଉପରେ ତଦାରଖ କରିବା ନେଇ କାର୍ଯ୍ୟର ଚାପ ରହୁଛି । ତେଣୁ ଅନ୍ୟ ଅଧିକାରୀଙ୍କୁ ଦିଆଯାଉ ବୋଲି ସେ ଚିଠିରେ ସେ ଉଲ୍ଲେଖ କରିଥିବା ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନାହିଁ । ଏ ନେଇ ଶ୍ରୀ ପତ୍ରୀଙ୍କୁ ପଚାରିବାରୁ ସେ କହିଲେ ଉପଜିଲ୍ଲାପାଳ ମୋତେ ଯେଉଁ ସ୍ୱରରେ ପ୍ରଶ୍ନ କଲେ ମୁଁ ସମାନ ସ୍ୱରରେ ତାଙ୍କୁ ଉତ୍ତର ଦେଇଛି । ଏଥିସହ ରଥନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ଅନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରାଯାଉ ବୋଲି ସେ ଦେବୋତ୍ତର କମିଶନରଙ୍କୁ ଚିଠି ଲେଖିଥିବା ପ୍ରକାଶ କରିଛନ୍ତି । ଉପଜିଲ୍ଲାପାଳ ବାରମ୍ବାର ଏଭଳି କରୁଥିବାରୁ ତାଙ୍କ ବିରୋଧରେ ତୁରନ୍ତ ରାଜ୍ୟସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କେନ୍ଦ୍ରାପଡାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ଜେଲ୍ ଗଲେ ଗଣିତ ଶିକ୍ଷକ

**ଜଗତ୍‌ସିଂହପୁର,୬।୫/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଦଧିବାବନଜିଉ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସମୀର କୁମାର ନାୟକ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବାଲିକୁଦା ଥାନା ପୁଲିସ ଗିରଫ କରି କୋର୍ଟଚାଲଣ କରିଛନ୍ତି । କୋର୍ଟରେ ବେଲ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଜେଲ୍‌କୁ ପଠାଇ ଦିଆଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ପ୍ରକାଶ, ବାଲିକୁଦା ଥାନା ଅନ୍ତର୍ଗତ ବାଖରାବାଦ ଗ୍ରାମର ଗଣିତ ଶିକ୍ଷକ ସମୀର କୁମାର ନାୟକ ନିକଟସ୍ଥ ଦଧିବାବନଜିଉ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକତା କରନ୍ତି । କିଛିଦିନ ହେଲା ଉକ୍ତ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ(୧୩ବର୍ଷ)କୁ ଖରାପ ନଜରରେ ଦେଖି ଆସୁଥିଲେ । ବାରମ୍ବାର ଏହିପରି ନଜର ପକାଇବା ସହ ଶରୀରରେ ହାତମାରି ଅଶ୍ଳୀଳ ବାର୍ତାଳପ କରିବା ଓ ପରୀକ୍ଷାରେ ଭଲ ମାର୍କଦେଇ ଉତୀର୍ଣ୍ଣ



କରାଇବା ଇତ୍ୟାଦିର ପ୍ରଲୋଭିତ କରିବା ନେଇ ନାବାଳିକା ଜଣଙ୍କ ଭୟଭୀତ ହୋଇ କାନ୍ଦି କାନ୍ଦି ବାପା ଓ ମାଆଙ୍କୁ ଜଣାଇଥିଲେ । ଏ ସମ୍ପର୍କରେ ନାବାଳିକାର ଅବିଭାବକ ବିଦ୍ୟାଳୟକୁ ଯାଇ ଅଭିଯୁକ୍ତ ଗଣିତ ଶିକ୍ଷକଙ୍କୁ ପଚାରିବା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ । ପ୍ରଧାନଶିକ୍ଷକ ଉକ୍ତ ଅଭିଯୋଗକୁ କଙ୍ଗାରୁକୋର୍ଟ ଜରିଆରେ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ । ହେଲେ ଅବିଭାବକ ଏଥିରେ ଝିଅର ଭବିଷ୍ୟତକୁ ସୁରକ୍ଷିତ ମନେ ନକରି ୫ ତାରିଖରେ ବାଲିକୁଦା ଥାନାରେ ନାବାଳିକାର ମାଆ ଝିଅକୁ ବିଦ୍ୟାଳୟର ଗଣିତ ଶିକ୍ଷକ ସମୀର କୁମାର ନାୟକ ଅସଦାଚରଣ କରିଥିବା ଅଭିଯୋଗ କରିଥିଲେ । ଏହି ଅଭିଯୋଗରେ ପୁଲିସ ଥାନାରେ ଦଫା ୭୪/୭୫/୭୯ ବିଏନ୍‌ଏସ ଆକ୍ଟରେ ମାମଲା ନଂ ୧୭୦/୨୩୦୨୬ ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲେ । ଆଜି ଅପରାହ୍ନରେ ତାଙ୍କୁ କୋର୍ଟଚାଲଣ କରି ଜେଲ୍ ପଠାଇ ଦିଆଯାଇଥିବା ପୁଲିସ ପକ୍ଷରୁ ସୂଚନାମିଳିଛି ।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା, ଫେରାର ଅଭିଯୁକ୍ତ ଗିରଫ

**ପରଜଙ୍ଗ,୬।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ବସୁଲେଇ ଗ୍ରାମରୁ ଗତ ୮।୯।୨୫ ରିଖରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ପୂର୍ବରୁ ୨ ଜଣ ଓ ଗତକାଲି ରାତିରେ ଫେରାର ଅଭିଯୁକ୍ତକୁ ପରଜଙ୍ଗ ପୁଲିସ ଗିରଫ କରିବାରେ ସଫଳ ହୋଇଛି । ପୁଲିସ ସୂତ୍ରରୁ ଜଣାପଡିଛି ପରଜଙ୍ଗ ଥାନା ଅନ୍ତର୍ଗତ ମାଣିକମରା ପଞ୍ଚାୟତ କାଦପଡା ଗ୍ରାମର ହରି ବେହେରାଙ୍କ ପୁତ୍ର ପ୍ରଶାନ୍ତ ବେହେରା (୩୫) ଗତ ତା ୮।୯।୨୦୨୫ରେ ସକାଳ ସମୟରେ କାର୍ଯ୍ୟରତ କମ୍ପାନୀ ଅନୁଗୋଳ ଅଭିମୁଖେ ଯିବାପାଇଁ ଗାଁ ଛକ ନିକଟରେ ଠିଆ ହୋଇଥିବା ବେଳେ କିଛି ଦୁର୍ବୃତ୍ତ ବିଧା ଗୋଇଠା ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରି ଗ୍ରାମର କେନାଲ ପୋଲ ନିକଟରେ ଫିଙ୍ଗି ଦେଇଥିଲେ । ପରିବାର ଲୋକେ ଖବରପାଇ



ଖୋଜାଖୋଜି କରି ସନ୍ଧ୍ୟା ସମୟରେ ସେହି ଗ୍ରାମ କେନାଲ ପୋଲ ନିକଟରେ ଅତି ଗୁରୁତର ଅବସ୍ଥାରେ ପାଇ ତାଳଚେର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ତାପରଦିନ ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ପ୍ରଶାନ୍ତ ବେହେରାଙ୍କ ମୃତ୍ୟୁ ହୋଇଥଲା । ସେହିଦିନଠାରୁ ଦୁର୍ବୃତ୍ତମାନେ ଫେରାର ଥିଲେ । ପୁଲିସ ସନ୍ଧାନ ଜାରି ରଖିଥିଲା । ଗତକାଲି ବସୁଲେଇ ଗ୍ରାମର ଭଗବାନ ବେହେରାଙ୍କ ପୁତ୍ର ଅଭୟ ବେହେରା (୪୫) ଫେରାର ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ନାବାଳିକାକୁ ପ୍ରତାରଣା, ଯୁବକ ଗିରଫ



**ପରଜଙ୍ଗ,୬।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ମାଣିକମରା ପଞ୍ଚାୟତ କାଦପଡା ଗ୍ରାମରେ ଏକ ନାବାଳିକାକୁ ପ୍ରେମ ଓ ପ୍ରତାରଣା କରି ଯୁବକ ଗିରଫ । ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ପ୍ରେମ କରୁଥିବା ଯୁବକ ଛବି ବେହେରାଙ୍କ ପୁତ୍ର ସୁଶିଲ ବେହେରା (୨୬) ପରଜଙ୍ଗ ଥାନା କେସ ନଂ ୨୬୭/୫/୦୫ ତାରିଖରେ ଅଭିଯୁକ୍ତ ନାମରେ କେସ ରୁଜୁ କରି କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଯୁବକ ନାବାଳିକାକୁ ୮ରୁ ୯ମାସ ହେବ ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ୍ ଜରିଆରେ ପ୍ରେମକରି ଆସୁଥିଲା । ଗତ ମଙ୍ଗଳବାର ଦିନ ନାବାଳିକାକୁ ଉସକାଇ ଧରି ଘରୁ ପଳାଇ ଯାଉଥିଲେ । ପରିବାର ଲୋକେ ଜାଣିପାରି ପୁଲିସର ଆଶ୍ରୟ ନେଇଥିଲେ । ଉଭୟ ବସ୍ ଯୋଗେ ଯାଉଥିବା ବେଳେ ପୁଲିସ ଉଭୟଙ୍କୁ ଧରିଆଣି ଯୁବକକୁ କୋର୍ଟଚାଲାଣ କରିବା ସହ ନାବାଳିକାକୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି ।

# ୫୦ ଲିଟର ମଦ ଜବତ, ୨ ଗିରଫ

**ପରଜଙ୍ଗ,୬।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅବକାରୀ ଟିମ୍ ପୃଥକ ଭାବେ ଦୁଇଟି ଜାଗାରୁ ୫୦ ଲିଟର ବିଦେଶୀ ମଦ ଜବତ କରିଛି । ପ୍ରକାଶ, ପରଜଙ୍ଗ ଥାନା ଅନ୍ତର୍ଗତ ସରାଙ୍ଗ ପଞ୍ଚାୟତ ଜଟିଆ ଗ୍ରାମର ସନିସ୍ତ ନାଏକଙ୍କ ସ୍ତ୍ରୀ ମିନାକ୍ଷୀ ନାଏକ (୩୩) ଜଟିଆ ଗ୍ରାମ ରାସ୍ତାରେ ୨୦ ଲିଟର ବିଦେଶୀ ମଦ ବିକ୍ରୟ କରିବା ପାଇଁ ନେଇଥିବା ବେଳେ ପରଜଙ୍ଗ ଅବକାରୀ ଟିମ୍ କାବୁ କରିଥିବା ବେଳେ ପରଜଙ୍ଗ ଥାନା ଅନ୍ତର୍ଗତ କୁଆଲୋ ପଞ୍ଚାୟତ କଳଦା ଗ୍ରାମର କୁମର ସାହୁଙ୍କ ପୁଅ ସିପୁନ ସାହୁ (୨୯)ଙ୍କ କଳଦା ଗ୍ରାମ ରାସ୍ତା ର ପ୍ରାଥମିକ ବିଦ୍ୟାଳୟ ନିକଟରେ ୩୦ ଲିଟର ବିଦେଶୀମଦ ଜବତ କରିବା ସହ କାବୁ କରିଥିଲେ ଅବକାରୀ ଟିମ୍ । ଉଭୟ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଅବକାରୀ ଅଧିକାରିଣୀ ବାସନ୍ତୀ ବାଙ୍କି ସୂଚନା ଦେଇଛନ୍ତି ।

# ୧୦.୩୦ ଗ୍ରାମ୍ ବ୍ରାଉନସୁଗର ଜବତ, ୩ ଗିରଫ

**ଜଗତ୍‌ସିଂହପୁର,୬।୫/ଏନ୍‌ଏନ୍‌ଏସ୍:** ବୁଧବାର ଜଗତସିଂହପୁର ପୁଲିସ ପୁନଙ୍ଗ ପଞ୍ଚାୟତ କେନାଲ ବନ୍ଧ ରୋଡ ସାଇଡରେ ଥିବା ମାଆ ସର୍ବାଙ୍ଗ ସୁନ୍ଦରୀ ମନ୍ଦିର ନିକଟରେ ଅଚାନକ ଚଢାଉ କରି ୧୦.୩୦ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରିବା ସହିତ ୩ ଯୁବ ବ୍ୟବସାୟୀଙ୍କୁ ଗିରଫ କରିଛି । ଏଥି ସହିତ ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗର ବ୍ୟବସାୟ କରିଥିବା ନଗଦ ୧ହଜାର ଟଙ୍କା, ୩ଟି ମୋବାଇଲ୍ ଫୋନ ଓ ବ୍ରାଉନ୍‌ସୁଗର ବ୍ୟବହାର ନିମନ୍ତେ କିଛି କଲର ପେପର ଜବତ କରି ଆଣିଛନ୍ତି । ତେବେ ଜବତ ହୋଇଥିବା ବ୍ରାଉନ୍‌ସୁଗରର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ଗିରଫ ୩ଜଣ ଯୁବ ବ୍ୟବସାୟୀ ହେଲେ, ବାଲିକୁଦା ଥାନା ଅନ୍ତର୍ଗତ ସାହାଡା ଗ୍ରାମର ସ୍ୱର୍ଗତ ଶଶିଭୂଷଣ ଘଡେଇଙ୍କ ପୁଅ କମଳାକାନ୍ତ ଘଡେଇ(୩୨), ଡିଅସାହି ଦାଦପୁର ଗ୍ରାମର ପ୍ରଶାନ୍ତ ମହାରଣାଙ୍କ ପୁଅ ମୃତ୍ୟୁଞ୍ଜୟ ମହାରଣା(୨୮) ଓ ସଦର ଥାନା ଲାଲାସାହି ଗ୍ରାମର ସନାତନ ସାହୁଙ୍କ ପୁଅ ଶଙ୍କର ସାହୁ(୪୩)ଙ୍କ ବିରୋଧରେ ଦଫା ୨୧(ବି)/୨୯(୧) ଏନଡିପିଏସ ଆକ୍ଟରେ ମାମଲା ନଂ ୩୮୩/୨୦୨୬ ରୁଜୁ କରା ଯାଇ ବୁଧବାର ଅପରାହ୍ନରେ କୋର୍ଟଚାଲଣ କରା ଯାଇଥିବା ସଦର ଆଇଆଇସି ସୁଭାଷ ସାହୁ ସୂଚନା ପ୍ରଦାନ କରିଛନ୍ତି । ପ୍ରକାଶ, ସଦର ଆଇଆଇସି ଶ୍ରୀ ସାହୁ କୌଣସି ସୂତ୍ରରୁ ପୁନଙ୍ଗ ପଞ୍ଚାୟତ କେନାଲ ବନ୍ଧ ରୋଡ ସାଇଡରେ ଥିବା ମାଆ ସର୍ବାଙ୍ଗ ସୁନ୍ଦରୀ ମନ୍ଦିର ନିକଟ ରାସ୍ତା କଡରେ ଉପରୋକ୍ତ ୩ଜଣ ଅଭିଯୁକ୍ତ ବ୍ରାଉନ୍‌ସୁଗର ବ୍ୟବସାୟ କରୁ ସୂଚନା ପାଇଁ ଏସ୍‌ଆଇ ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ଚଢାଉ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏସ୍‌ଆଇ ଶ୍ରୀ ପଣ୍ଡା ଏକ ପୁଲିସ ଟିମ୍ ସହାୟତାରେ ଚଢାଉ କରି ଉପରୋକ୍ତ ୩ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ଉପରୋକ୍ତ ସାମଗ୍ରୀ ଜବତ କରି ଥାନାକୁ ଆଣିଥିଲେ । ଅପରାହ୍ନରେ ଏସ୍‌ଆଇ ଶ୍ରୀ ପଣ୍ଡାଙ୍କ ଅଭିଯୋଗ କ୍ରମେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରିଛନ୍ତି । ଅନ୍ୟପକ୍ଷରେ ଅଭିଯୁକ୍ତ ୩ଜଣଙ୍କ ଜବତ ମୋବାଇଲ୍‌କୁ ଯାଞ୍ଚ କରି ଏହି କାରବାରରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ଆଇଆଇସି ଶ୍ରୀ ସାହୁ ସୂଚନା ପ୍ରଦାନ କରିଛନ୍ତି ।




# କାଳବୈଶାଖୀ ଆଣିଦେଲା ଆଶ୍ୱସ୍ତି

**ତାଳଚେର,୬।୫/ଏନ୍‌ଏନ୍‌ଏସ୍:** ତାଳଚେର ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ୩ଦିନ ହେବ ପାଗ କୋହଲା ହେବା ସହ କାଲି ରାତ୍ରୀ ସମୟରେ ଖୁବଯୋରରେ ପବନ ବୋହିବା ସହିତ ବର୍ଷା ହୋଇଥିଲା । ପାଣିପାଗ ସୂଚନା ଅନୁଯାୟୀ ଆସନ୍ତା ୭ତାରିଖ ଯାଏଁ କାଳବୈଶାଖି ହେବାର ସମ୍ଭାବନା ରହିଛି । ତାଳଚେର ଅଞ୍ଚଳରେ ଉତାପ ୪୫ ଡ଼ିଗ୍ରୀକୁ ବୃଦ୍ଧି ପାଇ ରେକର୍ଡ଼ କରିଥିଲେ ମଧ୍ୟ ଆଜି ଏହା ଖସି ୩୦.୨ରେ ରହିଥିବା ଉପଜିଲ୍ଲାପାଳ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । କାଳବୈଶାଖୀରେ ପ୍ରଭାବରେ ତାଳଚେର ଅଞ୍ଚଳରେ କ୍ଷୟକ୍ଷତି ବିଶେଷ ହୋଇନଥିଲେ ମଧ୍ୟ ଗଛ ପଡ଼ିବା ସହିତ ଠାଏ ଠାଏ ସ୍ଥାନରେ କଦଳୀ ଗଛ ନଷ୍ଟ ହୋଇଛି । ଏହି କାରଣରୁ ଜଳବାୟୁ ଥଣ୍ଡା ରହିବା ସହ ଲୋକମାନଙ୍କୁ ଅଳ୍ପକେ ଆଶ୍ୱସ୍ତି ଆଣିଦେଇଛି ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ

**ଅନୁଗୋଳ,୬।୫/ଏନ୍‌ଏନ୍‌ଏସ୍:** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ,କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ,ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପବନ ମଣ୍ଡୋଠିଆ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଓ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଜଳସେଚନ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପୂର୍ତ୍ତ, ପଞ୍ଚାୟତ ଓ ଗ୍ରାମୀଣ ଜଳଯୋଗାଣ, ଖାଦ୍ୟ ଯୋଗାଣ ଏବଂ ଖାଦ୍ୟ କଲ୍ୟାଣ, ନଗର ଉନ୍ନୟନ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ବର୍ଷାଦିନ ପୂର୍ବରୁ ନାଳ ନର୍ଦ୍ଦମାଗୁଡ଼ିକୁ ସଫା କରିବା ଓ ମରାମତି କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଯନ୍ତ୍ର ଚାଳିତ ବୋଟ୍‌ଗୁଡ଼ିକ ସଜାଗ ରଖିବା, କଣ୍ଟ୍ରୋଲ ରୁମ୍‌ଗୁଡ଼ିକୁ



କାର୍ଯ୍ୟକ୍ଷମ କରିବା, ନିୟମିତ ବୃଷ୍ଟିପାତ ମାପିବା, ଆଶ୍ରୟସ୍ଥଳଗୁଡ଼ିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ନିମନ୍ତେ ଗଛ କାଟିବା,ମେଡିକାଲରେ ଆବଶ୍ୟକ ଜରୁରୀକାଳୀନ ସମସ୍ତ ଔଷଧ ଯଥା-ମ୍ୟାଲେରିଆ,ଟାଇଫଏଡ୍ ଔଷଧ,ଓଆର୍‌ଏସ୍, ବ୍ଲିଚିଂ ପାଉଡର, କ୍ଲୋରିନ୍ ବଟିକା ଇତ୍ୟାଦି ମହଜୁଦ ରଖିବା,ପାନୀୟଜଳ ଯୋଗାଣ,ପଲିଥିନ୍ ମହଜୁଦ ରଖିବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷକ ବିରଞ୍ଚି ବାଗ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିଶୁ ଶ୍ରମ ନିବାରଣ ଅଭିଯାନ ଆରମ୍ଭ

# 'ଶିଶୁ ଶ୍ରମ କେବଳ ଆଇନଗତ ଉଲ୍ଲଂଘନ ନୁହେଁ, ସାମାଜିକ ଅନ୍ୟାୟ'



**କେନ୍ଦୁଝର,୬।୫/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ତତ୍ତ୍ୱାବଧାନରେ ରାଜ୍ୟବ୍ୟାପୀ ଶିଶୁ ଶ୍ରମ ନିବାରଣ ଅଭିଯାନ ଆରମ୍ଭ ହୋଇଛି। ଶିଶୁ ଶ୍ରମିକ ଉଚ୍ଛେଦ ଦିଗରେ ସାମୂହିକ ପ୍ରୟାସକୁ ସୁଦୃଢ଼ କରିବାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ଶିଶୁ ଶ୍ରମ କେବଳ ଏକ ଆଇନଗତ ଉଲ୍ଲଂଘନ ନୁହେଁ ବରଂ ଏକ ଗୁରୁତର ସାମାଜିକ ଅନ୍ୟାୟ। ଶିଶୁ-ଶ୍ରମ ମୁକ୍ତ ସମାଜ ହାସଲ କରିବା ପାଇଁ ଜନସଚେତନତା ଏବଂ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସିଂଖୁଣ୍ଟିଆ କହିଥିଲେ। ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଯୋଗଦେଇ ଶିଶୁ ଶ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗ ହୋଇରହିଛି ଯାହା ନିରନ୍ତର ସଚେତନତା, ଗୋଷ୍ଠୀ ଅଂଶଗ୍ରହଣ ଓ ଆଇନର କଠୋର କାର୍ଯ୍ୟକାରିତା ଆବଶ୍ୟକ କରିଥାଏ। ପ୍ରତ୍ୟେକ ଶିଶୁ ଶିକ୍ଷା, ସୁରକ୍ଷା ଓ ମର୍ଯ୍ୟାଦାର ଅଧିକାର ପାଇବାକୁ ଯୋଗ୍ୟ ବୋଲି ଶ୍ରୀମତୀ ପାତ୍ର କହିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଶ୍ରମ କମିଶନର୍ ଇନ୍ଦ୍ରମଣି ତ୍ରିପାଠୀ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ, କଳ୍ପନା ଲେଙ୍କା, କସ୍ତୁରୀ ମିଶ୍ର, ସୁଜାତା ନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର୍ ଓ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଭାଗୀୟ ଶ୍ରମ କମିଶନର୍ ସୂର୍ଯ୍ୟନାରାୟଣ ମାଳୀ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରିୟଙ୍କା ମଲ୍ଲିକ ପରିଚାଳନା କରିଥିଲେ।

## ବାଗୁଡ଼ି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ପ୍ରସୂତି କକ୍ଷ ଉଦ୍‌ଘାଟିତ



**ସୋର,୬।୫/ଏନ୍ଏନ୍ଏସ୍:** ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତ ଅନ୍ତର୍ଗତ ବାଗୁଡ଼ି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ପ୍ରସୂତି କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ସୋର ସିଏଚ୍‌ସି ଅଧୀକ୍ଷକ ଡାକ୍ତର କାଶୀନାଥ ପଣ୍ଡା ଏହାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର, ଦେବେନ୍ଦ୍ର କୁମାର ପ୍ରଧାନ ଓ ଭାରପ୍ରାପ୍ତ ଡାକ୍ତର ଲକ୍ଷ୍ମୀ ପ୍ରସାଦ ରାଉତ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ବିଶ୍ୱନାଥ ପାତ୍ର, ସ୍ନେହଲତା ପାତ୍ର, ପ୍ରୀତିନନ୍ଦା ମହାନ୍ତି, ପ୍ରହଲ୍ଲାଦ ଜେନା ଓ ତୁଳସୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ବହୁଦିନରୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପ୍ରସୂତି କକ୍ଷ ପାଇଁ ଦାବି ହୋଇଥିବାବେଳେ ସରକାରୀ ଭାବେ ଏହାକୁ ସ୍ଥାପନ କରିବା ପରେ ସାଧାରଣ ପ୍ରସୂତି, କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଓ ସମସ୍ତ ରୋଗର ଚିକିତ୍ସା ସୁବିଧା ମିଳିପାରିବ ବୋଲି ଡା. ରାଉତ କହିଥିବାବେଳେ ଏଥିପାଇଁ ଅଧିକ କର୍ମଚାରୀ ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

## ମାଟ୍ରିକ୍ ପରୀକ୍ଷାରେ ସୋର ପବ୍ଲିକ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା



**ସୋର,୬।୫/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସୋର ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ପାସ୍‌ହାର ଶତପ୍ରତିଶତ ହୋଇଛି। ଉକ୍ତ ସ୍କୁଲ୍‌ର ପ୍ରଥମ ବ୍ୟାଚ୍‌ର ୧୬ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଭଜହରୀ ବିଦ୍ୟାପୀଠ ଦହୀପୁର ମାଧ୍ୟମରେ ପରୀକ୍ଷା ଦେଇ କୃତିତ୍ୱର ସହ ପାସ୍ କରିଛନ୍ତି। ତନ୍ମଧ୍ୟରୁ ଦୁଇ ଜଣ ଛାତ୍ରୀ ଗାର୍ଗୀ ନାୟକ ୫୬୧ ନମ୍ବର ଏବଂ ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ପାସ୍ କରିଥିବାବେଳେ ୬ ଜଣ ଏ-୨ରେ, ୫ ଜଣ ବି-୧ରେ ଓ ୩ ଜଣ ବି-୨ ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ମାନ ବଢ଼ାଇଛନ୍ତି। ଏଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସମୟରେ ବିଦ୍ୟାଳୟର ସଭାପତି ମାୟାଧର ନାୟକ, ସମ୍ପାଦକ ଶ୍ରୀଧର ପ୍ରସାଦ ବେହେରା, ଅଧ୍ୟକ୍ଷ ମହେଶ୍ୱର ପଣ୍ଡା, ପ୍ରଦୀପ କୁମାର ଦାଶ, ଅନାମ ପ୍ରସାଦ ବାରିକ, ପ୍ରଶାନ୍ତ କୁମାର ଦାସ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମ ନାରାୟଣ ଦାସ, ଦିବାକର ସାହୁ, ଗୌରାଙ୍ଗ ଖୁଣ୍ଟିଆ, ଗୁଲତାଜ ଖାନ୍, ସନ୍ତୋଷ କୁମାର ନାୟକ, ଉମ୍ବରୁଧର ଜେନା, ରମେଶ ଚନ୍ଦ୍ର ମହାପାତ୍ର, ବିବେକ ମହାପାତ୍ର, ବିଦ୍ୟୁତ୍‌ସ୍ମିତା ନାୟକ, କାଞ୍ଚନ ବିଶ୍ୱାସ, ଅଞ୍ଜୁ ରାଣୀ ରାଏ, ଭାଗ୍ୟଶ୍ରୀ ଖୁଣ୍ଟିଆ, ସୀମା ବାରିକ, ବବିତା ଜେନା ଓ ୟାସ୍ମିନ୍ ପରବିନ୍ ପ୍ରମୁଖ ଉପସ୍ଥିତ ରହି ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ।

## ବିଜେଡି ନେତା କମଳାକାନ୍ତ ସ୍ୱାଇଁଙ୍କ ପରଲୋକ



**ତିହିଡ଼ି,୬।୫/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ର ବରିଷ୍ଠ ବିଜେଡି ନେତା କମଳାକାନ୍ତ ସ୍ୱାଇଁଙ୍କ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲ୍‌ରେ ବୁଧବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ପୂର୍ବରୁ ମୁକୁନ୍ଦପୁର ପଞ୍ଚାୟତର ସମିତିସଭ୍ୟ ଓ ଆରସା ସମବାୟ ସମିତିର ସଭାପତି ଭାବେ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରି ଲୋକାଦୃତ ହୋଇଥିଲେ। ତାଙ୍କ ପତ୍ନୀ ଅପର୍ଣ୍ଣା ସ୍ୱାଇଁ ଭଦ୍ରକ ଜିଲ୍ଲାପରିଷଦର ଉପାଧ୍ୟକ୍ଷା ଥିଲେ। ସ୍ୱର୍ଗତଃ ସ୍ୱାଇଁ କିଛିଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମରଶରୀର ତିହିଡ଼ିରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଆରସା ଓ ଝିଙ୍କିରିଆ ଗ୍ରାମ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରଯାଇଥିଲା। ତାଙ୍କ ଶବାଧାରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବିଷ୍ଣୁବ୍ରତ ରାଉତରାୟ, ତିହିଡ଼ି ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ଦାସ, ସଂଗ୍ରାମ କେଶରୀ ଦାସ, ପୂର୍ବତନ ସରପଞ୍ଚ ଅଜୟ ରାଉତ, ପଞ୍ଚାୟତ ବିଜେଡି ସଭାପତି ଗଣେଶ ପ୍ରସାଦ ନାୟକ, ସମାଜସେବୀ ସୁଧାଂଶୁ ନାୟକ, ହିମାଦ୍ରୀ ରାଉତରାୟ ଓ ରତିକାନ୍ତ ଦାସ ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଟପ୍ପର୍ ତାଲିକାରେ ଖଇରାରୁ ୪



**ଖଇରା,୬।୫/ଏନ୍ଏନ୍ଏସ୍:** ନିକଟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ +୩ ଡିଗ୍ରୀ ଫଳାଫଳ ପ୍ରକାଶ ପାଇଛି। ଏଥିରେ ଖଇରା ମହାବିଦ୍ୟାଳୟରୁ ୩ ଜଣ ଓ କୁପାରୀର ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରୁ ଜଣେ ଛାତ୍ରୀ ରହିଛନ୍ତି। କଳାର ଅର୍ଥଶାସ୍ତ୍ର ସମ୍ମାନରେ ଖଇରା ମହାବିଦ୍ୟାଳୟ ଛାତ୍ର ଚନ୍ଦ୍ରକାନ୍ତ ସାମଲ୍ ଟପ୍ପର୍ ହୋଇଛନ୍ତି। ସେ ୧୮୦୦ରୁ ୧୫,୫୬ ନମ୍ବର ରଖି ଏହି ଯୋଗ୍ୟତା ହାସଲ କରିଥିବାବେଳେ ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଓଡ଼ିଆ ସମ୍ମାନରେ ଖଇରା ବ୍ଲକ୍ ସମସରପୁର ଗ୍ରାମର ଆକାଂକ୍ଷା ଗିରି ୧,୪୯୯ ନମ୍ବର ରଖିଥିବା ବେଳେ ଭବିଷ୍ୟତରେ ଅଧ୍ୟାପିକା ହେବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ବିଜ୍ଞାନ ବିଭାଗ ଗଣିତ ସମ୍ମାନରେ ଇପ୍ସିତା ଲେଙ୍କା ୧,୬୬୫ ନମ୍ବର ରଖି ଟପ୍ପର୍ ହୋଇଛନ୍ତି। ଇପ୍ସିତା ବ୍ୟାଙ୍କ ପିଓ ପାଇଁ ନିଜକୁ ପ୍ରସ୍ତୁତ କରୁଥିବାବେଳେ ସଫଳତାର ଶ୍ରେୟ ମାଆ ବାପା ଓ କଲେଜ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏହାଛଡ଼ା ବିଜ୍ଞାନ ବିଭାଗରେ ପ୍ରାଣୀବିଜ୍ଞାନ ସମ୍ମାନରେ କୁପାରୀ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଛାତ୍ରୀ କାଜଲ ଜେନା ୧,୬୩୭ ନମ୍ବର୍ ରଖି ଟପ୍ପର୍ ହୋଇଥିବାବେଳେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ କୁପାରୀ ଗ୍ରାମନିବାସୀ କାଜଲଙ୍କୁ କୁପାରୀ କଲେଜର ଅଧ୍ୟକ୍ଷ ଡ. ସରୋଜ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ଜନ୍ମଦିନରେ ରକ୍ତଦାନ ଶିବିର



**ବାରିପଦା,୬।୫/ଏନ୍ଏନ୍ଏସ୍:** ନନ୍ଦଲାଲା ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ପ୍ରତିଷ୍ଠାତା ଶିବ ପ୍ରସାଦ ନନ୍ଦଙ୍କ ଜନ୍ମଦିନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସେ ନିଜେ ଓ ତାଙ୍କ ଧର୍ମପତ୍ନୀ ଅନୁପମା ନନ୍ଦଙ୍କ ସମେତ ମୋଟ୍ ୨୫ ଜଣ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ଶିବ ପ୍ରସାଦ ନନ୍ଦ, ଉପସଭାପତି ହୀରାଲାଲ ଘଣ୍ଟିଆଳ, ସମ୍ପାଦକ ଅନୁପମା ନନ୍ଦ, କୋଷାଧ୍ୟକ୍ଷ ଲିପିଶ୍ରୀ ମହାକୁଡ଼ ଓ ସହସମ୍ପାଦକ ସୁଧାଂଶୁ ଶେଖର ରଣା ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଅତିଥିଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ପୂର୍ବତନ ଉପନଗରପାଳ ଜୀତେନ୍ଦ୍ର ମହାନ୍ତି, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଯୁବନେତା କୃଷ୍ଣଚନ୍ଦ୍ର ଦାସ, କାଉନସିଲର୍ ଶିବ ପାତ୍ର, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ହିମାଂଶୁ ଶେଖର ପ୍ରହରାଜ ଓ ସୁମିତ୍ରା କୁଁଅରବାବୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତକେନ୍ଦ୍ର ବାରିପଦାର ମେଡିକାଲ୍ ଅଫିସର୍ ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ସତ୍ୟଜିତ ମହାନ୍ତ, କରୁଣାକର ଜେନା ଓ ସଂସିତା ମହାକୁଡ଼ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିର ପରିଚାଳନାରେ ତନୁସ୍ମିତା ଦତ୍ତ, ତାପସ ରଞ୍ଜନ ଜେନା, ଭବାନୀ ଶଙ୍କର ସାହୁ, ପଲଟନ ସିଂହ ଓ ନିହାର ରଞ୍ଜନ ବାରିକ ସହଯୋଗ କରିଥିଲେ। ଜନ୍ମଦିନକୁ ସମାଜ ପାଇଁ ଉତ୍ସର୍ଗୀକୃତ କରିଥିବାରୁ ଅତିଥିମାନେ ଟ୍ରଷ୍ଟର ପଦକ୍ଷେପକୁ ବେଶ୍ ପ୍ରଶଂସା କରିଥିଲେ।

## ଏମ୍‌ପିସି କଲେଜରେ ଜାତୀୟ ଆଲୋଚନାଚକ୍ର




**ବାରିପଦା,୬।୫/ଏନ୍ଏନ୍ଏସ୍:** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଆୟକର ଆଇନ-୨୦୨୫ ଓ ବିକଶିତ ଭାରତ ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର୍ ଡ. ଆଶୁତୋଷ ପ୍ରୟାଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ନାରାୟଣ ପ୍ରସାଦ ବେହେରା ଯୋଗଦେଇ ନୂତନ ଆୟକର ଆଇନ-୨୦୨୫ ଭାରତୀୟ ଅର୍ଥନୀତିକୁ ସଶକ୍ତ କରିବା ସହ ଦେଶକୁ ବିକଶିତ କରିବାରେ ନିଶ୍ଚିତ ସହାୟକ ହେବ ବୋଲି କହିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର୍ ଭୀମ ଚରଣ ମୁର୍ମୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବେ ଚାଟାର୍ଡ ଆକାଉଟାଣ୍ଟ ବିନୟ ପ୍ରକାଶ, ଜୟନ୍ତ ପ୍ରକାଶ ଶାହା, ଅନନ୍ତ କୁମାର ବେହେରା ଓ ସରକାରୀ ମହିଳା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ରୋଜୀ କାନୁନ୍‌ଗୋ ଯୋଗଦେଇ ପାୱାର୍ ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ପୁରୁଣା ଆୟକର ଆଇନ-୧୯୨୨, ୧୯୬୧ ଓ ନୂତନ ଆୟକର ଆଇନ-୨୦୨୫ ମଧ୍ୟରେ ଥିବା ମୁଖ୍ୟ ପରିବର୍ତ୍ତନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଅଧ୍ୟାପିକା ସୀମା ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ଅଧ୍ୟାପିକା ସୁଜାତା ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ଼ ଅନାମ ଚରଣ ରାଉଳ, ଡ଼ ଅର୍ଜୁନ କୁମାର ସାହୁ, ସାକିଲା ମାଝୀ, ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦୋସ, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁଙ୍କୁ ସମ୍ବର୍ଦ୍ଧନା

**ତେଲକୋଇ,୬।୫/ଏନ୍ଏନ୍ଏସ୍:** ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିକଟରେ ଦଳୀୟ ସାଂଗଠନିକ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ କେନ୍ଦୁଝର ଜିଲ୍ଲାର ଲଢୁଆ ନେତା ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହି ଘୋଷଣା ପରେ କେନ୍ଦୁଝର ଜିଲ୍ଲା ତଥା ତେଲକୋଇ ନିର୍ବାଚନମଣ୍ଡଳୀ ବିଜେଡି ଶିବିରରେ ନୂତନ ଆଶା ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ଏହାସହ ଶ୍ରୀ ସିଦ୍ଧୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ତେଲକୋଇ ବ୍ଲକ୍ ବଜେଡି ପକ୍ଷରୁ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହାସହ ତେଲକୋଇର ବହୁ ସାଧାରଣ ବର୍ଗର ଲୋକଙ୍କ ସମେତ ଅନେକ ହିତାକାଂକ୍ଷୀ ଶ୍ରୀ ସିଦ୍ଧୁଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ପଞ୍ଚାୟତସ୍ତରରେ ଥିବା ବିଭିନ୍ନ ବର୍ଗର ଦଳୀୟ କର୍ମକର୍ତ୍ତା ମଧ୍ୟ ଯୋଗଦେଇ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟପଟେ ଶ୍ରୀ ସିଦ୍ଧୁ ବିଜେଡି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ଶ୍ରୀ ସିଦ୍ଧୁ ତେଲକୋଇ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଅନେକ ସାଂଗଠନିକ ଓ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମ କରୁଥିବାବେଳେ ଉକ୍ତ କାର୍ଯ୍ୟକ୍ରମମାନଙ୍କରେ ତାଙ୍କ ଲୋକପ୍ରିୟତା ବଢୁଥିବା ଦେଖାଯାଇଛି।



## ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର,୬।୫/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ବାଲେଶ୍ୱରରେ ସମ୍ବର୍ଦ୍ଧନା ଦିଆଯାଇଛି। ବାରିପଦା ଗସ୍ତ ଅବସରରେ ଶ୍ରୀ ପଣ୍ଡା ବାଲେଶ୍ୱର ସର୍କିଟ୍ ହାଉସ୍‌ରେ କିଛି ସମୟ ଅତିବାହିତ କରିଥିଲେ। ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତଙ୍କ ସହ ଯୁବମୋର୍ଚ୍ଚା ଭାଇମାନେ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ପରେ ଶ୍ରୀ ପଣ୍ଡା ସମସ୍ତ ଯୁବ କର୍ମୀଙ୍କୁ ସାକ୍ଷାତ କରିବା ସହିତ ପଶ୍ଚିମବଙ୍ଗରେ ବିଜେପିର ବୃହତ୍ ବିଜୟ ପାଇଁ ବାଲେଶ୍ୱରରୁ ଯାଇ ବିଜେପିର ପ୍ରଚାର କରିଥିବା ସମସ୍ତ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଫୁଲତୋଡ଼ା ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଉତ୍ତର ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଶଶୀକାନ୍ତ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ବିଶ୍ୱଜିତ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସୁବ୍ରତ ବିଶ୍ୱାଳ, ରାଜ୍ୟ ଯୁବମୋର୍ଚ୍ଚା ମିଡିଆ ସଂଯୋଜକ ସୌମ୍ୟାଜିତ ମହାପାତ୍ରଙ୍କ ସମେତ ସଦସ୍ୟ ପବନ କାମିଲା, ପ୍ରତାପ ପ୍ରଧାନ, ଉମେଶ ବେହେରା, ଗୋପି ବଲ୍ଲବ ରାଉତ, ହରିଶ ଚନ୍ଦ୍ର ପ୍ରଧାନ, ଜୟଦେବ ଖୁଣ୍ଟିଆ, ଦିଲ୍ଲୀପ ପାତ୍ର ଓ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଶନି ମନ୍ଦିରର ବାର୍ଷିକୋତ୍ସବ

**ସୋର,୬।୫/ଏନ୍ଏନ୍ଏସ୍:** ସୋର ବ୍ଲକ୍ ନିଶ୍ଚିତପୁର ପଞ୍ଚାୟତ ନୂଆପାଟଣା ଗ୍ରାମସ୍ଥିତ ଶନି ମନ୍ଦିରରେ ପ୍ରଭୁ ଶ୍ରୀ ଶନି ଦେବଙ୍କ ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ଅଧିବାସ, ମଙ୍ଗଳବାର କଳସ ଶୋଭାଯାତ୍ରା ଓ ବୁଧବାର ବାର୍ଷିକ ପୂଜାର୍ଚ୍ଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଚାର୍ଯ୍ୟ ଦୀନବନ୍ଧୁ ପାଣିଗ୍ରାହୀ, ପୁସ୍ତକା ଆଚାର୍ଯ୍ୟ ଦିବାକର ପଣ୍ଡା, ତନ୍ତ୍ର ଧାରକ ପିତାମ୍ବର ପାଢ଼ୀ ଓ ଜାପକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ କୁଡ଼େଇ ଓ ଗଙ୍ଗେଇ ଗ୍ରାମ ସହିତ ଆଖପାଖ ଅଞ୍ଚଳର ଭକ୍ତମାନେ ସହଯୋଗ କରିଥିଲେ। ମୁଖ୍ୟ ପରିଚାଳକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ ଓ ଗଜେନ୍ଦ୍ର ବାରିକ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା କ୍ଷେତ ମଜଦୁର୍ ୟୁନିଅନ୍‌ର ଜିଲ୍ଲା ସମ୍ମିଳନୀ

# ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପୁନଃପ୍ରଚଳନ ପାଇଁ ଆନ୍ଦୋଳନ



**ବାଲେଶ୍ୱର,୬।୫/ଏନ୍ଏନ୍ଏସ୍:** ଓଡ଼ିଶା କ୍ଷେତ ମଜଦୁର୍ ୟୁନିଅନ୍‌ର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାର ବନ୍ଦ କରିଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପୁନଃପ୍ରଚଳନ ଓ ଦୈନିକ ମଜୁରୀ ୭ ଶହ ଟଙ୍କା ସହ ୨୦୦ ଦିନର କାମ ନିମନ୍ତେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ୟୁନିଅନ୍‌ର ରାଜ୍ୟନେତା ବିକର୍ତ୍ତନ କବି ପତାକା ଉତ୍ତୋଳନ କରିବା ସହିତ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରି ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ୍ ନିର୍ମଳ ନାଏକ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ କଟୁ ସମାଲୋଚନା କରିବା ସହିତ ଆଗାମୀ ଦିନରେ ଜିଲ୍ଲାରେ ପୁଣି ମୂଲିଆ ତଥା ଭାଗଚାଷୀ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ସଂଗଠନର ଜିଲ୍ଲା ସମ୍ପାଦକ ଦିପ୍ତିମାନ ଆଚାର୍ଯ୍ୟ ରିପୋର୍ଟ ଉପସ୍ଥାପନା କରିଥିଲେ ଏବଂ ରିପୋର୍ଟ ଉପରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ବିଶିଷ୍ଟ ବାମପନ୍ଥୀ ନେତା ଶିଶିର ହୁଇ ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ପାଇଁ କର୍ମକର୍ତ୍ତାଙ୍କୁ ସାଂଗଠନିକ କାମକୁ ବିଶେଷ ଗୁରୁତ୍ୱ ଦେବାସହ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ୧୨ ଜଣିଆ ଏକ ଜିଲ୍ଲା କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଦେବବ୍ରତ ମାଝୀ, ସମ୍ପାଦକ ଭାବେ ଦିପ୍ତିମାନ ଆଚାର୍ଯ୍ୟ, ସଭ୍ୟ ଭାବେ କୃଷ୍ଣମୋହନ ମୁର୍ମୁ, ଶୁକଦେବ ସାହୁ, ସୁଶାନ୍ତ ରାଉତ୍, ଗୋବିନ୍ଦ ଭଗବାନ, ସସ୍ମିତା ମୁଖୀ, ନମିତା ଜେନା, ବେରେନ୍ଦ୍ର ସିଂ, ମୃତ୍ୟୁଞ୍ଜୟ ନାୟକ, ସୁଶାନ୍ତ ଜେନା ଓ ରବିନ୍ଦ୍ର ଭଞ୍ଜ ମନୋନୀତ ହେବାସହ ଆଗାମୀଦିନର କାର୍ଯ୍ୟପନ୍ଥା ନେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରମିକ ନେତା ପଲଟୁ ଦାସ ଧନ୍ୟବାଦ ଦେଇଥିଲେ।



## ତୃତୀୟ ପୃଷ୍ଠାରୁ

### ବିଳମ୍ବ ହେବ ବିଜୟଙ୍କ...

ପାଇଁ ମୋଟ୍ ୧୧୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ଅନ୍ୟପକ୍ଷେ ଟିଭିକେ ୧୦୮ ଆସନ ଜିତିଥିବା ବେଳେ ଏଥିମଧ୍ୟରୁ ବିଜୟ ଦୁଇଟି ଆସନରେ ବିଜୟୀ ହୋଇଛନ୍ତି। ଅର୍ଥାତ୍ ବିଜୟଙ୍କ ପାଇଁ କେବଳ ଗୋଟିଏ ଆସନ ହିଁ ଗଣତିରେ ଆସିବ। ସୁତରାଂ ଦଳର ନିଜର ୧୦୭ ବିଧାୟକ ଥିବା ବେଳେ ଆହୁରି ୧୧ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି। ଏହାରି ମଧ୍ୟରେ ବିଜୟଙ୍କ ଆମନ୍ତ୍ରଣ କ୍ରମେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଟିଭିକେକୁ ସମର୍ଥନ ଦେବା ପାଇଁ ଗ୍ରୀନ୍ ସିଗ୍‌ନାଲ୍ ଦେଇସାରିଛନ୍ତି। ଫଳରେ କଂଗ୍ରେସର ୫ ବିଧାୟକ ବିଜୟଙ୍କୁ ସମର୍ଥନ ଦେବାକୁ ଆଗକୁ ଆସିଛନ୍ତି। ବୁଧବାର ବିଜୟ, ନିଜ ଦଳର ୧୦୭ ଏବଂ କଂଗ୍ରେସର ୫ ବିଧାୟକଙ୍କ ସ୍ୱାକ୍ଷର ସମ୍ବଳିତ ସମର୍ଥନ ପତ୍ର ନେଇ ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକରଙ୍କୁ ସାକ୍ଷାତ କରିଛନ୍ତି। କିନ୍ତୁ ରାଜ୍ୟପାଳ ତାଙ୍କ ଅତିକମ୍‌ରେ ୧୧୮ ବିଧାୟକଙ୍କ ସମର୍ଥନ ପତ୍ର ଆଣିବାକୁ କହିଥିବା ବେଳେ ବିଜୟ ବାକି ୬ ବିଧାୟକଙ୍କ ସମର୍ଥନ ଜୁଟାଇବା ପାଇଁ ରାଜ୍ୟପାଳଙ୍କୁ ଆଉ କିଛି ଦିନର ସମୟ ମାଗିଛନ୍ତି। ଏହାରି ମଧ୍ୟରେ ବିଜୟ ଏଆଇଏଡିଏମ୍‌କେକୁ ସମର୍ଥନ ଦେବାକୁ ଆହ୍ୱାନ କରିଥିଲେ ମଧ୍ୟ ଏଆଇଏଡିଏମ୍‌କେ ସମର୍ଥନ ଦେବାକୁ ମନା କରିଦେଇଛି। ମୋଟାମୋଟି ତାମିଲନାଡୁରେ ସ୍ଥିତି ଏପରି ହୋଇଛି, ନୂଆ ସରକାର ଗଠନ ହେବା ଯଦି ଅଧିକ ବିଳମ୍ବ ହୁଏ ତେବେ ରାଜ୍ୟପାଳ ରାଷ୍ଟ୍ରପତି ଶାସନ ଜାରି କରିବା ଉପରେ ବିଚାର କରିବାକୁ ବାଧହେବେ।

### ଆସାମ: ୧୨ରେ ଶପଥ...

ସମାରୋହ ଆସନ୍ତା ୧୨ ତାରିଖରେ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସମସ୍ତ ସମ୍ଭାବନା ଅନୁଯାୟୀ, ହିମନ୍ତ ବିଶ୍ୱ ଶର୍ମା ପୁଣିଥରେ ଆସାମର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ ଜାରିରଖିବେ ବୋଲି ଚର୍ଚ୍ଚା ଜୋର ଧରିଛି। ସଦ୍ୟ ସମାପ୍ତ ଆସାମ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବିପୁଳ ବିଜୟ ପରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବୁଧବାର ଦିନ ଗୁଆହାଟୀର ଲୋକଭବନରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ସପ୍ତାହ ଶେଷ ସୁଦ୍ଧା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ପହଞ୍ଚିବାର ଆଶା କରାଯାଉଛି, ଯାହାପରେ ନବନିର୍ବାଚିତ ବିଧାୟକମାନେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ନିଷ୍ପତ୍ତି ନେବେ। ତେବେ ହିମନ୍ତଙ୍କ ଉପରେ ବିଜେପି ହାଇକମାଣ୍ଡ୍ ପୁଣିଥରେ ଆସ୍ଥା ପ୍ରକଟ କରିବା ପୂର୍ବକ ତାଙ୍କୁ ଆସାମର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ ଜାରି ରଖିବାର ସୁଯୋଗ ଦେବା ସମ୍ଭାବନା ଯଥେଷ୍ଟ ଅଧିକ ବୋଲି ରାଜ୍ୟ ବିଜେପିର ଶୀର୍ଷ ସୂତ୍ରରୁ ଜଣାପଡିଛି। ମେ ୧୨ ତାରିଖରେ ଶପଥ ଗ୍ରହଣ ସମାରୋହରେ ଏହି ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଯୋଗଦେବେ ବୋଲି ସୂତ୍ରରୁ ଜଣାପଡିଛି। ହିମନ୍ତ ବିଶ୍ୱଶର୍ମା ଏବଂ ତାଙ୍କ ନୂଆ ମନ୍ତ୍ରିମଣ୍ଡଳଙ୍କ ଶପଥ ସମାରୋହରେ ବିଜେପିର ତୁଙ୍ଗନେତାମାନଙ୍କ ସହ ଦଳ ଏବେ କ୍ଷମତାସୀନ ଥିବା ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀ ତଥା ଅନ୍ୟ ବଡ଼ ନେତାମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

### ପଶ୍ଚିମବଙ୍ଗ: ୯ରେ ବିଜେପି...

ମୁଖ୍ୟମନ୍ତ୍ରୀ ପଦ ଉପରେ ବିଚାର କରାଯିବ। ଅନ୍ୟପକ୍ଷେ ମମତା ବାନାର୍ଜୀ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇନାହାନ୍ତି।

### ଶିଳ୍ପ ଅଭିବୃଦ୍ଧିର ଗେଟ୍-ୱେ...

ଦକ୍ଷିଣ-ପୂର୍ବ ଏସିଆ, ପୂର୍ବ ଏସିଆ ଏବଂ ଇଣ୍ଡୋ-ପାସିଫିକ ଅଞ୍ଚଳ ସହିତ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଶିଳ୍ପପତିଙ୍କୁ ଓଡ଼ିଶାର ନିବେଶ ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୮.୩୭ ଲକ୍ଷ କୋଟି ଟଙ୍କାର ୪୩୩ଟି ନିବେଶ ପ୍ରସ୍ତାବ ଅନୁମୋଦିତ ହୋଇଥିବାବେଳେ ୨.୮୬ ଲକ୍ଷ କୋଟି ଟଙ୍କାର ୧୪୮ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇସାରିଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ପାରାଦୀପ କିଭଳି ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିଛି ତାହା ସେ ନିଜେ ଅନୁଭବ କରିଛନ୍ତି। ଆଜି ଆମେ ସେହି ମୂଳଦୁଆ ଉପରେ ବନ୍ଦର-ଭିତ୍ତିକ ଶିଳ୍ପାୟନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଛୁ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଶାର ପ୍ରତିନିଧି ଦଳ ମୁନ୍ଦ୍ରା ଶିଳ୍ପାଞ୍ଚଳ ଏବଂ ଏସ୍‌ଇଜେଡ୍ ପରିଦର୍ଶନ କରିଥିଲେ। ସେମାନେ କଣ୍ଟେନର ଜେଟି, ଭେରି ଲାର୍ଜ କ୍ରୁଡ୍ କ୍ୟାରିଅର୍ ଜେଟି, ତମ୍ବା ଉତ୍ପାଦନ ୟୁନିଟ୍, ସୌର ସେଲ୍ ଏବଂ ପବନ ଚଳିତ ଟର୍ବାଇନ୍ ଉପକରଣ ନିର୍ମାଣ କେନ୍ଦ୍ରଗୁଡିକ ବୁଲି ଦେଖିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଧାମରା, ପାରାଦୀପ ଏବଂ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ସହିତ ଓଡ଼ିଶା ଭାରତର ପୂର୍ବ ଉପକୂଳରେ ବିକାଶର ଏକ ପ୍ରଭାବଶାଳୀ ଇଞ୍ଜିନ ଭାବେ ଉଭା ହେଉଛି। ଏହି ଗସ୍ତ ଦ୍ୱାରା ବନ୍ଦର-ଭିତ୍ତିକ ଶିଳ୍ପାୟନ ଉପରେ ଓଡ଼ିଶାର ରଣନୈତିକ ଗୁରୁତ୍ୱ ବୃଦ୍ଧି ପାଇଛି। ଉପକୂଳ ଭିତ୍ତିଭୂମି ରାଜ୍ୟର ଅର୍ଥନୈତିକ ସମ୍ପ୍ରସାରଣର ମେରୁଦଣ୍ଡ ଭାବେ ଉଭା ହେଉଛି। ଶିଳ୍ପ କରିଡର, ଲଜିଷ୍ଟିକ୍ସ ହବ୍ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ମାଧ୍ୟମରେ ଓଡ଼ିଶା ଏଭଳି ଏକ ସମନ୍ୱିତ ବ୍ୟବସ୍ଥା ଗଠନ କରୁଛି, ଯାହା ଓଡ଼ିଶାର ମାନୁଫାକଚରିଙ୍ଗ୍ କ୍ଷେତ୍ରକୁ ବିଶ୍ୱ ବଜାର ସହିତ ସହଜରେ ଯୋଡ଼ିପାରିବ।

### ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ...

ହୋଇଥିଲା କଟକ ବଡ଼ ମେଡିକାଲରେ। ହେଲେ ଜୀବନ ସହ ମାତ୍ର କେଇ ଘଣ୍ଟା ସଂଘର୍ଷ ପରେ ଶେଷରେ ଆଖି ବୁଜି ଦେଇଥିଲା ତେଜସ୍ୱିନୀ। ବେସ୍‌ମେଣ୍ଟରେ ଥିବା ଇଲେକ୍ଟ୍ରିକ୍ ପାନେଲରୁ ସର୍ଟ ସର୍କିଟରୁ ନିଆଁ ଲାଗିଥିବା କୁହାଯାଉଛି। ଅନୁମାନ କରାଯାଉଛି, ପ୍ରଥମେ ପ୍ୟାନେଲ୍ ବୋର୍ଡ ଜଳିବା ପରେ ଘର ଭିତରେ ଭର୍ତ୍ତି ହୋଇଯାଇଥିଲା କଳା ଧୂଆଁ। ଆଉ ସେଇଥିରେ ଅଣନିଶ୍ୱାସୀ ହୋଇପଡ଼ିଥିଲେ ଘର ଭିତରେ କେୟାର ଟେକର ଦମ୍ପତି ବସନ୍ତ ବେହେରା, ପତ୍ନୀ ସୁଲୋଚନା ବେହେରା ଓ ନାତୁଣୀ ତେଜସ୍ୱିନୀ। ପରେ ନିଆଁ ବ୍ୟାପିଯିବାରୁ କେହି ବି ଘର ଭିତରୁ ବାହାରିପାରି ନଥିଲେ। ଆଉ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘର ଭିତରର ଦୃଶ୍ୟ ପାଲଟି ସାରିଥିଲା ମଶାଣି ଭୂଇଁ। ନିଆଁ ଲାଗି ବାଇକ୍ ଓ କାର୍ ମଧ୍ୟ ପୋଡ଼ି ପାଉଁଶ ହୋଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିବା ବେଳେ ପୁଲିସ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ଏନେଇ ଭୁବନେଶ୍ୱର ଡେପୁଟି ଫେୟାର ଅଫିସର ନାରାୟଣ ଦାଶ କହିଛନ୍ତି ଯେ ଭୋର୍ ପ୍ରାୟ ୪ଟା ୪୧ରେ ଖବର ପାଇ ଆମେ ଘଟଣାସ୍ଥଳକୁ ଯାଇଥିଲୁ। ଭୁବନେଶ୍ୱର ଅଗ୍ନିଶମ କେନ୍ଦ୍ରର ୮ ଜଣିଆ ଟିମ୍ ନିଆଁକୁ ଆୟତ୍ତ କରିଥିଲେ। ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିଲା। ଏନେଇ ତଦନ୍ତ କରାଯାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ଦାଶ କହିଛନ୍ତି।

### ସଫଳ ହେଲା ମିଶନ...

ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ବାଉଁଶଗାଡ଼ିଆ ଗ୍ରାମର କୁନି ପ୍ରଧାନଙ୍କ ମଝିଆ ପୁଅ ଶିବ ପ୍ରଧାନ (୧୧) ବଡ଼ବାପା ରାମ ପ୍ରଧାନଙ୍କ ସହିତ ମହୁସଂଗ୍ରହ କରିବାକୁ ନିକଟସ୍ଥ ଚୋରଖୋଲ ଜଙ୍ଗଲକୁ ଯାଇଥିଲେ। ପାହାଡ଼ର ଶୀର୍ଷକୁ ଚଢ଼ି ପଥରଗୁମ୍ଫା ଭିତରେ ମହୁ ଆଣିବାକୁ ଶିବ ଚେଷ୍ଟାକରି ମୁହଁ ପୂରାଇଥିଲା। କିନ୍ତୁ ସେହି ଗୁମ୍ଫା ଭିତରୁ ସେ ଆଉ ବାହାରକୁ ବାହାରି ପାରିନଥିଲା। ପାଖରେ ଥିବା ବଡ଼ବାପା ରାମ ପ୍ରଧାନ ପୁତୁରାକୁ ବାହାରକୁ ବାହାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ନିକଟସ୍ଥ ବାଉଁଶଗାଡ଼ିଆ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଁଲୋକେ ପାହାଡ଼ ଉପରେ ପହଞ୍ଚି ନାବାଳକ ଶିବକୁ ବାହାର କରିବାକୁ ଉଦ୍ୟମ କରି ନିରାଶ ହୋଇ ଓଡ଼ଗାଁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଓଡ଼ଗାଁ ଓ ନୟାଗଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ମିଳିତ ଭାବେ ପଥରଗୁମ୍ଫା ତଳୁ ନାବାଳକକୁ ବାହାର କରିବା ପାଇଁ ଚେଷ୍ଟା କରିଥିଲେ ହେଁ ସେମାନେ ସଫଳ ହୋଇପାରିନଥିଲେ। ଏପଟେ ନାବାଳକର ମାଆ ଆଖିରେ ଆଖିଏ ଲୁହ ନେଇ ଠାକୁରଙ୍କ ପାଖରେ ପ୍ରାର୍ଥନା କରୁଥାଏ। ପାଖରେ ଅଜ୍ଞାନ କୁନି ଝିଅ ଭାଇର ଫେରିବା ବାଟକୁ ଚାହିଁ ରହିଥାଏ। ଗାଁ ଲୋକମାନେ ବିରାଟକାୟ ପଥରକୁ ଦଉଡ଼ି ବାନ୍ଧି ବାହାର କରୁଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ପଥରକୁ କାଟିବାରେ ଲାଗିଥିଲେ। ଏପଟେ ନାବାଳକକୁ ଫ୍ୟାନ୍ ଓ ବିଞ୍ଚଣା ଦ୍ୱାରା ପବନ ଦିଆଯାଉଥିଲା ଏବଂ ନାବାଳକ ସହିତ କର୍ମଚାରୀମାନେ ବାର୍ତ୍ତାଳାପ କରୁଥାନ୍ତି। ପଥରଗୁମ୍ଫା ଭିତରେ ମହୁଫେଣା ରହିଥିବାରୁ ଆଖପାଖ ଲୋକଙ୍କୁ ମହୁମାଛି କାମୁଡ଼ିବା ସହିତ ନାବାଳକ ଶିବକୁ ଆକ୍ରମଣ କରୁଥିଲେ। ତଥାପି ନାବାଳକ ଧୈର୍ଯ୍ୟହରା ନହୋଇ ଗୁମ୍ଫା ଭିତରେ ପଡ଼ି ରହିଥିଲା। ଅପରେସନ ଜଟିଳ ହେବାରୁ ଭୁବନେଶ୍ୱରରୁ ତୁରନ୍ତ ପହଞ୍ଚିଥିଲା ଅତ୍ୟାଧୁନିକ ସାଜ ସରଞ୍ଜାମ ସହ ଷ୍ଟ୍ରାଇକିଂ ଟିମ୍। ରେସ୍କ୍ୟୁ ଅପରେସନରେ ୫ଟି ଟିମ୍ ସାମିଲ ହୋଇ ଆରମ୍ଭ କରିଥିଲେ ଜୋର୍‌ଦାର୍ ଅପରେସନ। ୫୦ ଟନର ପଥରକୁ ଜଗ ଲଗାଇ ଏୟାର ଦ୍ୱାରା ଉଠାଇ ଦେଇଥିଲେ। ପଥରର କିଛି ଅଂଶ ଉପରକୁ ଉଠିଯିବା ପରେ ନାବାଳକର ବେକ ବାହାରକୁ ବାହାରି ଆସିଥିଲା। ଆଉ ଦୀର୍ଘ ୮ ଘଣ୍ଟାର ଝାଳବୁହା ପରିଶ୍ରମ ପରେ ବାହାରକୁ ଆସିଥିଲେ ନାବାଳକ ଶିବ। ତାକୁ ଉଦ୍ଧାର କରିବା ପରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତେବେ ସନ୍ଧ୍ୟାରେ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିବର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ।

## ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

# ବେବନ୍ଦୋବସ୍ତ ଜମିର ସମାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କର



- ସରକାରୀ ଜମିର ଜବରଦଖଲ କରିଥିଲେ ହେବ କାର୍ଯ୍ୟାନୁଷ୍ଠାନ
- ସଫଳ ରାଜସ୍ୱ ପ୍ରଶାସନ ନେଇ ହେବ ଜିଲ୍ଲାମାନଙ୍କର ରାଙ୍କିଙ୍ଗ୍

**ଭୁବନେଶ୍ୱର,୬ା୫/ଏନ୍‌ଏନ୍‌ଏସ୍:** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବେବନ୍ଦୋବସ୍ତ ଜମିର ସମାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ସମସ୍ତ ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ବକେୟା ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମିରୁ ପ୍ରାୟ ୭ ହଜାର ଏକର ଜମିର ବନ୍ଦୋବସ୍ତ ମାମଲା ଫଇସଲା କରାଯାଇ ରୟତି ସତ୍ୱରେ ରେକର୍ଡ଼ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି ; ସେ କ୍ଷେତ୍ରରେ କାରଣ ଦର୍ଶାଅ ନୋଟିସ୍ ଦେଇ ଏକ ମାସ ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଯେଉଁ ଜମିମାନଙ୍କର କୌଣସି ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇ ନାହିଁ ତଥା ଖତିଆନରେ କୌଣସି ସ୍ଥିରୀକୃତ ଖଜଣା କିମ୍ବା ସ୍ୱୀକୃତ ମାଲିକାନା ଦର୍ଶାଯାଇନାହିଁ, ସେହି ସବୁ ଜମି ବେବନ୍ଦୋବସ୍ତ ଜମି ଅଧୀନରେ ଆସୁଥିବା ବେଳେ ଯେଉଁ ପର୍ଯ୍ୟନ୍ତ ସମୁଚିତ ପ୍ରକ୍ରିୟାରେ ସଠିକ୍ ମାଲିକାନା ନିର୍ଦ୍ଧାରିତ ନ ହୋଇ ପାରିଛି, ସେପର୍ଯ୍ୟନ୍ତ ତାହା ସରକାରୀ ଜମି ଭାବରେ ପରିଗଣିତ ହୋଇଥାଏ। ପ୍ରଶାସନିକ ଦୃଷ୍ଟିକୋଣରୁ ଉକ୍ତ ଜମିର ବନ୍ଦୋବସ୍ତ ତହସିଲଦାରଙ୍କ ଦ୍ୱାରା ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ। ଜମି ରେକର୍ଡ଼୍ ସଠିକ୍ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ୍ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସଓପି ପୁସ୍ତିକା ଜାରି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ବିଶେଷ କାର୍ଯ୍ୟକ୍ରମ ଅଧୀନରେ ୬୨.୬୮ ଲକ୍ଷ ଖାତାର ସର୍ଭେ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୫୮.୮୦ ଲକ୍ଷ ରେକର୍ଡ଼୍ ସଂଶୋଧିତ ହେବା ସହ ସଠିକ୍ ମାଲିକାନା ସପକ୍ଷରେ ପଟ୍ଟା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ନିରୀକ୍ଷକ (ଆର୍ ଆଇ)ମାନଙ୍କୁ ପ୍ରତ୍ୟେକ ମାସରେ ୨୫୦ ରୁ ୩୦୦ ଖାତାର ସର୍ଭେ କରିବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରିତ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୃଷକ ପଞ୍ଜିକରଣ (ଫାର୍ମର୍ ରେଜିଷ୍ଟ୍ରି) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସଂଶୋଧିତ ଖାତା ଗୁଡ଼ିକରେ କୃଷକ ମାନଙ୍କୁ ସଠିକ୍ ଭାବେ ପଞ୍ଜୀକୃତ କରିବା ସହ ଆଧାର ଲିଙ୍କ୍ ସଂଯୋଗୀକରଣକୁ ସଫଳତା ସହ ସମାପନ କରିବାକୁ କୃଷି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା କୃଷକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ଉପଲବ୍ଧ ହେବା ଅଧିକ ସହଜ ଏବଂ ସମ୍ଭବ ହେବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ନିମନ୍ତେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ମାପକଆଧାରରେ ଜିଲ୍ଲାମାନଙ୍କର ର୍‌ୟାଙ୍କିଙ୍ଗ୍ କରାଯିବ ବୋଲି କହିଛନ୍ତି। ର୍‌ୟାଙ୍କିଙ୍ଗ୍ ଆଧାରରେ ଭଲ ପ୍ରଦର୍ଶନ କରିନଥିବା ଜିଲ୍ଲାମାନଙ୍କର ସମୀକ୍ଷା କରାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଶାସନିକ କାର୍ଯ୍ୟ ସମ୍ପନ୍ନ ନ କଲେ ଅଥବା କାର୍ଯ୍ୟାଦେଶ ଅବମାନନା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତ। ସେହିପରି ବେବନ୍ଦୋବସ୍ତ ଥିବା ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ସଚିବ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାଳବୈଶାଖୀ ଅଥବା କୌଣସି ବି ବିପର୍ଯ୍ୟୟ ଘଟିଲେ ତୁରନ୍ତ ତାହାର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ସହ ସମସ୍ତ ସହାୟତା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଅମୀୟ କୁମାର ସାହୁ, ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ, ଓଏସଡି ରଶ୍ମି ରଞ୍ଜନ ରାଉତ ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ସମସ୍ତ ଡିଭିଜନର ଆରଡିସି, ସମସ୍ତ ଜିଲ୍ଲାର ଏଡିଏମ୍ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# 'ଭିତ୍ତିଭୂମି ନୁହେଁ, ଜୀବନମାନର ପରିବର୍ତ୍ତନ ହେଉଛି ପ୍ରକୃତ ସଫଳତା'



**ଭୁବନେଶ୍ୱର,୬ା୫/ଏନ୍‌ଏନ୍‌ଏସ୍:** ବିଧାନସଭାର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଅଛି। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ତଥା ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ସିକ୍କିମ ସମେତ ଓଡ଼ିଶାର ବାଚସ୍ପତି ସୁରମା ପାଢୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ଆଗାମୀ ଦିନରେ କମିଟି ବ୍ୟବସ୍ଥାକୁ କିପରି ଅଧିକ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରାଯାଇପାରିବ ସେ ସମ୍ପର୍କରେ ଏହି କମିଟି ନୀତିଗତ ଭାବରେ ନିଷ୍ପତ୍ତି ଗ୍ରହଣ କରିବେ। ଏହି ସମ୍ମିଳନୀରେ ଯୋଗ ଦେଇ ବାଚସ୍ପତି ଶ୍ରୀମତୀ ପାଢୀ ନିଜର ମତ ଉପସ୍ଥାପନ କରି କହିଲେ ଯେ, ଭାରତର ସଂସଦୀୟ ପରମ୍ପରା ବ୍ୟବସ୍ଥାରେ ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏଥି ପ୍ରତି ଜନସାଧାରଣଙ୍କର ଆଶା-ଆକାଂକ୍ଷା ଓ ବିଶ୍ୱାସକୁ ବଳବତ୍ତର ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏ କ୍ଷେତ୍ରରେ ଆମର ଉତ୍ତରଦାୟିତ୍ୱବୋଧ ରହିବା ଆବଶ୍ୟକ। ବିଧାନସଭା କମିଟି ବ୍ୟବସ୍ଥା, ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଏହାର ସଫଳ ରୂପାୟନର ତଦାରଖ କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି। ଆମ ରାଜ୍ୟରେ ୪ ଟି ଫାଇନାନ୍‌ସିଆଲ୍ କମିଟି, ୧୦ଟି ଡିପାର୍ଟମେଣ୍ଟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି, ୧୦ ଟି ହାଉସ୍ କମିଟି, ୫ ଟି ଷ୍ଟାଚ୍ୟୁଟାରୀ କମିଟି ଓ ୬ ଟି ଆଡ୍ ହକ୍ କମିଟି ଏହିପରି ମୋଟ୍ ୩୫ଟି କମିଟି ରହିଛି। ଏହି କମିଟିଗୁଡ଼ିକର କାର୍ଯ୍ୟ ଓ ପରିସର ଖୁବ ବ୍ୟାପକ ଓ ଗୁରୁତ୍ୱପୂର୍ଣ୍ଣ। ଏହି କମିଟିଗୁଡ଼ିକ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ବିଧାନସଭାର ଏହି କମିଟିଗୁଡ଼ିକ କିପରି ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବ ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ।

ଏଠାରେ ସୂଚନାଯୋଗ୍ୟ ଯେ, ବିଧାନସଭା କମିଟିଗୁଡ଼ିକର ସମୀକ୍ଷା ସମ୍ପର୍କିତ ପ୍ରଥମ ବୈଠକ ଭୋପାଳଠାରେ ୨୦୨୫ ମସିହା ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ନିର୍ଣ୍ଣାୟକ ବୈଠକ ଆହୁତ ହୋଇ ସଭ୍ୟମାନଙ୍କର ସୁପାରିଶଗୁଡ଼ିକୁ ଭିତ୍ତି କରି ଏକ ଉତ୍ତମ ମାର୍ଗଦର୍ଶିକା ଚୂଡ଼ାନ୍ତ କରାଯିବ। ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ମଧ୍ୟପ୍ରଦେଶର ବାଚସ୍ପତି ଶ୍ରୀ ତୋମାର ବାଚସ୍ପତିମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ସମସ୍ତ ରାଜ୍ୟଗୁଡ଼ିକ ବିଧାନସଭାର କମିଟି ଗଡ଼ିକର ଆଗାମୀ ଦିନର ରୂପରେଖ, କାର୍ଯ୍ୟ ପରିସର ଓ ଏହାର ବ୍ୟାପକତା ସମ୍ପର୍କରେ ନିଜର ସୁଚିନ୍ତିତ ପରାମର୍ଶ ଉପସ୍ଥାପନ କରିବା ଉଚିତ। ପରବର୍ତ୍ତୀ ସମୟରେ ନିର୍ଣ୍ଣାୟକ ବୈଠକ ବସି ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଏହି ସମ୍ମିଳନୀରେ ୬ଟି ବିଧାନସଭାର ସଚିବଙ୍କ ସମେତ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଯୋଗ ଦେଇଛନ୍ତି।

## ସିଇଓ କାର୍ଯ୍ୟାଳୟ ପରିଦର୍ଶନ କଲେ ଆଇଏଏସ୍ ପ୍ରଶିକ୍ଷାର୍ଥୀ

**ଭୁବନେଶ୍ୱର,୬ା୫/ଏନ୍‌ଏନ୍‌ଏସ୍:** ୨୦୨୫ ବ୍ୟାଚ୍ ଓଡ଼ିଶା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ପ୍ରଶିକ୍ଷାର୍ଥୀମାନେ ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ (ସିଇଓ) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ନିର୍ବାଚନ ପାଇଁ କରାଯାଉଥିବା ରଣନୀତି, ଭୋଟର ତାଲିକା ପଞ୍ଜିକରଣ ପ୍ରକ୍ରିୟା, ଇଭିଏମ୍ ଓ ଭିଭିପାଟ୍ ପରିଚାଳନା ଏବଂ କିଭଳି ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରାଯାଏ, ସେ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। 'ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଅଧିକାରୀମାନେ ଏହି କ୍ଷେତ୍ରରେ ଦକ୍ଷତା ହାସଲ କରିବା ଜରୁରୀ ବୋଲି ଶ୍ରୀ ଗୋପାଳନ ପ୍ରକାଶ କରିଛନ୍ତି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥଜିଉ ବିଦ୍ୟାପୀଠ ପାଇଁ ଗର୍ବ ଆଣିଲେ ସାହିଲ୍ ଓ ତନ୍‌ବୀର୍

**ମାହାଙ୍ଗା,୬ା୫/ଏନ୍‌ଏନ୍‌ଏସ୍:** ଚଳିତ ମାଟ୍ରିକ ପରୀକ୍ଷାରେ ପାସ ହାର ୯୫.୩୩% ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ କୃତୀତ୍ୱର ସହ ପାସ କରିଥିବା ଜଣାଯାଇଛି। ଏହି ଅବସରରେ କଟକ ଜିଲ୍ଲାରେ ୯୭.୨୨% ପାସ ହାର ହୋଇଥିବା ବେଳେ ମାହାଙ୍ଗା ବ୍ଲକରେ ୧୪ଜଣ ଛାତ୍ରଛାତ୍ରୀ ଏ ୱାନ୍ ହାସଲକରି ମାହାଙ୍ଗା ପାଇଁ ଗୌରବ ଆଣି ଦେଇଛନ୍ତି। ଏ ନେଇ ମାହାଙ୍ଗା ବ୍ଲକ ଅନ୍ତର୍ଗତ ପାଇକରାପୁର ପଞ୍ଚାୟତ ସ୍ଥିତ ରଘୁନାଥଜିଉ ପଞ୍ଚାୟତ ବିଦ୍ୟାପୀଠ ବ୍ରାହ୍ମଣମଣୀଯୋରୀର ଦୁଇ ଜଣ ଛାତ୍ର କ୍ଲଷ୍ଟର୍ ତଥା ବିଦ୍ୟାଳୟ ପାଇଁ ଗର୍ବ ଆଣି ଦେଇଛନ୍ତି। ସେ ହେଉଛନ୍ତି ହଳଦିଆ ପଞ୍ଚାୟତ ଇଟାମୁଣ୍ଡଳୀ ଗ୍ରାମର ରୁଦ୍ର ନାରାୟଣ ଓଝା ଓ ମିନତୀ ଓଝାଙ୍କ ପୁତ୍ର ସାହିଲ ରଞ୍ଜନ ଓଝା(୫୪୯) ଓ ହଳଦିଆ ଗ୍ରାମର ଅଭିରାମ ସାହୁ ଓ ଅନୁସୟାଙ୍କ ପୁତ୍ର ତନବୀର ସାହୁ(୫୪୫)। ଉଭୟଙ୍କ ସଫଳତା ପାଇଁ ସେମାନେ ପିତାମାତା ,ଗୁରୁଜନ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ସେମାନେ ଆଗକୁ ଆହୁରି ଅଧିକ ପରିଶ୍ରମ କରି ସେମାନଙ୍କ ଲକ୍ଷ୍ୟରେ ପହଞ୍ଚିବେ ବୋଲି କହିଛନ୍ତି।

### ଦୁର୍ଘଟଣାରେ ୨ ବାଇକ୍...

ସେଠାରେ ଡାକ୍ତର ଜୟେଶ ଏବଂ ଜଗଦୀଶଙ୍କୁ ମୃତ ଘୋଷଣା କରିଥିବାବେଳେ ଲେମ୍ବ ମୁର୍ମୁଙ୍କ ପୁଅ ନରସିଂହ ମୁର୍ମୁ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

### ଭିଜିଲାନ୍ସ ଜାଲରେ ଲାଞ୍ଚୁଆ...

ଆବେଦନ କରିଥିଲେ। ଏହି ଋଣ ଚଳିତ ବର୍ଷ ମାର୍ଚ୍ଚ ୧୫ରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ତେବେ ବକୟା ଥିବା ସବ୍‌ସିଡି ଟଙ୍କା ୩ଲକ୍ଷ ୨ହଜାର ୪ଶହ ଟଙ୍କା ପ୍ରଦାନ କରିବାକୁ ଅଭିଯୋଗକାରୀ ଆବେଦନ କରିଥିଲେ। ତେବେ ରାକ୍ଷୀ ମେହେର ତାଙ୍କୁ ଏହି ଟଙ୍କା ପ୍ରଦାନ କରିବାକୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ତାଙ୍କର ଜମା ଖାତାକୁ ପଠାଇବାକୁ କହି ମୋବାଇଲ୍‌ରେ ଏସ୍‌ଏମ୍‌ଏସ୍ ଜରିଆରେ ଜମାଖାତା ନମ୍ବର ପଠାଇଥିଲେ। ଏନେଇ ହିତାଧିକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଜମାଟଙ୍କା ପଠାଇବା ପରେ ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ଅଧିକାରୀଙ୍କ ମୋବାଇଲ୍ ଫୋନ୍, ଜମାଖାତା ଆଦି ଜବତ କରିଛି।ଏଥିସହ ଗାଇସିଲେଟ ଓ ବିଜେପୁର ଦୁଇଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ଏଥିରେ ତିନୋଟି ଭିଜିଲାନ୍ସ ଟିମ୍ ସାମିଲ୍ ଥିଲେ।

## ବିଧାନସଭାର କମିଟି ସମ୍ପର୍କିତ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

# 'କମିଟିଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରାଯିବ'



**ଭୁବନେଶ୍ୱର,୬ା୫/ଏନ୍‌ଏନ୍‌ଏସ୍:** ବିଧାନସଭାର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ତଥା ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ସିକ୍କିମ ସମେତ ଓଡ଼ିଶାର ବାଚସ୍ପତି ସୁରମା ପାଢୀ ଯୋଗ ଦେଇଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ଆଗାମୀ ଦିନରେ କମିଟି ବ୍ୟବସ୍ଥାକୁ କିପରି ଅଧିକ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରାଯାଇପାରିବ ଏହି କମିଟି ନୀତିଗତ ଭାବରେ ନିଷ୍ପତ୍ତି ଗ୍ରହଣ କରିବେ। ବାଚସ୍ପତି ଶ୍ରୀମତୀ ପାଢୀ ନିଜର ମତ ଉପସ୍ଥାପନ କରି କହିଲେ, ଭାରତର ସଂସଦୀୟ ପରମ୍ପରା ବ୍ୟବସ୍ଥାରେ ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏଥି ପ୍ରତି ଜନସାଧାରଣଙ୍କର ଆଶା-ଆକାଂକ୍ଷା ଓ ବିଶ୍ୱାସକୁ ବଳବତ୍ତର ରଖିବା ଆମର କର୍ତ୍ତବ୍ୟ। ଏ କ୍ଷେତ୍ରରେ ଆମର ଉତ୍ତରଦାୟିତ୍ୱବୋଧ ରହିବା ଆବଶ୍ୟକ। ବିଧାନସଭା କମିଟି ବ୍ୟବସ୍ଥା, ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଏହାର ସଫଳ ରୂପାୟନର ତଦାରଖ କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି। ଆମ ରାଜ୍ୟରେ ୪ ଟି ଫାଇନାନ୍‌ସିଆଲ୍ କମିଟି, ୧୦ଟି ଡିପାର୍ଟମେଣ୍ଟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି, ୧୦ ଟି ହାଉସ୍ କମିଟି, ୫ ଟି ଷ୍ଟାଚ୍ୟୁଟାରୀ କମିଟି ଓ ୬ ଟି ଆଡ୍ ହକ୍ କମିଟି ଏହିପରି ମୋଟ୍ ୩୫ଟି କମିଟି ରହିଛି। ଏଗୁଡ଼ିକର କାର୍ଯ୍ୟ ଓ ପରିସର ଖୁବ ବ୍ୟାପକ ଓ ଗୁରୁତ୍ୱପୂର୍ଣ୍ଣ। ଏହି କମିଟିଗୁଡ଼ିକ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ବିଧାନସଭାର ଏହି କମିଟିଗୁଡ଼ିକ କିପରି ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବ ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ।

ସୂଚନାଯୋଗ୍ୟ, ବିଧାନସଭା କମିଟି ଗୁଡ଼ିକର ସମୀକ୍ଷା ସମ୍ପର୍କିତ ପ୍ରଥମ ବୈଠକ ଭୋପାଳଠାରେ ୨୦୨୫ ମସିହା ଜୁଲାଇ ୧୪ରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ନିର୍ଣ୍ଣାୟକ ବୈଠକ ଆହୁତ ହୋଇ ସଭ୍ୟମାନଙ୍କର ସୁପାରିଶଗୁଡ଼ିକୁ ଭିତ୍ତି କରି ଏକ ଉତ୍ତମ ମାର୍ଗଦର୍ଶିକା ଚୂଡ଼ାନ୍ତ କରାଯିବ। ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ମଧ୍ୟପ୍ରଦେଶର ବାଚସ୍ପତି ଶ୍ରୀ ତୋମାର ବାଚସ୍ପତିମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ସମସ୍ତ ରାଜ୍ୟଗୁଡ଼ିକ ବିଧାନସଭାର କମିଟି ଗଡ଼ିକର ଆଗାମୀ ଦିନର ରୂପରେଖ, କାର୍ଯ୍ୟ ପରିସର ଓ ଏହାର ବ୍ୟାପକତା ସମ୍ପର୍କରେ ନିଜର ସୁଚିନ୍ତିତ ପରାମର୍ଶ ଉପସ୍ଥାପନ କରିବା ଉଚିତ। ପରବର୍ତ୍ତୀ ସମୟରେ ନିର୍ଣ୍ଣାୟକ ବୈଠକ ବସି ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଏହି ସମ୍ମିଳନୀରେ ୬ଟି ବିଧାନସଭାର ସଚିବଙ୍କ ସମେତ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଯୋଗ ଦେଇଛନ୍ତି।



# ପରବିନ୍ ଶେଖ






**ପ୍ରକୃତି ସଂରକ୍ଷଣ ପାଇଁ ଏକ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ହ୍ୱିଟ୍‌ଲୀ ଆୱାର୍ଡ ପ୍ରଦାନ କରାଯାଏ। ଏହାକୁ ଗ୍ରୀନ୍ ଓସ୍କାର ବୋଲି ମଧ୍ୟ କୁହାଯାଏ। ୟୁକେ ସ୍ଥିତ ହ୍ୱିଟ୍‌ଲୀ ଫଣ୍ଡ୍ ଫର୍ ନେଚର୍ ଦ୍ୱାରା ଗ୍ଲୋବାଲ୍ ସାଉଥ୍ (ବିକାଶଶୀଳ ଦେଶଗୁଡ଼ିକ)ର ସେହି ସଂରକ୍ଷଣ ନାୟକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ ଯେଉଁମାନେ ସ୍ଥାନୀୟ ସମୁଦାୟଗୁଡ଼ିକ ସହିତ ମିଶି ଲୁପ୍ତପ୍ରାୟ ପ୍ରଜାତି ଓ ଜୈବ ବିବିଧତାଗୁଡ଼ିକୁ ରକ୍ଷା କରନ୍ତି। ଏହି ପୁରସ୍କାର ସାଧାରଣତଃ ଲଣ୍ଡନର ରୟାଲ୍ ଜିଓଗ୍ରାଫିକାଲ୍ ସୋସାଇଟିରେ ଆୟୋଜିତ ଏକ ସମାରୋହରେ ପ୍ରଦାନ କରାଯାଏ। ତେବେ ଆମ ଦେଶ ପାଇଁ ଗର୍ବର କଥା ହେଉଛି ଭାରତୀୟ ବୈଜ୍ଞାନିକ ପରବିନ୍ ଶେଖଙ୍କୁ ଏ ବର୍ଷର ପ୍ରତିଷ୍ଠିତ ହ୍ୱିଟ୍‌ଲୀ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ଉପଲବ୍ଧି କେବଳ ଭାରତ ପାଇଁ ନୁହେଁ, ପୂରା ବିଶ୍ୱରେ ଗ୍ରାସ୍‌ରୁଟ୍ସ କନ୍‌ଜରଭେସନ୍‌ର ମହତ୍ତ୍ୱକୁ ଉଜାଗର କରଉଛି।**

ଇଣ୍ଡିଆନ୍ ସ୍କିମର୍ ଅତ୍ୟନ୍ତ ଅନୋଖା, ଦୁର୍ଲଭ ଓ ଲୁପ୍ତପ୍ରାୟ ପକ୍ଷୀ। ନିଜର ଚମକପୂର୍ଣ୍ଣ ନାରଙ୍ଗୀ ଥଣ୍ଟ ଓ ପାଣିର ପୃଷ୍ଠଭାଗରେ ପହଁରୁଥିବା ମାଛମାନଙ୍କୁ ଧରିବା ପାଇଁ ନିଜର ବିଶିଷ୍ଟ ଟେକ୍‌ନିକ୍ ପାଇଁ ଏହା ବେଶ୍ ଜଣାଶୁଣା। ଏହି ପକ୍ଷୀମାନଙ୍କର ବୈଶ୍ୱିକ ସଂଖ୍ୟାର ୯୦ ପ୍ରତିଶତରୁ ଅଧିକ କେବଳ ଆମ ଦେଶରେ ଦେଖିବାକୁ ମିଳନ୍ତି। ନଦୀ କୂଳର ଭିତର ଭାଗରେ ଥିବା ବାଲିଥିବା ଉଚ୍ଚ ସ୍ଥାନ ଓ ଦ୍ୱୀପରେ ଏମାନେ ନିଜର ଘର ତିଆରି କରନ୍ତି। ନଦୀର ପ୍ରବାହର ଗତିଶୀଳତା ଓ ପର୍ଯ୍ୟାବରଣୀୟ ପରିବର୍ତ୍ତନଗୁଡ଼ିକ ପ୍ରତି ଏମାନେ ଅତ୍ୟନ୍ତ ସମ୍ବେଦନଶୀଳ ଅଟନ୍ତି। ୨୦୧୨ରୁ ଏହି ପକ୍ଷୀମାନଙ୍କ ସଂରକ୍ଷଣ ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ପରବିନ୍ ଶେଖ। ଏଥିପାଇଁ ତାଙ୍କ ଦଳ ଅଧ୍ୟୟନ ଓ ସଞ୍ଚାର କୌଶଳ ମାଧ୍ୟମରେ ପକ୍ଷୀମାନଙ୍କୁ ରକ୍ଷା କରିବା ଦିଗରେ ଆଗକୁ ବଢୁଛି ଯେଉଁଥି ପାଇଁ ସେମାନେ ସ୍ଥାନୀୟ ସମୁଦାୟ, ବନ ବିଭାଗ ଓ ଏପରିକି ଧାର୍ମିକ ନେତାମାନଙ୍କର ଭରପୂର ମାତ୍ରାରେ ସମର୍ଥନ ପ୍ରାପ୍ତ କରିଛନ୍ତି। ପକ୍ଷୀ ପରିସ୍ଥିତିକୀ ଓ ପ୍ରଜାତି ସଂରକ୍ଷଣ ଦିଗରେ ଏକ ଦଶକରୁ ଅଧିକ ସମୟର ଅନୁଭବ ସହିତ ସେମାନଙ୍କର ଅଗ୍ରଣୀ କାର୍ଯ୍ୟ କଠୋର ପରିସ୍ଥିତିକୀ ତନ୍ତ୍ର ଉପରେ ନିଜର ଦୃଷ୍ଟିକୁ ମଜଭୁତ କରି ରଖିଛି। ସାମୁଦାୟିକ ଭାଗୀଦାରୀ ଏହା ସହିତ ଯୋଡ଼ି ହୋଇ ରହିଛି। ବର୍ତ୍ତମାନ ସମୟରେ ପରବିନ୍ ବମ୍ବେ ନାଚୁରାଲ୍ ହିଷ୍ଟ୍ରି ସୋସାଇଟିରେ ଜଣେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ ଅଛନ୍ତି। ଏହା ସହିତ ସେ ଜଣେ ଇଣ୍ଡିଆନ୍ ସ୍କିମର କାଉଣ୍ଟର ସଂସ୍ଥାପିକା ଓ ସମନ୍ୱୟିକା। ନାଗରିକ ବିଜ୍ଞାନ ଦିଗରେ ଏକ ଅଭିଯାନରେ ୨୦୨୦ରୁ ଏହି ପ୍ରଜାତି ପାଇଁ ପକ୍ଷୀପ୍ରେମୀମାନଙ୍କୁ ଏକତ୍ରିତ କରାଯାଇଥିଲା। ସେ ମଧ୍ୟ ଏସିଆନ୍ ଫ୍ଲାଇୱେ କାର୍ଯ୍ୟ ଯୋଜନା ଅନ୍ତର୍ଗତ ଜାତୀୟ ପ୍ରଜାତି ସ୍ଥିତି ରିପୋର୍ଟ ସଂକଳିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ସହିତ ବୈଜ୍ଞାନିକ ପ୍ରଶାସନ, ଟେକ୍‌ନିକି ରିପୋର୍ଟ ଓ ହିତଧାରକ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକରେ ନିଜର ଯୋଗଦାନ ଜାରି ରଖିଛନ୍ତି ପରବିନ୍। ତାଙ୍କ କାର୍ଯ୍ୟଗୁଡ଼ିକ ମଧ୍ୟରେ




ଏହି ପକ୍ଷୀମାନଙ୍କର ଦୀର୍ଘକାଳୀନ ବାସସ୍ଥାନ ଉପରେ ଦୃଷ୍ଟି ରଖିବାର ପ୍ରୋଟୋକଲ୍ ବିକଶିତ କରିବା, ସ୍କିମର୍‌ର ପ୍ରବାସୀ ଆନ୍ଦୋଳନଗୁଡ଼ିକ ଉପରେ ଅଧ୍ୟୟନ କରିବା ପାଇଁ ପକ୍ଷୀମାନଙ୍କର ରିଙ୍ଗିଙ୍ଗ୍ ଓ ବ୍ୟାଣ୍ଡିଂ, ପ୍ରଜାତି-ବିଶିଷ୍ଟ ଜାତୀୟ ସଂରକ୍ଷଣ କାର୍ଯ୍ୟ ଯୋଜନାଗୁଡ଼ିକର ନିର୍ମାଣ ଆଦି ସାମିଲ ରହିଛି।

ଭାରତୀୟ ସ୍କିମର୍ ପକ୍ଷୀମାନଙ୍କ ସହିତ ପରବିନ୍‌ଙ୍କ ଯାତ୍ରା ଜିଜ୍ଞାସା ଦ୍ୱାରା ପ୍ରେରିତ। ମୁମ୍ବାଇର ନିବାସୀ ପରବିନ୍ ପ୍ରଥମ ଥର ଯେତେବେଳେ ଚମ୍ବଲ୍ ଯାତ୍ରା କରିଥିଲେ ସେ ସମୟରେ ଏହି ପ୍ରଜାତି ବିଷୟରେ ବହୁତ କମ୍ ତଥ୍ୟ ଥିଲା। କେବଳ ଏତିକି ଜଣାଥିଲା ଯେ ସ୍କିମର୍‌ମାନେ ନଦୀକୂଳରେ ନିଜର ଘର ତିଆରି କରି ରହନ୍ତି। ଚମ୍ବଲ୍ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଜନନ ସ୍ଥଳ। ନିଜ ଅଧ୍ୟୟନର ପ୍ରାରମ୍ଭିକ ସମୟରେ ସେ ଦେଖିଲେ ଯେ ବୁଲା କୁକୁର ଓ ଶିଆଳମାନେ ଅଧିକ ସଂଖ୍ୟାରେ ସ୍କିମର୍‌ଙ୍କ ଅଣ୍ଡା ଓ ଛୋଟ ଶିଶୁଙ୍କୁ ଶିକାର କରୁଛନ୍ତି। ପ୍ରତି ବସାରୁ ୩-୪ଟି ଛୁଆଙ୍କ ଭିତରୁ କେବେ କେମିତି ଗୋଟିଏ ଛୁଆ ଜୀବିତ ରହୁଥିଲା କିମ୍ବା ଉଡ଼ିବାରେ ସକ୍ଷମ ରହୁଥିଲା। ଏସବୁ ଦେଖିବା ପରେ ପରବିନ୍ ଚିନ୍ତିତ ହୋଇ ଏକ ଦଳର ଗଠନ କଲେ ଓ ଏହି ସଂକଟଗ୍ରସ୍ତ କଲୋନିଗୁଡ଼ିକର ରକ୍ଷା କରିବାର ଭାର ଉଠାଇଥିଲେ। ଏହାପରେ ନେଷ୍ଟ ଗାର୍ଡିଆନ୍ ପ୍ରୋଗ୍ରାମ ବିକଶିତ ହୋଇଥିଲା।

ତାଙ୍କର ସମସ୍ତ ସଂରକ୍ଷଣ ପ୍ରୟାସଗୁଡ଼ିକ ମଧ୍ୟରେ କଠୋର ବିଜ୍ଞାନ ଓ ସାମୁଦାୟିକ ଭାଗୀଦାରୀର ଅନୋଖା ସଙ୍ଗମ ଦେଖିବାକୁ ମିଳେ। ସେ ସ୍ଥାନୀୟ ଲୋକମାନଙ୍କୁ ସେମାନଙ୍କର ବାସସ୍ଥାନଗୁଡ଼ିକର ସୁରକ୍ଷା ଓ ସେମାନଙ୍କ ଉପରେ ଦୃଷ୍ଟି ରଖିବା, ଡାଟା ରେକର୍ଡ କରିବା, ଅଣ୍ଡା ଓ ଛୁଆମାନଙ୍କର ବିପଦ ସମୟରେ କିପରି ସେମାନଙ୍କୁ ରକ୍ଷା କରାଯିବ ସେଥିପାଇଁ ସେମାନଙ୍କୁ ନିୟୋଜିତ କରି ଏ ବିଷୟରେ ପ୍ରଶିକ୍ଷଣ ମଧ୍ୟ ଦେଇଥିଲେ। ଅନେକ ପ୍ରତିଭାଗୀଙ୍କ ପାଇଁ ଏହି କାର୍ଯ୍ୟ ପ୍ରଥମ ଥର ଥିଲା ଯେଉଁମାନେ ନିଜକୁ ନଦୀ ସଂସାଧନଗୁଡ଼ିକର ଉପଯୋଗକର୍ତ୍ତା ପରିବର୍ତ୍ତେ ସଂରକ୍ଷକ ବୋଲି ଭାବୁଥିଲେ। ଯେତେବେଳେ କୌଣସି ବ୍ୟକ୍ତି ସମୁଦାୟ ସଂରକ୍ଷକ ହୋଇଯାଉଥିଲା ତା' ପରେ ସଂରକ୍ଷଣ କୌଣସି ବାହାର ଲୋକଙ୍କର ଦାୟିତ୍ୱ ହୋଇ ରହୁନଥିଲା। ଏହାର ପରିଣାମସ୍ୱରୂପ ୨୦୨୪ରେ ବାସସ୍ଥାନ ତିଆରି କରୁଥିବା ପକ୍ଷୀମାନଙ୍କର ସଂଖ୍ୟା ୮୦୦ରୁ ଅଧିକ ହୋଇଯାଇଥିଲା। ଏହି ସଂଖ୍ୟା ୨୦୧୭ରେ ଥିଲା ୪୦୦ ପାଖାପାଖି। ତେବେ ପରବିନ୍‌ଙ୍କ ପ୍ରଚେଷ୍ଟା ଯୋଗୁ ଜାତୀୟ ଚମ୍ବଲ ଅଭୟାରଣ୍ୟରେ ବାସସ୍ଥାନଗୁଡ଼ିକୁ ସଂରକ୍ଷିତ କରି ରଖିବାର ଦରରେ ସୁଧାର ହୋଇଥିଲା ଯାହା ୧୫ ପ୍ରତିଶତରୁ ବୃଦ୍ଧି ପାଇ ୨୫ ପ୍ରତିଶତରୁ ଅଧିକ ହୋଇଗଲାଣି।

ତେବେ ପରବିନ୍‌ଙ୍କ ଏହି କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ଏବେ ସ୍କିମର୍ ପକ୍ଷୀମାନଙ୍କ ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ। ଏଥିପାଇଁ ଅନ୍ୟ ପ୍ରଜାତିମାନେ ମଧ୍ୟ ଲାଭାନ୍ୱିତ ହେଉଛନ୍ତି ଓ ସେମାନେ ବାଲିଥିବା ଉଚ୍ଚ ସ୍ଥାନରେ ନିଜର ଘର ତିଆରି କରିପାରୁଛନ୍ତି। ଏହି ଜୀବମାନଙ୍କ ମଧ୍ୟରେ ଅଛନ୍ତି ବ୍ଲାକ୍-ବେଲିଡ୍ ଟର୍ଣ୍ଣ, ଲିଟିଲ୍ ଟର୍ଣ୍ଣ, ରିଭର ଟର୍ଣ୍ଣ, ସ୍ମଲ୍ ପ୍ରାଟିନ୍‌କୋଲ୍ ଓ ନଦୀଗୁଡ଼ିକର କଇଁଛମାନେ। ଏହି ଯାତ୍ରାରେ ଅନେକ ଲୋକଙ୍କ ସହଯୋଗ ପ୍ରାପ୍ତ କରିଛନ୍ତି ପରବିନ୍ ଯେଉଁମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ତାଙ୍କର ଶିକ୍ଷକ, ତାଙ୍କର ଉତ୍ତରାଧିକାରୀ ଯଥା ମାର୍ଗଦର୍ଶକ, ୱାର୍ଲଡ୍‌ଲାଇଫ୍ ଇଣ୍ଟରନ୍ୟାସନାଲ୍ ପରି ଅନୁଦାନ ଦେଉଥିବା ଏଜେନ୍ସି। ଏପରି ଲୁପ୍ତପ୍ରାୟ ପ୍ରଜାତିଙ୍କ ପାଇଁ ଧନ ଏକତ୍ରିତ କରିବା ଏକ ଆହ୍ୱାନ ଥିଲା। ସେ ମଜାରେ ମଜାରେ ଚମ୍ବଲ ଡ଼ାକୁମାନଙ୍କୁ ଧନ୍ୟବାଦ ଜଣାଇଥିଲେ କାରଣ ସେମାନଙ୍କର ଉପସ୍ଥିତି ଅପ୍ରତ୍ୟାଶିତ ଭାବରେ ଜୈବ ବିବିଧତାଗୁଡ଼ିକୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା। ଏହା ସହିତ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ରାଜସ୍ଥାନର ବନ ବିଭାଗଗୁଡ଼ିକର ଖୁବ୍ ସହଯୋଗ ମିଳିଥିଲା। ଦୁର୍ଗମ ଭୂ-ଭାଗରେ କାମ କରୁଥିବା ମହିଳା ଅଧ୍ୟୟନକାରୀ ହୋଇଥିବା କାରଣରୁ ତାଙ୍କ ପାଇଁ ଥିବା ଆହ୍ୱାନଗୁଡ଼ିକୁ ଦେଖିବା ପରେ ସରକାର ସହାୟତା ପ୍ରଦାନ କରିଥିଲେ। ଜଣେ ଧାର୍ମିକ ନେତାଙ୍କର ମଧ୍ୟ ସେ ସହାୟତା ନେଇଥିଲେ।



ପର୍ଯ୍ୟାବରଣ ବିଜ୍ଞାନରେ ପରବିନ୍ ଶେଖ ପ୍ରଥମ ସ୍ଥାନ ପାଇ ସ୍ନାତକୋତ୍ତର ଉପାଧି ପ୍ରାପ୍ତ କରିଛନ୍ତି। ସେବେଠାରୁ ସେ ଅନେକ ପ୍ରତିଷ୍ଠିତ ପୁରସ୍କାର ଓ ଛାତ୍ରବୃତ୍ତି ପାଇଛନ୍ତି। ଏସବୁ ମଧ୍ୟରେ ସାମିଲ ଅଛି ଗ୍ରୀମ୍ ଗିବ୍ବନ୍ ଫେଲୋସିପ୍ (୨୦୨୩-୨୪), କନ୍‌ଜରଭେସନ୍ ଲିଡରସିପ୍ ପ୍ରାଗ୍ରାମ୍‌ର ଫ୍ୟୁଚର କନ୍‌ଜରଭେସନିଷ୍ଟ ଓ କଣ୍ଟିନ୍ୟୁଏସନ୍ ଆୱାର୍ଡସ୍ (୨୦୧୬, ୨୦୨୧) ଓ ରବି ଶଙ୍କରନ୍ ଫେଲୋସିପ୍ (ଇନ୍‌ଲାକ୍ସ, ୨୦୧୮)। ସମାବେଶୀ ଓ ବିଜ୍ଞାନ ଆଧାରିତ ସଂରକ୍ଷଣର ପ୍ରବଳ ସମର୍ଥକ ପରବିନ୍ ଶେଖ ଭାରତୀୟ ସ୍କିମର୍ ଓ ସେମାନଙ୍କର ଚମ୍ବଲ ଆବାସର ଜଣେ ସଚ୍ଚା ସଂରକ୍ଷକ।

---

ସୌନ୍ଦର୍ଯ୍ୟ

# ଜାପାନୀ କେଶ ଧୋଇବା ପ୍ରକ୍ରିୟା

**କେଶ ଧୋଇବା ପାଇଁ ସାଧାରଣତଃ ଆମେମାନେ ଶାମ୍ପୁ ଓ ଫ୍ୟାନ୍ସି ହେୟାର୍ ଟ୍ରିଟ୍‌ମେଣ୍ଟ୍ସ ଉପରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି। କିନ୍ତୁ କେଶକୁ ସପ୍ତାହରେ ଥରେ ଦୁଇ ଥର ଧୋଇବା ଯଥେଷ୍ଟ ହେବ ନାହିଁ। କେଶର ଅସଲ ସ୍ୱାସ୍ଥ୍ୟ ନିର୍ଭର କରେ ଧୋଇବାର ପ୍ରକ୍ରିୟା ଉପରେ। ଏପରି ସ୍ଥଳେ ଜାଣିବା ଜାପାନୀ ହେୟାର୍ କେୟାର୍ ବିଷୟରେ। ଜାପାନୀ ମିନିମଲ୍ ହେୟାର୍ ୱାସିଂ ଟେକ୍‌ନିକ୍‌ରେ ଲୁଚି ରହିଛି ସୁନ୍ଦର ଓ ରେଶମ କେଶର ରହସ୍ୟ। ତେଣୁ ଯଦି କେଶ ଝଡ଼ୁଛି, ରୁପି ବା ବେଜାନ୍ କେଶ ଦ୍ୱାରା ଚିନ୍ତିତ ଅଛନ୍ତି ତେବେ ଜାପାନର ଏହି ତିନୋଟି ପାରମ୍ପରିକ ଟେକ୍‌ନିକ୍‌ଗୁଡ଼ିକୁ ଆପଣାଇ ପାରିଲେ ଏହା ଗେମ୍-ଚେଞ୍ଜର ପ୍ରମାଣିତ ହେବ।**





୧) **ତୋହି ଅରାଇ**-ଏହ ପ୍ରକ୍ରିୟା ଦ୍ୱାରା ସ୍କାଲ୍‌ପ ଉପରେ ଖାସ୍ ଧ୍ୟାନ ଦିଆଯାଏ। ସ୍କାଲ୍‌ପ ବା ମୁଣ୍ଡର ସ୍କିନ୍ ସହିତ କେଶର ଅଧିକାଂଶ ସମସ୍ୟା ଜଡ଼ିତ ଥାଏ। ଏଥିରୁ ସମସ୍ୟା ଆରମ୍ଭ ହୋଇଥାଏ। ସ୍କାଲ୍‌ପ ହେଉଛି ସେହି ଆଧାର ଯେଉଁଠାରୁ କେଶ ଉଠିଥାଏ। ସେଥିପାଇଁ ସ୍କାଲ୍‌ପକୁ ପରିଷ୍କାର ରଖିବା ବହୁତ ଜରୁରୀ।

**ଉପାୟ**-ପ୍ରଥମେ କେଶକୁ ପାନିଆଁ ସାହାଯ୍ୟରେ ସିଧା କରନ୍ତୁ। ଏହାପରେ ନଖ ଉଷୁମ ପାଣିରେ ଏକ ମିନିଟ୍ ଧରି କେଶକୁ ଓଦା କରନ୍ତୁ। ଶାମ୍ପୁକୁ ସିଧା ସ୍କାଲ୍‌ପ ଉପରେ ଲଗାଇ ଆଙ୍ଗୁଳିଗୁଡ଼ିକ ସାହାଯ୍ୟରେ ସର୍କୁଲାର ମୋସନ୍‌ରେ ମାଲିସ୍ କରିବେ।

**ଲାଭ**-ଏହି ମାଲିସ୍ ସ୍କାଲ୍‌ପ ଉପରେ ଜମା ହୋଇଥିବା ଅପରିଷ୍କାର ତତ୍ତ୍ୱ, ରୁପି ଓ ତେଲକୁ ହଟାଇଥାଏ ଯେଉଁଥିରେ ହେୟାର ଫଲିକଲ୍ସ ଖୋଲିଯାଏ। ସ୍କାଲ୍‌ପ ସୁସ୍ଥ ରହିଲେ କେଶ ମଜଭୁତ ହୁଏ।

୨) **ଡାବୁରୁ ଅରାଇ** (ଡବଲ୍ ୱାଶ୍)- ଅଧିକ ଝାଳ ବାହାରୁଥିବା ସ୍ଥାନରେ ଯଦି ରହୁଛନ୍ତି ତେବେ ସେଠାରେ ଡବଲ୍ ୱାଶ୍ ଟେକ୍‌ନିକ୍‌କୁ ଫଲୋ କରିବାକୁ ହେବ। ବଡ଼ ବଡ଼ ସେଲୁନରେ ମଧ୍ୟ ଏହି ଟେକ୍‌ନିକ୍‌ର ବ୍ୟବହାର କରାଯାଏ।

**ଉପାୟ**- ପ୍ରଥମ ଥର ଧୋଇବା ପ୍ରକ୍ରିୟାରେ କେଶର ପୃଷ୍ଠଭାଗରେ ଥିବା ଧୂଳି, ଝାଳ ଓ ହେୟାର୍ ଷ୍ଟାଇଲିଂ ଉତ୍ପାଦଗୁଡ଼ିକର ଅବଶେଷକୁ ହଟାଯାଏ। ସେଥିପାଇଁ ଦ୍ୱିତୀୟ ଥର ଶାମ୍ପୁ ଲଗାଇବା ଜରୁରୀ। ଏଥିରେ ଫେଣ ବାହାରେ ଓ କେଶ ପରିଷ୍କାର ହୁଏ।

**ଲାଭ**-ଏହି ଚରଣରେ ସ୍କାଲ୍‌ପକୁ ପୋଷଣ ମିଳେ। କେଶ ଦୀର୍ଘ ସମୟ ପର୍ଯ୍ୟନ୍ତ ପରିଷ୍କାର ରହେ ଓ କେଶରେ ଚମକ ଫେରିଆସେ।

୩) **ଶିନ୍ତୋ ଟୋରିଟୋମେଷ୍ଟୋ**-ଏହି ପ୍ରକ୍ରିୟାରେ ଆର୍ଦ୍ରତାକୁ ଲକ୍ କରି ରଖାଯାଏ। ଯଦି କେବଳ କଣ୍ଡିସନର୍ ଲଗାଇ କେଶକୁ ଛାଡ଼ି ଦେଉଛନ୍ତି ତେବେ ଏହା ଯଥେଷ୍ଟ ହେବ ନାହିଁ। କେଶର ଭିତର ପର୍ଯ୍ୟନ୍ତ ଏହା ପହଞ୍ଚିବା ବହୁତ ଜରୁରୀ ହୋଇଥାଏ। ତେଣୁ ଏହି ଟେକ୍‌ନିକ୍ ଉପରେ ଧ୍ୟାନ ଦେଲେ କେଶ ହାଇଡ୍ରେଟ୍ ରହିବା ସହିତ ରିପେୟାର ମଧ୍ୟ ହୋଇଯିବ।

**ଉପାୟ**-ଶାମ୍ପୁ କରିବା ପରେ କେଶରୁ ଅତିରିକ୍ତ ପାଣିକୁ ବାହାର କରି ଦିଅନ୍ତୁ। ଏବେ କଣ୍ଡିସନର୍ ବା ହେୟାର୍ ମାସ୍କ ଲଗାଇ କେଶକୁ ପାନିଆଁ ସାହାଯ୍ୟରେ ସିଧା କରି ତଉଲିଆ ସାହାଯ୍ୟରେ ଗୁଡ଼େଇ ୧୦ ମିନିଟ୍ ପାଇଁ ଛାଡ଼ିଦେବେ। ଏହାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

**ଲାଭ**-ଏହି ଉପାୟ ଦ୍ୱାରା କେଶର ଆର୍ଦ୍ରତାକୁ ଲକ୍ କରାଯାଏ ଯେଉଁଥି ପାଇଁ କେଶ କୋମଳ ରହେ ଓ ଦୁଇମୁହାଁ କେଶ ସମସ୍ୟା କମ୍ ହୋଇଯାଏ। ଶେଷରେ ସିରମ୍‌ର କିଛି ବୁନ୍ଦ ଏହି ଆର୍ଦ୍ରତାକୁ ଡବଲ୍ ଲକ୍ କରିବାରେ ସାହାଯ୍ୟ କରେ।

---

ଖାଦ୍ୟଶାଳ

# ପାଳଙ୍ଗ ପନିର୍ କ୍ରିସ୍‌ମାସ୍ ଟ୍ରି

**ଆବଶ୍ୟକ** ସାମଗ୍ରୀ-ବ୍ଲାଞ୍ଚ ପାଳଙ୍ଗ-୧ ଗିନା, କଦୁକଷ ପନିର୍-୨ ଗିନା, ପିଆଜ-୨ ଚାମଚ, କଞ୍ଚା ଲଙ୍କା-୧ଟି, ଧଣିଆ ପତ୍ର-୨ ଚାମଚ, ଚିଲ୍ଲୀ ଫ୍ଲେକ୍ସ-୧ ଚାମଚ, ଓରେଗାନୋ-୧ ଚାମଚ, ତରଳିଥିବା ବଟର-୧ ଗିନା, କଟାଯାଇଥିବା ରସୁଣ-୨ ଚାମଚ, ସ୍ୱାଦ ଅନୁସାରେ-ଲୁଣ, ବ୍ରେଡ୍ ସ୍ଲାଇସ୍-ଆବଶ୍ୟକ ଅନୁସାରେ, ଚିଜ୍ ଓ ମୋଜରେଲା ଚିଜ୍।



**ପ୍ରଣାଳୀ**-ପ୍ରଥମେ ପାଳଙ୍ଗ ପତ୍ରଗୁଡ଼ିକୁ ଫୁଟୁଥିବା ପାଣିରେ ଲୁଣ ଓ ଚିନି ପକାଇ ସିଝେଇଦେବେ। ଅଳ୍ପ ସିଝିଯିବା ପରେ ତୁରନ୍ତ ଥଣ୍ଡା ପାଣିରେ ପକାଇ ଶୁଖିଲା କରନ୍ତୁ। ଗାର୍ଲିକ୍ ବଟର୍ ତିଆରି କରିବା ପାଇଁ ଏକ ପ୍ୟାନ୍‌ରେ ପ୍ରଥମେ ବଟରକୁ ଗରମ କରି ତରଳେଇ ଦେବେ। ସେଥିରେ କଟାଯାଇଥିବା ରସୁଣ, ଧଣିଆ ପତ୍ର ପକାନ୍ତୁ। ଷ୍ଟଫିଙ୍ଗ୍ ତିଆରି କରିବା ପାଇଁ ଏକ ପାତ୍ରରେ କଦୁକଷ ହୋଇଥିବା ପନିର୍ ପକାଇ ପାଳଙ୍ଗ ଶାଗକୁ ପକାଇବେ। ଏଥିରେ କଟାଯାଇଥିବା ପିଆଜ, କଞ୍ଚା ଲଙ୍କା, ଚିଲ୍ଲୀ ଫ୍ଲେକ୍ସ, ଓରିଗାନୋ ଓ ଲୁଣ ପକାଇ ମିଶାଇଦେବେ। ସାମଗ୍ରୀଗୁଡ଼ିକ ମିଶିଗଲେ ପ୍ରୋସେସ୍ ହୋଇଥିବା ଚିଜ୍, ମୋଜରେଲା ଚିଜ୍ ପକାଇ ଉପରେ ପୁଣି ଥରେ ଧଣିଆ ପତ୍ର ପକାଇ ମିଶେଇ ଦିଅନ୍ତୁ। ବ୍ରେଡ୍‌ର ସାଇଡ୍ ଅଂଶକୁ କାଟି ଅଲଗା କରି ତିନିକୋଣିଆ ଆକାର ଦିଅନ୍ତୁ। ବ୍ରେଡ୍ ଖଣ୍ଡରେ ଗାର୍ଲିକ୍-ବଟର ଲଗାଇ ଷ୍ଟଫିଙ୍ଗରୁ କିଛି ରଖି ହାତରେ ଚାପି ଦିଅନ୍ତୁ। ଏହାକୁ ଯେତେବେଳେ ବେକ୍ କରିବେ ବ୍ରେଡ୍ ତଳେ ଚିଜ୍ ଖଣ୍ଡ ଲଗାଇଦେବେ। ଚିଜ୍ ତରଳିବା ପରେ ତାହା ବାଡ଼ି ପରି କାମଦେବ। ପ୍ରଥମେ ବେକିଂ ପାତ୍ରକୁ ପ୍ରିହିଟ୍ କରି ସେଥିରେ ବ୍ରେଡ୍‌ଗୁଡ଼ିକୁ ବେକ୍ କରିବାକୁ ପଡ଼ିବ। ୧୫ ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇଯିବ ପାଳଙ୍ଗ ପନିର୍ କ୍ରିସ୍‌ମାସ୍ ଟ୍ରି।

---

ଫ୍ୟାସନ୍

# ଗ୍ରୀଷ୍ମ ଋତୁର ଶାଢ଼ି ଷ୍ଟାଇଲ୍




ଶାଢ଼ି ତ ସବୁ ଋତୁରେ ପିନ୍ଧିହେବ। ଏହାକୁ ଭିନ୍ନ ଭିନ୍ନ ଭାବରେ ଡ୍ରେପ୍ ଓ ଷ୍ଟାଇଲ୍ ବି କରିହେବ। ଯଦି ଆପଣ ଗରମ ଦିନେ ସିମ୍ପଲ୍ ଶାଢ଼ି ଲୁକ୍‌କୁ ଆକର୍ଷକ କରେଇବାକୁ ଚାହୁଁଛନ୍ତି ତେବେ ସିମ୍ପଲ୍ ଶାଢ଼ିର ଡିଜାଇନ୍ ଓ ଏହା ସହିତ ଜଡ଼ିତ କିଛି ଷ୍ଟାଇଲିଂ ଟିପ୍‌ସ ନିମ୍ନରେ ଦିଆଯାଉଛି ଯାହାକୁ ଆପଣ ଫଲୋ କରିପାରିବେ। ସ୍ଲିମ୍ ଦେଖାଯିବା ପାଇଁ ତ ସବୁ ମହିଳାମାନେ ଚେଷ୍ଟା କରନ୍ତି। କିନ୍ତୁ ସମସ୍ତଙ୍କ ଶରୀର ଏକାପରି ହୋଇ ନଥାଏ। ତେଣୁ କିଛି ଶାଢ଼ି ରହିଛି ଯେଉଁଗୁଡ଼ିକୁ ଗରମ ଦିନରେ ପିନ୍ଧି ନିଜକୁ ସ୍ଲିମ୍ ଓ ଫିଟ୍ ଦେଖେଇ ପାରିବେ। କେତେକ ମହିଳା ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି କିନ୍ତୁ ଶାଢ଼ିରେ ସେମାନେ ମୋଟି ନଜର ଆସନ୍ତି। ତେଣୁ କେତେ ପ୍ରକାରର ନିର୍ଦ୍ଦିଷ୍ଟ ଫ୍ୟାବ୍ରିକ୍ ରହିଛି ଯେଉଁଗୁଡ଼ିକୁ ଚୟନ କରି ଆରାମ ପାଇପାରିବେ।

**ଜର୍ଜେଟ୍ ଫ୍ୟାବ୍ରିକ୍**-ଏହା ଏକ ପତଳା ଫ୍ୟାବ୍ରିକ୍। ଆପଣ ନିଜ କଲେକ୍ସନ୍‌ରେ ଯଦି ଏହିପରି ଶାଢ଼ି ରଖିଛନ୍ତି ତେବେ ଏହା କେବଳ ଆପଣଙ୍କୁ ସ୍ଲିମ୍ ଲୁକ୍ ଦେବା ସହିତ ଫିଟ୍ ରହିବାର ଅନୁଭବ ମଧ୍ୟ ଦେବ। ଜର୍ଜେଟ୍ ଶାଢ଼ି ପିନ୍ଧିବା ଯେତିକି ସହଜ ଏହାକୁ କ୍ୟାରି କରିବା ମଧ୍ୟ ସେତେ ସହଜ।

**ଶିଫନ୍ ଶାଢ଼ି**- ସବୁ ଝିଅ ଓ ମହିଳାମାନେ ପ୍ରାୟତଃ ଶିଫନ୍ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ହାଲୁକା ହେବା ସହିତ ଶିଫନ୍ ଶାଢ଼ିକୁ ପିନ୍ଧିଲେ ଆପଣ ୟଙ୍ଗ୍ ନଜର ଆସିବେ ଓ ଏହା ସହିତ ସ୍ଲିମ୍ ଦେଖାଯିବେ। ଶିଫନ୍ ଶାଢ଼ି ସହଜରେ ଶରୀରରେ ଫିଟ୍ ଭାବରେ ବସିଯାଏ ଓ ଏହାର ପ୍ଲିଟ୍ ମଧ୍ୟ ଠିକ୍ ଭାବରେ ପଡ଼ିଥାଏ। ବିଶେଷ କରି ଗରମ ଦିନେ ଶିଫନ୍ ଶାଢ଼ିରେ ଆପଣ ସହଜ ଅନୁଭବ ପାଇବେ।

**କ୍ରେପ୍ ସିଲ୍କ**-ସିଲ୍କ ଶାଢ଼ି ପିନ୍ଧିବାକୁ ଯଦି ପସନ୍ଦ କରୁଛନ୍ତି ତେବେ ରେଗୁଲାର୍ ସିଲ୍କର ଚୟନ କରନ୍ତୁ। ଏହା ଆପଣଙ୍କୁ ବଲ୍କି ଓ ମୋଟି ଲୁକ୍ ଦେଇପାରେ। କେବେ କେବେ କ୍ରେପ୍ ସିଲ୍କର ଚୟନ କରନ୍ତୁ। ସାଇନି ଫ୍ୟାବ୍ରିକ୍ ହୋଇଥିବା କାରଣରୁ ଏହା ଶରୀର ଉପରେ ଇଲ୍ୟୁଜନ୍ ଇଫେକ୍ଟ ପକାଇବ। କ୍ରେପ୍ ଶାଢ଼ିର ଫଲ୍ ଖୁବ୍ ଭଲ ହୋଇଥାଏ। ତେଣୁ କ୍ରେପ୍ ଶାଢ଼ି ପିନ୍ଧି ଆପଣ ସ୍ଲିମ୍ ନଜର ଆସିବେ।

**ସଫ୍ଟ କଟନ୍**- ଗରମ ଦିନରେ ଯଦି ଆପଣଙ୍କ ପାଖରେ କଟନ୍ ଶାଢ଼ି ନାହିଁ ତେବେ ଆପଣଙ୍କ ପାଇଁ ସମସ୍ୟା ହୋଇପାରେ। ବିଶେଷ କରି ଯଦି ଆପଣ କର୍ମଜୀବୀ ତେବେ କଟନ୍ ଶାଢ଼ିକୁ ଆପଣଙ୍କୁ ରିଚ୍ ଓ କ୍ଲାସି ଲୁକ୍ ଦେବା ସହିତ ସ୍ଲିମ୍ ଲୁକ୍ ଦେବା ପାଇଁ ସାହାଯ୍ୟ କରିବ। କଟନ୍ ଫ୍ୟାବ୍ରିକ୍ ସ୍କିନ୍ ପାଇଁ ଫ୍ରେଣ୍ଡଲୀ ହୋଇଥାଏ ଓ ଏଥିରେ ଆପଣଙ୍କୁ କେତେ ପ୍ରକାରର ପ୍ରିଣ୍ଟ୍ସ ଓ ପ୍ୟାଟର୍ଣ୍ଣ ସହଜରେ ମିଳିଯିବ। କଟନ୍ ଶାଢ଼ିଗୁଡ଼ିକୁ କଳା ରଙ୍ଗର ପ୍ଲେନ୍ ବ୍ଲାଉଜ୍ ବା କ୍ରପ୍ ଟପ୍ ସହିତ ପିନ୍ଧିପାରିବେ।

---

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ରାଜନୀତି ସହିତ ଜଡ଼ିତ ଲୋକମାନେ ଉନ୍ନତି କରିବେ। ଅଟକିଥିବା କାର୍ଯ୍ୟକୁ ଗତି ମିଳିବ। ପରିଜନଙ୍କ ଠାରୁ ସୁଖଦ ସମାଚାର ପାଇବେ। ମାନ-ସମ୍ମାନ ବୃଦ୍ଧି ହେବ। ସହଯୋଗ ପାଇବେ।

**ବୃଷ** - ଆର୍ଥିକ ମୋର୍ଚ୍ଚାରେ ସାବଧାନ ରହିବେ। ବିରୋଧୀଙ୍କୁ ସତର୍କ ରହିବେ। ଆର୍ଥିକ ସ୍ଥିତି ଦୁର୍ବଳ ରହିବ। ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ। କୌଣସି ସଦସ୍ୟଙ୍କ ପାଇଁ ଚିନ୍ତିତ ରହିବେ।

**ମିଥୁନ** - ମାନସିକ ଚାପ ଓ ଆହ୍ୱାନ ଭରା ଦିନଟିଏ। ଅତିଥିଙ୍କ ଆଗମନ ହୋଇପାରେ। ଜରୁରୀ ରଣନୀତି ସେୟାର ନକଲେ ଭଲ। ବିଶେଷ ବ୍ୟକ୍ତିଙ୍କ ସହିତ ସାକ୍ଷାତ ସମ୍ଭବ। ମାତାଙ୍କ ସହିତ ବିବାଦ ହୋଇପାରେ।

**କର୍କଟ** - ଦିନଟି ସୁଖଦ ଓ ଶାନ୍ତିପୂର୍ଣ୍ଣ ରହିବ। କାନୁନୀ ମାମଲାରେ ବିଜୟୀ ହେବେ। ମନ ପସନ୍ନ ରହିବ। ନିବେଶ ପାଇଁ ଉପଯୁକ୍ତ ସମୟ। ନୂଆ ପ୍ରସ୍ତାବ ଆସିପାରେ। ମାନସିକ ଶାନ୍ତି ପାଇବେ।

**ସିଂହ** - ବ୍ୟବସାୟ ପାଇଁ ଦିନଟି ଉତ୍ତମ। ନୂଆ ସମ୍ପର୍କ ଯୋଡ଼ିହେବ। ଯୁବକମାନେ କଠିନ ପରିଶ୍ରମ କରିବେ। ସମ୍ମାନ ବୃଦ୍ଧି ହେବ। ପରିବାର ସହିତ ଭ୍ରମଣ ଯୋଗ ରହିଛି। ଊର୍ଜା ସ୍ତର ଉଚ୍ଚ ରହିବ।

**କନ୍ୟା** - ଦିନଟି ଲାଭଦାୟକ ରହିବ। ଅଫିସ୍ ରାଜନୀତିରୁ ଦୂରରେ ରୁହନ୍ତୁ। ସହଯୋଗୀଙ୍କ ସାଥ୍ ପାଇବେ। ସମାଲୋଚନାର ଶିକାର ହୋଇପାରନ୍ତି। ଆୟ ପ୍ରତି ସତର୍କ ରୁହନ୍ତୁ। ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।

**ତୁଳା** - ଆହ୍ୱାନରେ ଦିନଟି ଭରି ରହିବ। ବଡ଼ ନିର୍ଣ୍ଣୟ ନେଇପାରନ୍ତି। ନିବେଶରେ ଆଗକୁ ବଢ଼ିବେ। ସମ୍ପର୍କରେ ସୁଧାର ହେବ। ଦିନଚର୍ଯ୍ୟା ଉପରେ ଧ୍ୟାନ ଦେବା ଜରୁରୀ।

**ବିଛା** - ଆଜି ମିଶ୍ରିତ ଫଳ ପାଇବେ। ପୁରୁଣା ସମସ୍ୟାରେ ଫସି ରହିବେ। ବିବାଦର ସମାଧାନ କରିବେ। ନୂଆ ଘର କିଣିବାର ଯୋଜନା ସଫଳ ହେବ। ସାହସର ସହିତ କାମ କରିବେ।

**ଧନୁ** - ଆତ୍ମବିଶ୍ୱାସ ଓ ସୁଖ ସମୃଦ୍ଧି ପାଇବେ। କ୍ୟାରିୟରରେ ସଫଳ ହେବେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପରିଚୟ ସୃଷ୍ଟି କରିବେ। ସୁଖ-ସୁବିଧା ବୃଦ୍ଧି ହେବ।

**ମକର** - ଆଜି ଖୁବ୍ ବ୍ୟୟ କରିବେ। ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନେବା ଜରୁରୀ। ବ୍ୟବସାୟିକ ଯୋଜନା ଗତି ଧରିବ। ସମସ୍ୟାଗୁଡ଼ିକ ଶୁଣିବାରେ ସମୟ ଅତିବାହିତ କରିବେ। ଖେଳକୁଦରେ ସକ୍ରିୟ ରହିବେ।

**କୁମ୍ଭ** - କଠିନ ପରିଶ୍ରମ କରିବାର ଦିନଟିଏ। ପିତାଙ୍କ ସହଯୋଗ ମିଳିବ। ନୂଆ ସମ୍ପର୍କରୁ ଲାଭ ପାଇବେ। ପରିଶ୍ରମ ସଫଳ ହେବ। ବାଣୀ ଉପରେ ନିୟନ୍ତ୍ରଣ ଜରୁରୀ। ଚାପ ବୃଦ୍ଧି ହୋଇପାରେ।

**ମୀନ** - ଦିନଟି ମଙ୍ଗଳମୟ ଓ ଉତ୍ସାହପୂର୍ଣ୍ଣ ରହିବ। ନୂଆ କାମ ପାଇଁ ପ୍ରେରଣା ପାଇବେ। ପରାକ୍ରମରେ ବୃଦ୍ଧି ଯୋଗ ଅଛି। ମହିଳା ମିତ୍ରଙ୍କ ସହଯୋଗ ପାଇବେ। ଗୃହସ୍ଥ ଜୀବନରେ ମଧୁରତା ରହିବ।



**ଆଜିର ମ୍ୟାଚ୍**

ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଲକ୍ଷ୍ନୌ

ନିତିଦିନ NITIDIN

# ଅହମଦାବାଦ୍‌ରେ ଆଇପିଏଲ୍ ଫାଇନାଲ୍

## ମୁଲ୍ଲାନ୍‌ପୁର ଓ ଧର୍ମଶାଳାରେ ପ୍ଲେଅଫ୍



**ମୁମ୍ବାଇ,୬।୫/ଏଜେନ୍ସି:** ଚଳିତ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ସିଜନ୍‌ର ଫାଇନାଲ୍ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯିବ। ପୂର୍ବରୁ ଫାଇନାଲ୍ ମ୍ୟାଚ୍ ପରମ୍ପରା ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ହୋମ୍ ଗ୍ରାଉଣ୍ଡ୍ କରାଇବା ପାଇଁ ବିସିସିଆଇର ଯୋଜନା ଥିଲା। ସେହିପରି ପ୍ଲେଅଫ୍ ମ୍ୟାଚ୍ ଦୁଇଟି ଅଲଗା ସହର ନ୍ୟୁ ଚଣ୍ଡିଗଡ଼ (ମୁଲ୍ଲାନ୍‌ପୁର) ଏବଂ ଧର୍ମଶାଳାରେ ହେବ। ଧର୍ମଶାଳାରେ କ୍ୱାଲିଫାୟର୍-୧ ଖେଳାଯିବ। ନ୍ୟୁ ଚଣ୍ଡିଗଡ଼ର ମୁଲ୍ଲାନ୍‌ପୁର ଷ୍ଟାଡିୟମ୍‌ରେ କ୍ୱାଲିଫାୟର୍-୨ ଓ ଏଲିମିନେଟର୍ ମ୍ୟାଚ୍ ଖେଳାଯିବ। ବିସିସିଆଇ ବୁଧବାର ପ୍ଲେଅଫ୍ ଏବଂ ଫାଇନାଲ୍‌ର କାର୍ଯ୍ୟସୂଚୀ ଜାରୀ କରିଛି। ଏହା ପୂର୍ବରୁ କେବଳ ୭୦ ମ୍ୟାଚ୍‌ର କାର୍ଯକ୍ରମ ଜାରୀ ହୋଇଥିଲା। ବିସିସିଆଇ କହିଛି, କର୍ଣ୍ଣାଟକ କ୍ରିକେଟ୍ ସଂଘ (କେଏସ୍‌ସିଏ)ର କେତେକ ଦାବି ଏପରି ଥିଲା, ଯାହା ବୋର୍ଡର ପ୍ରୋଟୋକଲ୍ ଏବଂ ଗାଇଡ୍‌ଲାଇନ୍‌ରୁ ବାହାରେ ଥିଲା। ଏହି କାରଣରୁ ଫାଇନାଲ୍ ମ୍ୟାଚ୍‌ର ଭେନ୍ୟୁ ବଦଳାଇବାକୁ ପଡ଼ିଛି। ଅସଲରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ ବିଜୟାନନ୍ଦ କାଶପ୍ପନରଓ୍ୱର୍ ପରାମର୍ଶ ଦେଇଥିଲେ ଯେ ପ୍ରତ୍ୟେକ ବିଧାୟକଙ୍କୁ ୫-୫ ଆଇପିଏଲ୍ ଟିକେଟ୍ ମିଳିବା ଉଚିତ। କାରଣ ଜନପ୍ରତିନିଧି 'ଭିଆଇପି' ଏବଂ ଟିକେଟ୍ ପାଇଁ ସେମାନେ ଲାଇନ୍ ଲଗାଇବା ଅନୁଚିତ।

### ବିସିସିଆଇ ଜାରିକଲା କାର୍ଯ୍ୟସୂଚୀ

ଏହାପରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଘୋଷଣା କରିଥିଲେ ଯେ ବିଧାୟକ ଏବଂ ସାଂସଦମାନଙ୍କୁ ଆରସିବିର ମ୍ୟାଚ୍ ପାଇଁ ୩-୩ ଟିକେଟ୍ ଦିଆଯିବ। ତେବେ ବିସିସିଆଇ ଏବଂ ଫ୍ରାଞ୍ଚାଇଜି ଏହାର ପକ୍ଷରେ ନଥିଲେ, ଯାହା ଫଳରେ ଫାଇନାଲ୍ ମ୍ୟାଚ୍ ବେଙ୍ଗାଲୁରୁରୁ ସ୍ଥାନାନ୍ତରିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

**ପ୍ଲେଅଫ୍ କାର୍ଯ୍ୟସୂଚୀ**

| ମ୍ୟାଚ୍ | ତାରିଖ | ଭେନ୍ୟୁ | ସମୟ |
|---|---|---|---|
| କ୍ୱାଲିଫାୟର୍-୧ | ମେ' ୨୬ | ଧର୍ମଶାଳା | ସନ୍ଧ୍ୟା ୭.୩୦ |
| ଏଲିମିନେଟର୍ | ମେ' ୨୭ | ମୁଲ୍ଲାନପୁର | ସନ୍ଧ୍ୟା ୭.୩୦ |
| କ୍ୱାଲିଫାୟର୍-୨ | ମେ' ୨୯ | ମୁଲ୍ଲାନପୁର | ସନ୍ଧ୍ୟା ୭.୩୦ |
| ଫାଇନାଲ୍ | ମେ' ୩୧ | ଅହମଦାବାଦ | ସନ୍ଧ୍ୟା ୭.୩୦ |

### କୁପର୍ କୋନୋଲୀଙ୍କ ଶତକ ବେକାର; କ୍ଲାସେନ୍-ଇଶାନ୍‌ଙ୍କ ଅର୍ଦ୍ଧଶତକ

# ପଞ୍ଜାବର ଲଗାତାର ତୃତୀୟ ପରାଜୟ



**ହାଇଦ୍ରାବାଦ,୬।୫/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦ ୩୩ ରନ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ହରାଇ ଚଳିତ ଆଇପିଏଲ୍‌ର ପଏଣ୍ଟ୍ ଟେବଲ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛି। ଅନ୍ୟପକ୍ଷରେ ଏହା ପଞ୍ଜାବର ଲଗାତାର ତୃତୀୟ ପରାଜୟ। ସ୍ଥାନୀୟ ରାଜୀବ ଗାନ୍ଧୀ

### ୩୩ ରନ୍‌ରେ ହରାଇ ହାଇଦ୍ରାବାଦ ଶୀର୍ଷରେ

ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୩ ୱିକେଟ୍ ହରାଇ ୨୩୫ ରନ୍ କରିଥିଲା। ଜବାବରେ ପଞ୍ଜାବ ୭ ୱିକେଟ୍ ବିନିମୟରେ ୨୦୨ ରନ୍ କରିବାକୁ ସମର୍ଥ ହୋଇଥିଲା।

୨୩୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ପଞ୍ଜାବର ଆରମ୍ଭ ବହୁ ଖରାପ ଥିଲା। ୪ ରନ୍‌ର ସ୍କୋର୍‌ରେ ଟିମ୍ ଓପ୍ନର୍ ପ୍ରିୟାଂଶ ଆର୍ଯ୍ୟ (୧) ଓ ପ୍ରଭସିମ୍‌ରନ୍ ସିଂହ (୩)ଙ୍କ ୱିକେଟ୍ ହରାଇଥିଲା। ଏହାପରେ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍ ମାତ୍ର ୩ ରନ୍ କରି ବିଦାୟ ନେଇଥିଲେ। ମାର୍କସ୍ ଷ୍ଟୋଇନିସ୍ ୨୮ ରନ୍‌ର ଯୋଗଦାନ ଦେଇଥିବା ସୂର୍ଯ୍ୟାଂଶ ଶେଗ୍‌ନେ ୨୫ ରନ୍ କରିଥିଲେ। ଶଶାଙ୍କ ସିଂହ ୪ ରନ୍ କରିଥିବା ବେଳେ ମାର୍କୋ ଜାନ୍‌ସେନ୍ ୧୯ ରନ୍ ଯୋଡ଼ିଥିଲେ। ତୃତୀୟ ନମ୍ବରରେ ଆସିଥିବା କୁପର୍ କୋନୋଲୀ ବିସ୍ଫୋରକ ବ୍ୟାଟିଂ କରି ୧୦୭ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ତାଙ୍କ ୫୯ ବଲ୍‌ର ଇନିଂସ୍‌ରେ ୭ ଚୌକା ଓ ୮ ଛକା ସାମିଲ ଥିଲା। ହାଇଦ୍ରାବାଦ ପକ୍ଷରୁ ପ୍ୟାଟ୍ କମିନ୍ସ ଓ ଶିଭାଙ୍ଗ କୁମାର ୨-୨ ୱିକେଟ୍ ନେଇଥିବା ବେଳେ ବାକି ୱିକେଟ୍ ନୀତୀଶ ରେଡ୍ଡୀ, ଇଶାନ୍ ମାଲିଙ୍ଗା ଏବଂ ସାକିବ୍ ହୁସେନ୍‌ଙ୍କ ଖାତାକୁ ଯାଇଥିଲା। ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ହାଇଦ୍ରାବାଦ ପକ୍ଷରୁ ହେନ୍‌ରିକ୍ କ୍ଲାସେନ୍ ଓ ଇଶାନ୍ କିଶନ୍ ଅର୍ଦ୍ଧଶତକ ହାସଲ କରିଥିଲେ। କ୍ଲାସେନ୍ ୪୩ ବଲ୍‌ରେ ୬୯ ଓ ଇଶାନ୍ ୩୨ ବଲ୍‌ରେ ୫୫ ରନ୍ ଯୋଡ଼ିଥିଲେ। ଦୁହିଁଙ୍କ ମଧ୍ୟରେ ୩ୟ ୱିକେଟ୍ ପାଇଁ ୮୮ ରନ୍‌ର ପାର୍ଟନରଶିପ୍ ହୋଇଥିଲା। କ୍ଲାସେନ୍ ଚତୁର୍ଥ ୱିକେଟ୍ ପାଇଁ ନୀତୀଶ ରେଡ୍ଡୀ (୨୯*)ଙ୍କ ସହ ୬୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ବ୍ୟତୀତ ଅଭିଷେକ ଶର୍ମା (୩୫) ଓ ଟ୍ରାଭିସ୍ ହେଡ୍ (୩୮) ୫୪ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ପଞ୍ଜାବ ପକ୍ଷରୁ ଲକି ଫର୍ଗୁସନ୍, ବିଜୟକୁମାର ବୈଶାକ ଏବଂ ଯୁଜବେନ୍ଦ୍ର ଚହଲ୍ ୧-୧ ୱିକେଟ୍ ନେଇଥିଲେ।

# ଆଇଟିଟିଏଫ୍ ୱାର୍ଲ୍ଡ ଟୁର୍ ଚାମ୍ପିଅନ୍‌ଶିପ୍‌ରୁ ଭାରତ ବିଦା



**ନୂଆଦିଲ୍ଲୀ,୬।୫/ଏଜେନ୍ସି:** ଭାରତୀୟ ପୁରୁଷ ଓ ମହିଳା ଟିମ୍ ଲଣ୍ଡନରେ ଆୟୋଜିତ ୱାର୍ଲ୍ଡ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍ ଫାଇନାଲ୍ସରୁ ବାଦ୍ ପଡ଼ିଛନ୍ତି। ମଙ୍ଗଳବାର ଉଭୟ ପୁରୁଷ ଓ ମହିଳା ଟିମ୍ ରାଉଣ୍ଡ୍ ଅଫ୍ ୩୨ରେ ସମାନ ୩-୦ରେ ହାରିଯାଇଛନ୍ତି। ପୁରୁଷ ବିଭାଗରେ ମାନବ ଠକ୍କର୍ ଏବଂ ସାଥିୟାନ୍ ଜ୍ଞାନଶେକରନ୍ ନିଜ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କ ହାତରୁ ଶୀଘ୍ର ହାରିଯାଇଥିବା ବେଳେ ମାନୁଷ ଶାହ ଏକ ଘଣ୍ଟା ୩୪ ମିନିଟ୍ କଡ଼ା ସଂଘର୍ଷ ପରେ ପରାଜିତ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ମାନୁଷ ଶାହଙ୍କୁ ରବର୍ଡ ଗାର୍ଡେସ୍ ୧୧-୬, ୭-୧୧, ୩-୧୧, ୧୧-୮, ୧୧-୧୩ରେ ହରାଇଥିଲେ। ଏହାପରେ ମାନବ ୭-୧୧, ୫-୧୧, ୬-୧୧ରେ ମାତ୍ର ୧୦ ମିନିଟ୍‌ରେ ଡାନିଏଲ୍ ହାବେସୋନ୍‌ଙ୍କଠାରୁ ଏବଂ ସାଥିୟାନ୍ ୫-୧୧, ୮-୧୧, ୯-୧୧ରେ ଆଣ୍ଡ୍ରିଆସ୍ ଲେଭେଙ୍କେଠାରୁ ପରାଜିତ ହୋଇଥିଲେ। ମହିଳା ବର୍ଗରେ ଭାରତୀୟ ଟିମ୍ ୧-୩ରେ ଆମେରିକା ଠାରୁ ପରାଜିତ ହୋଇଛି। ଯଶସ୍ୱିନୀ ଘୋରପାଡ଼େ ପ୍ରଥମ ମ୍ୟାଚ୍‌ରେ ସାଲି ମୋୟଲାଣ୍ଡ୍‌ଙ୍କ ଠାରୁ ୮-୧୧, ୮-୧୧, ୭-୧୧ରେ ପରାଜିତ ହୋଇଥିଲେ। ତେବେ ଏହାପରେ ମନିକା ବାତ୍ରା ୧୧-୨, ୧୧-୭, ୮-୧୧, ୧୧-୪ରେ ଜେସିକା ରେୟେସ୍ ଲାଇଙ୍କୁ ହରାଇ ଭାରତକୁ ୧-୧ ବରାବର ସ୍ଥିତିରେ ପହଞ୍ଚାଇଥିଲେ। ତେବେ ପରେ ଦିୟା ଚତାଲେ ଓ ମନିକା ଯଥାକ୍ରମେ ଲିଲି ଝାଙ୍ଗ୍ ଓ ମୋୟଲାଣ୍ଡ୍‌ଙ୍କ ଠାରୁ ପରାଜିତ ହେବା ପରେ ଭାରତ ବିଦାୟ ନେଇଥିଲା।

# ଟିମ୍ ଇଣ୍ଡିଆରେ ସୂର୍ଯ୍ୟବଂଶୀଙ୍କ ଏଣ୍ଟ୍ରି ପକ୍କା !

## ଇୟାନ୍ ବିଶପ୍‌ଙ୍କ ବୈକଳ୍ପିକ ଭାରତ ଟି-୨୦ ଟିମ୍‌ରେ ସାମିଲ

**ନୂଆଦିଲ୍ଲୀ,୬।୫/ଏଜେନ୍ସି:** ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଫାଷ୍ଟ ବୋଲର୍ ଇୟାନ୍ ବିଶପ୍‌ଙ୍କ ଅନୁସାରେ ଆଇପିଏଲ୍ ସେନ୍‌ସେସନ୍ ବୈଭବ ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦଦେବା ପାଇଁ ପ୍ରସ୍ତୁତ। ରାଜସ୍ଥାନ ରୟାଲ୍ସର ଏହି ଯୁବ ଖେଳାଳିଙ୍କୁ ନିକଟ ଭବିଷ୍ୟତରେ ଭାରତୀୟ ଟି-୨୦ ଟିମ୍‌ରେ ଡେବ୍ୟୁ କରିବା ପାଇଁ ସମର୍ଥନ କରିଛନ୍ତି। ବିଶପ୍ ନିଜ ବୈକଳ୍ପିକ ଭାରତୀୟ ଟି-୨୦ ଟିମ୍‌ରେ ସୂର୍ଯ୍ୟବଂଶୀଙ୍କୁ କରିବା ସହିତ ତାଙ୍କୁ ଶୁଭମନ୍ ଗିଲ୍‌ଙ୍କ ସହ ଓପ୍ନର୍ ଭାବେ ଚୟନ କରିଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ବିଶପ୍ ତାଙ୍କୁ ତାଙ୍କ ରାଜସ୍ଥାନ ରୟାଲ୍ସ ଟିମ୍ ସାଥୀ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଉପରେ ରଖିଛନ୍ତି। ରିପୋର୍ଟ ଅନୁସାରେ ସୂର୍ଯ୍ୟବଂଶୀ ଜୁନ୍‌ରେ ହେବାକୁ ଥିବା ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ଗସ୍ତ ଅବସରରେ ଭାରତ ପାଇଁ ଡେବ୍ୟୁ କରିପାରନ୍ତି।

ଇଏସ୍‌ପି ସହିତ କଥାବାର୍ତ୍ତା ବେଳେ ବିଶପ୍ କହିଛନ୍ତି, 'ମୁଁ ଟିମ୍‌ରେ ତିନି ଓପ୍ନର୍ ଚୟନ କରିଛି। ଯଥାସମ୍ଭବ ଲେଫ୍ଟ-ରାଇଟ୍ କମ୍ବିନେସନ୍ ଚାହୁଁଛି। ଶୁଭମନ୍ ଗିଲ୍ ଉନ୍ନତ ଫର୍ମରେ ଅଛନ୍ତି, ତେଣୁ ତାଙ୍କୁ ଚୟନ କରିଛି। ବୈଭବ ସୂର୍ଯ୍ୟବାଠୀ ଲେଫ୍ଟ-ହ୍ୟାଣ୍ଡର୍ ଏବଂ ସେ ପରବର୍ତ୍ତୀ ସ୍ତର ପାଇଁ ପ୍ରସ୍ତୁତ। ଏହା ବ୍ୟତୀତ ମୁଁ ପ୍ରଭସିମ୍‌ରନ୍ ସିଂହଙ୍କୁ ଚୟନ କରିଛି। ପ୍ରିୟାଂଶ ଆର୍ଯ୍ୟ ବିକଳ୍ପ ଥିଲେ ମଧ୍ୟ ପ୍ରଭସିମ୍‌ରନ୍ ଚଳିତ ସିଜନ୍‌ରେ ଉନ୍ନତ ଫର୍ମରେ ଅଛନ୍ତି।'



ଗତ ଦୁଇଟି ସିଜନ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଶ୍ରେୟସ୍ ଆୟର୍‌ଙ୍କୁ ମଧ୍ୟ ବିଶପ୍ ତାଙ୍କ ଟିମ୍‌ରେ ସ୍ଥାନ ଦେଇଛନ୍ତି। ୨୦୨୪ରେ କୋଲକାତା ନାଇଟ୍ ରାଇଡର୍ସକୁ ଟାଇଟଲ୍ ଜିତାଇବା ଏବଂ ୨୦୨୫ରେ ପଞ୍ଜାବ କିଙ୍ଗ୍‌ସକୁ ଫାଇନାଲ୍‌ରେ ପହଞ୍ଚାଇବା ସତ୍ତ୍ୱେ ଆୟର୍ ୨୦୨୩ ଡିସେମ୍ବରରୁ ଟିମ୍ ଇଣ୍ଡିଆ ବାହାରେ ରହିଛନ୍ତି। ବୋଲର୍‌ଙ୍କ ମଧ୍ୟରେ ବିଶପ୍ ଅନୁଭବୀ ଏବଂ ଫର୍ମରେ ଥିବା ଆଇପିଏଲ୍ ଖେଳାଳିଙ୍କୁ ଟିମ୍‌ରେ ଚୟନ କରିଛନ୍ତି। ଭୁବନେଶ୍ୱର କୁମାର, କୃଣାଳ ପାଣ୍ଡ୍ୟା ଏବଂ ଯୁଜବେନ୍ଦ୍ର ଚହଲ ତାଙ୍କ ପ୍ରମୁଖ ପସନ୍ଦ। ସେହିପରି ମୋହସିନ୍ ଖାନ୍, ପ୍ରିନ୍ସ ଯାଦବ ଏବଂ ପ୍ରସିଦ୍ଧ କ୍ରିଷ୍ଣାଙ୍କର ମଧ୍ୟ ସେ ପ୍ରଶଂସା କରିଛନ୍ତି।

# ଗୁରୁଗ୍ରାମରେ ବିବାହ ପଞ୍ଜୀକରଣ କରାଇଲେ ଧୱନ୍



**ଗୁରୁଗ୍ରାମ,୬।୫/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧୱନ୍ ବୁଧବାର ଗୁରୁଗ୍ରାମରେ ନିଜ ବିବାହ ପଞ୍ଜୀକରଣ କରାଇଛନ୍ତି। ଧୱନ୍ ପତ୍ନୀ ସୋଫି ସାଇନ୍‌ଙ୍କ ସହ ଚୁପ୍‌ଚାପ ଗୁରୁଗ୍ରାମର ମ୍ୟାରେଜ୍ ରେଜିଷ୍ଟାର୍ ଅଫିସ୍ (ବିକାଶ ସଦନ)ରେ ପହଞ୍ଚି ମ୍ୟାରେଜ୍ କ୍ଲର୍କଙ୍କ ସାମ୍ନାରେ ଡକ୍ୟୁମେଣ୍ଟରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଧୱନ୍‌ଙ୍କ ସହ ତାଙ୍କର କେତେଜଣ ନିକଟ ସମ୍ପର୍କୀୟ ଉପସ୍ଥିତ ଥିଲେ। ଏହି ଅବସରରେ ଶିଖର ଡାର୍କ ବ୍ଲୁ ଟି-ସାର୍ଟ ଏବଂ ସୋଫି ଲାଇଟ୍ ସ୍କାଇ ବ୍ଲୁ କଲର୍ ଟପ୍ ପିନ୍ଧିଥିଲେ। ଔପଚାରିକତା ପୂରଣ କରିବା ପରେ ଧୱନ୍ ସେଠାରେ ଉପସ୍ଥିତ କିଛି ଲୋକଙ୍କ ସହିତ କଥାବାର୍ତ୍ତା କରିଥିଲେ। ସୂଚନାଯୋଗ୍ୟ, ଜାନୁଆରୀ ୧୨ ତାରିଖରେ ଧୱନ୍‌ଙ୍କୁ ତାଙ୍କ ଆୟରିଶ୍ ବାନ୍ଧବୀ ସୋଫିଙ୍କ ସହିତ ନିର୍ବନ୍ଧ ହୋଇଥିଲା। ଏହାପରେ ଦୁହେଁ ଫେବୃଆରୀ ୨୧ ତାରିଖରେ ଦିଲ୍ଲୀ ଏନ୍‌ସିଆର୍‌ର ଏକ ଘରୋଇ ସମାରୋହରେ ବିବାହ କରିଥିଲେ। ଭାରତୀୟ ସ୍ପିନର୍ ଯୁଜବେନ୍ଦ୍ର ଚହଲ ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ଏଥିରେ ତାଙ୍କୁ 'ମୌଜା ହିଁ ମୌଜା' ଗୀତରେ ନାଚୁଥିବା ଦେଖିବାକୁ ମିଳିଥିଲା।

## ମହିଳା ଟି-୨୦ ବିଶ୍ୱକପ୍

# ୧୫ ଜଣିଆ ନେଦରଲାଣ୍ଡ ଟିମ୍ ଘୋଷିତ

**ଆମ୍‌ଷ୍ଟର୍‌ଡାମ୍,୬।୫/ଏଜେନ୍ସି:** ଆମ୍‌ଷ୍ଟର୍‌ଡାମ୍,୬।୫/ଏଜେନ୍ସି: ପ୍ରଥମ ଥର ପାଇଁ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ନେଦରଲାଣ୍ଡ ଜୁନ୍ ୧୨ ତାରିଖରୁ ଇଂଲଣ୍ଡ ଓ ୱେଲ୍ସରେ ହେବାକୁ ଥିବା ବୈଶ୍ୱିକ ଟୁର୍ଣ୍ଣାମେଣ୍ଟ ପାଇଁ ୧୫ ଜଣିଆ ଟିମ୍ ଘୋଷଣା କରିଛି। ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଗ୍ଲୋବାଲ୍ କ୍ୱାଲିଫାୟର୍‌ର ସୁପର୍ ସିକ୍ସ ପର୍ଯ୍ୟାୟରେ ତିନି ମ୍ୟାଚ୍‌ରେ ତିନି ବିଜୟ ପରେ ନେଦରଲାଣ୍ଡ ୨୦୨୬ ମହିଳା ଟି-୨୦ ବିଶ୍ୱକପ୍ ପାଇଁ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିଲା। ବାବେଟ୍ ଡି ଲିଡେ ବିଶ୍ୱକପ୍‌ରେ ଟିମ୍‌ର ନେତୃତ୍ୱ କରିବେ। ସେ କହିଛନ୍ତି, ବିଶ୍ୱକପ୍‌ରେ ଆମର ପ୍ରଥମ ଉପସ୍ଥିତିକୁ ନେଇ ବହୁ ଉତ୍ସାହିତ ଅଛନ୍ତି। ଏହା ବିଶ୍ୱର ଶ୍ରେଷ୍ଠ ଟିମ୍ ସହିତ ମୁକାବିଲା କରିବା ଏବଂ ନେଦରଲାଣ୍ଡର କୌଶଳ ବଡ଼ ମଞ୍ଚରେ ପ୍ରଦର୍ଶନ କରିବାର ଏକ ଚମତ୍କାର ସୁଯୋଗ ହେବ। ଟୁର୍ଣ୍ଣାମେଣ୍ଟ ଆମ ଘର ପାଖରେ ଖେଳାଯିବାକୁ ଥିବାରୁ ଆମକୁ ବହୁ ସମଥନ ମିଳିବାର ଆଶା ରହିଛି। ଏହା ସାରା ଜୀବନ ପାଇଁ ଆମ ଟିମ୍, ପରିବାର, ବନ୍ଧୁ ଏବଂ ଡଚ୍ କ୍ରିକେଟ୍‌କୁ ଭଲ ପାଉଥିବା ସମସ୍ତ ପ୍ରଶଂସକଙ୍କ ନିମନ୍ତେ ଏହା ସାରା ଜୀବନ ପାଇଁ ଏକ ଅନୁଭବ ହେବ।

**ନେଦରଲାଣ୍ଡ ଟିମ୍:** ବାବେଟ୍ ଡି ଲିଡେ (କ୍ୟାପ୍‌ଟେନ୍), କାରୋଲିନ୍ ଡି ଲାଙ୍ଗ୍, ଫ୍ରେଡରିକ୍ ଓଭରଡିଜ୍‌କ, ହନ୍ନା ଲାଣ୍ଡହିର୍, ହିଥର ସିଗର୍ସ, ଆଇରିସ୍ ଜ୍ୱେଲିଙ୍ଗ୍, ଇସାବେଲ୍ ଭାନ୍ ଡେର୍ ଭୋନିଙ୍ଗ୍, ଲାରା ଲିମ୍ବୁଇସ୍, ମର୍ଥେ ଭାନ୍ ଡେନ୍ ରାଡ୍, ଫେବେ ମୋଲକେନବୋଅର୍, ରବିନ୍ ରିଜ୍‌କେ, ରୋଜଲି ଲରେନ୍ସ, ସାନ୍ୟା ଖୁରାନା, ସିଲ୍‌ଭର୍ ସୀଗର୍ସ ଏବଂ ଷ୍ଟେରେ କାଲିସ୍।

### ସ୍ପଷ୍ଟ କଲା ଖେଳ ମନ୍ତ୍ରଣାଳୟ

# ପାକିସ୍ତାନ ସହ ଦ୍ୱିପାକ୍ଷିକ ଖେଳ ଉପରେ ରୋକ୍ ଜାରୀ

**ନୂଆଦିଲ୍ଲୀ,୬।୫/ଏଜେନ୍ସି:** ପାକିସ୍ତାନ ସହିତ ଦ୍ୱିପାକ୍ଷିକ ଖେଳ ସମ୍ବନ୍ଧ ଉପରେ ଲାଗୁ ରୋକ୍ ଆଗକୁ ମଧ୍ୟ ଜାରୀ ରହିବ। ବୁଧବାର ଖେଳ ମନ୍ତ୍ରଣାଳୟ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ସେହିପରି ଅନ୍ତର୍ଜାତୀୟ ଏବଂ ବହୁପାକ୍ଷିକ

### ବହୁପାକ୍ଷିକ ପ୍ରତିଯୋଗିତାରେ ଭାଗୀଦାରୀକୁ ମଞ୍ଜୁରୀ

ପ୍ରତିଯୋଗିତାରେ ଦୁଇ ଦେଶର ଖେଳାଳିଙ୍କ ଅଂଶଗ୍ରହଣ ଉପରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ମନ୍ତ୍ରଣାଳୟ ଏହା ମଧ୍ୟ ଦୋହରାଇଛି ଯେ ଖେଳାଳି, ଟିମ୍ ଅଧିକାରୀ, ଟେକ୍ନିକାଲ୍ ଷ୍ଟାଫ୍ ଏବଂ ଅନ୍ତର୍ଜାତୀୟ ଖେଳ ସଂଗଠନର ପଦାଧିକାରୀଙ୍କ ପାଇଁ ଭିସା ପ୍ରକ୍ରିୟା ସରଳ କରାଯିବ, ଫଳରେ ଭାରତକୁ ଏକ ପସନ୍ଦର ଖେଳସ୍ଥଳ ରୂପେ ସ୍ଥାପିତ କରାଯାଇପାରିବ।

ସମସ୍ତ ଜାତୀୟ ଖେଳ ମହାସଂଘ (ଏନ୍‌ଏସ୍‌ଏଫ୍), ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଏବଂ ଭାରତୀୟ ଖେଳ ପ୍ରାଧିକରଣ (ସାଇ)ଙ୍କୁ ଜାରୀ ସର୍କୁଲାରରେ ମନ୍ତ୍ରଣାଳୟ କହିଛି, 'ଦ୍ୱିପାକ୍ଷିକ ଖେଳ ପ୍ରତିଯୋଗିତା ସନ୍ଦର୍ଭରେ ଭାରତୀୟ ଟିମ୍‌ଗୁଡ଼ିକ ପାକିସ୍ତାନ ଯିବେ ନାହିଁ କିମ୍ବା ପାକିସ୍ତାନୀ ଟିମ୍‌କୁ ଭାରତରେ ଖେଳିବାକୁ ଅନୁମତି ଦିଆଯିବନି।' ସର୍କୁଲାର୍‌ରେ ଆହୁରି କୁହାଯାଇଛି 'ଅନ୍ତର୍ଜାତୀୟ ଏବଂ ବହୁପାକ୍ଷିକ ପ୍ରତିଯୋଗିତା ମାମଲାରେ ଏହି ନିର୍ଣ୍ଣୟ ଅନ୍ତର୍ଜାତୀୟ ଖେଳ ସଂସ୍ଥାଗୁଡ଼ିକର ନିୟମ ଏବଂ ଭାରତୀୟ ଖେଳାଳିଙ୍କ ହିତକୁ ଧ୍ୟାନରେ ରଖି ନିଆଯିବ।'



ୟୁଏଇରେ ଆୟୋଜିତ ଏସିଆ କପ୍‌ରେ ଭାରତର ଭାଗୀଦାରୀକୁ ନେଇ ଦେଖାଦେଇଥିବା ବିବାଦ ପରେ ଏହି ନୀତି ପ୍ରଥମ ଥର ୨୦୨୪ ଅଗଷ୍ଟରେ ଘୋଷିତ ହୋଇଥିଲା। ସେ ସମୟରେ ଖେଳ ମନ୍ତ୍ରଣାଳୟ ସ୍ପଷ୍ଟ କରିଥିଲା ଯେ ବହୁପାକ୍ଷିକ ପ୍ରତିଯୋଗିତାରେ ଭାଗୀଦାରୀ ଜାରୀ ରହିବ। ତେବେ ସର୍ତ୍ତ ହେଉଛି, ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଆୟୋଜନ ହେଉନଥିବା ଆବଶ୍ୟକ।

ମନ୍ତ୍ରଣାଳୟ ଏହା ମଧ୍ୟ ସଙ୍କେତ ଦେଇଛି କି ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୩୬ ଅଲିମ୍ପିକ୍ ଖେଳର ଆୟୋଜନ ପାଇଁ ନିଜ ମହତ୍ତ୍ୱାକାଂକ୍ଷା ଅନୁରୂପ ଅଲିମ୍ପିକ୍ ଚାର୍ଟର୍‌ର ସମାବେଶୀ ସିଦ୍ଧାନ୍ତର ପାଳନ କରିବ। ଏହା ବ୍ୟତୀତ ଅନ୍ତର୍ଜାତୀୟ ଖେଳ ଆୟୋଜନ ପାଇଁ ଭିସା ପ୍ରକ୍ରିୟାକୁ ଆହୁରି ସରଳ କରାଯିବ। ଅନ୍ତର୍ଜାତୀୟ ଖେଳ ସଂଗଠନଗୁଡ଼ିକର ଅଧିକାରୀଙ୍କୁ ପ୍ରାଥମିକତା ଆଧାରରେ ଅଧିକତମ ପାଞ୍ଚ ବର୍ଷ ପାଇଁ ମଲ୍ଟି-ଏଣ୍ଟ୍ରି ଭିସା ଦିଆଯିବ।

# ୨୦ ବର୍ଷ ପରେ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍‌ରେ ଆର୍ସେନଲ୍

## ଆଥ୍‌ଲେଟିକୋ ମାଡ୍ରିଦ୍‌କୁ ହରାଇଲା, ମେ' ୩୦ରେ ବୁଦାପେଷ୍ଟ୍‌ରେ ଫାଇନାଲ୍

**ଲଣ୍ଡନ,୬।୫/ଏଜେନ୍ସି:** ଇଂଲିଶ୍ କ୍ଲବ୍ ଆର୍ସେନଲ୍ ଏଫ୍‌ସି ୨୦ ବର୍ଷ ପରେ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଏମିରେଟ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସେମିଫାଇନାଲ୍‌ର ଦ୍ୱିତୀୟ ଚରଣରେ ଆର୍ସେନଲ୍ ଏଫ୍‌ସି ୧-୦ରେ ଆଥ୍‌ଲେଟିକୋ ମାଡ୍ରିଦ୍‌କୁ ହରାଇ ଦେଇଛି। ଟିମ୍‌ର ବିଜୟରେ ବୁକାୟୋ ସାକା ହିରୋ ସାଜିଥିଲେ। ସେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ୍ ସ୍କୋର୍ କରିଥିଲେ। ଏହା ପୂର୍ବରୁ ମାଡ୍ରିଦ୍‌ରେ ପ୍ରଥମ ଚରଣ ସେମିଫାଇନାଲ୍ ୧-୧ ଗୋଲ୍‌ରେ ଡ୍ର' ରହିଥିଲା। ଏହାପରେ ଆର୍ସେନଲ୍ ଏଫ୍‌ସି ଏଗ୍ରିଗେଟ୍ ସ୍କୋର୍ ୨-୧ରେ ଜିତି ଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ଆର୍ସେନଲ୍ ଏଫ୍‌ସି ପାଇଁ ଏହା ୨୦୦୬ ପରେ ପ୍ରଥମ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ ହେବ। ସେତେବେଳେ ଟିମ୍ ବାର୍ସିଲୋନା ଠାରୁ ୨-୧ରେ ପରାଜିତ ହୋଇଥିଲା।



ଆର୍ସେନଲ୍ ଏଫ୍‌ସି ଏବେ ମେ' ୩୦ରେ ବୁଦାପେଷ୍ଟ୍‌ରେ ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ ପ୍ୟାରିସ୍ ସେଣ୍ଟ-ଜର୍ମେନ୍ (ପିଏସ୍‌ଜି) କିମ୍ବା ବାୟର୍ନ ମ୍ୟୁନିକ୍‌କୁ ଭେଟିବ। ଡିଫେଣ୍ଡିଂ ଚାମ୍ପିଅନ୍ ପିଏସ୍‌ଜି ଏବେ ବାୟର୍ନ ଠାରୁ ୫-୪ରେ ଆଗୁଆ ରହିଛି।

ମ୍ୟାଚ୍‌ର ଆରମ୍ଭ ରୋମାଞ୍ଚକ ହୋଇଥିଲା। ଆଥ୍‌ଲେଟିକୋର ଜୁଲିୟନ୍ ଅଲ୍‌ଭାରେଜ୍ ଏବଂ ସିମିୟୋନେ ପ୍ରାରମ୍ଭିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଆର୍ସେନଲ୍ ଡିଫେନ୍ସ ତାଙ୍କୁ ଅଟକାଇ ଥିଲା। ତେବେ ୪୪ତମ ମିନିଟ୍‌ରେ ମ୍ୟାଚ୍‌ର ଟର୍ଣ୍ଣିଂ ପଏଣ୍ଟ ଆସିଥିଲା। ଭିକ୍ଟର ଗ୍ୟୋକେରେସ୍‌ଙ୍କ କ୍ରସ୍‌ରେ ଲିଏଣ୍ଡ୍ରୋ ଟ୍ରୋସାର୍ଡଙ୍କ ଶଟ୍‌କୁ ଆଥ୍‌ଲେଟିକୋ ଗୋଲ୍‌କିପର୍ ଜାନ୍ ଓବଲାକ୍ ରୋକିବାକୁ ଉଦ୍ୟମ କରିଥିଲା। ମାତ୍ର ରିବାଉଣ୍ଡ୍‌ରେ ବୁକାୟୋ ସାକା ଗୋଲ୍ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଆଥ୍‌ଲେଟିକୋ ମାଡ୍ରିଦ୍ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲା। ମାତ୍ର ଆର୍ସେନଲ୍ ଡିଫେଣ୍ଡର୍ ଏବଂ ଗୋଲ୍‌କିପର୍ ଡେଭିଡ୍ ରାୟା ଚମତ୍କାର ସେଭ୍ କରିଥିଲେ। ଗାବ୍ରିଏଲ୍ ମାଗାଲ୍‌ହାଏସ୍ ଅନ୍ତିମ ମୁହୂର୍ତ୍ତରେ ଆଥ୍‌ଲେଟିକୋ ଆକ୍ରମଣ ରୋକିଥିଲେ। ସେହିପରି ଆଣ୍ଟୋନୀ ଗ୍ରିଜ୍‌ମ୍ୟାନ୍‌ଙ୍କ ବିପଜ୍ଜନକ ଶଟ୍‌କୁ ରୋକି ରାୟା ଆର୍ସେନଲ୍‌ର ଅଗ୍ରଣୀ କାଏମ ରଖିଥିଲେ।

# ବିନେଶ ଫୋଗାଟ୍‌ଙ୍କୁ ଟେଷ୍ଟିଂ ଏଜେନ୍ସିର ନୋଟିସ୍

## ମେ' ୭ ମଧ୍ୟରେ ଦେବାକୁ ହେବ ଜବାବ

**ନୂଆଦିଲ୍ଲୀ,୬।୫/ଏଜେନ୍ସି:** ମେ' ୧୦ରୁ ୧୨ ତାରିଖ ମଧ୍ୟରେ ଗୋଣ୍ଡାରେ ହେବାକୁ ଥିବା ସିନିୟର୍ ଓପନ୍ ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ରେସ୍‌ଲର୍ ବିନେଶ ଫୋଗାଟ୍‌ଙ୍କୁ ଇଣ୍ଟରନାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ନୋଟିସ୍ ଜାରୀ କରିଛି। ଏହି ନୋଟିସ୍ ଡୋପିଙ୍ଗ୍ ଟେଷ୍ଟ ପାଇଁ ନିର୍ଦ୍ଧାରିତ ସମୟ ଏବଂ ସ୍ଥାନରେ ଉପସ୍ଥିତ ନଥିବା କାରଣରୁ ଦିଆଯାଇଛି। ଗତ ୧୨ ମାସ ମଧ୍ୟରେ ଏହା ବିନେଶ୍‌ଙ୍କ ଏପରି ପ୍ରଥମ ଭୁଲ। ଅବଶ୍ୟ ଏହି ଚେତାବନୀ ଆଗାମୀ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଭାଗନେବା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ମାତ୍ର ନିୟମ ଅନୁସାରେ ଯଦି ଭବିଷ୍ୟତରେ ସେ ଏପରି ଆଉ ଦୁଇଟି ତ୍ରୁଟି କରନ୍ତି, ତେବେ ତାଙ୍କ ଉପରେ ଦୁଇବର୍ଷର ପ୍ରତିବନ୍ଧ ଲଗାଯାଇପାରେ। ଇଣ୍ଟରନାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ନୋଟିସ୍ ଅନୁସାରେ ମାମଲା ୨୦୨୫ ଡିସେମ୍ବର ୧୮ ତାରିଖର।



ଡୋପିଙ୍ଗ୍ କଣ୍ଟ୍ରୋଲ୍ ଅଫିସର୍ (ଡିସିଓ) ବିନେଶ ଫୋଗାଟ୍ କହିଥିବା ବେଙ୍ଗାଲୁରୁ ଠିକଣାରେ ପହଞ୍ଚିଥିଲେ। ମାତ୍ର ନିର୍ଦ୍ଧାରିତ ୬୦ ମିନିଟ୍‌ର ଟାଇମ୍ ସ୍ଲଟ୍ ମଧ୍ୟରେ ସେ ସେଠାରେ ଉପସ୍ଥିତ ନଥିଲେ। ନିୟମ ଅନୁସାରେ, ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍‌ରେ ସାମିଲ ଖେଳାଳିଙ୍କୁ ବିନା ନୋଟିସ୍‌ରେ ଟେଷ୍ଟ ପାଇଁ ପ୍ରତ୍ୟହ ଏକ ଘଣ୍ଟା ସମୟ ଦେବାକୁ ପଡ଼ିଥାଏ। ସେ ସମୟରେ ବିନେଶ ସେଠାରେ ମିଳିନଥିଲେ, ଯାହା ନିୟମର ଉଲ୍ଲଂଘନ ଭାବେ ଗ୍ରହଣ କରାଯାଇଛି। ବିନେଶଙ୍କୁ ୨୦୨୬ ଜାନୁଆରୀ ୫ ତାରିଖରେ ଏ ସମ୍ପର୍କରେ ସୂଚୀତ କରାଯାଇଥିଲା ଏବଂ ସେ ଜାନୁଆରୀ ୧୯ରେ ଏହାର ଜବାବ ଦେଇଥିଲେ। ବିନେଶ ନିଜ ସଫେଇରେ କହିଛନ୍ତି, ସେ ଦିନ ହରିଆଣା ବିଧାନସଭାର ଶୀତକାଳୀନ ଅଧିବେଶରେ ଅଂଶଗ୍ରହଣ ପାଇଁ ସେ ବେଙ୍ଗାଲୁରୁରୁ ଚଣ୍ଡିଗଡ଼ ଯାଇଥିଲେ। ବିନେଶ କହିଛନ୍ତି କି ବ୍ୟସ୍ତତା କାରଣରୁ ସେ ନିଜ ଲୋକେସନ୍ ଅପ୍‌ଡେଟ୍ କରିପାରି ନାହାନ୍ତି। ବିନେଶ ଫୋଗାଟ୍ ପ୍ରାୟ ୨୦ ମାସ ପରେ ପୁଣିଥରେ ରେସ୍‌ଲିଂ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ ପରେ ସେ ରେସ୍‌ଲିଂରୁ ସନ୍ନ୍ୟାସ ଘୋଷଣା କରିଥିଲେ। ମାତ୍ର କିଛିମାସ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra